

୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ 'ସକାଳ' ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ।

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ PANIKOILI ■ SAMBALPUR

◆VOLUME- 43 ◆ISSUE-211 ◆MONDAY ◆26 JANUARY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୧୧ ◆ସୋମବାର ◆୨୬ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଶୁଭାଂଶୁ ଶୁକ୍ଲାଙ୍କୁ ଅଶୋକ ଚକ୍ର


## ଦିବଂଗତ ଅଭିନେତା ଧର୍ମେନ୍ଦ୍ରଙ୍କୁ ମିଳିବ ପଦ୍ମବିଭୂଷଣ ସମ୍ମାନ

## ଅଲ୍‌କା ୟାଗ୍‌ନିକ୍, ମାମୁଟ୍ଟୀ, ବିଜୟ ଅମୃତ୍‌ରାଜଙ୍କୁ ପଦ୍ମଭୂଷଣ

■ ନୂଆଦିଲ୍ଲୀ, ୨୫।୧ (ଏଜେନ୍ସି): ଅପୂର୍ବ ସାହସ ଓ ବୀରତ୍ୱର ପରାକାଷ୍ଠା ଦେଖାଇ ମହାକାଶ କେନ୍ଦ୍ରରେ ପାଦ ଥାପିଥିବା ପ୍ରଥମ ଭାରତୀୟ ତଥା ବାୟୁସେନାର ଗ୍ରୁପ୍ କ୍ୟାପ୍‌ଟେନ ଶୁଭାଂଶୁ ଶୁକ୍ଲାଙ୍କୁ ଦେଶର ଶାନ୍ତି ସମୟର ସର୍ବୋଚ୍ଚ ସାମରିକ ସମ୍ମାନ 'ଅଶୋକ ଚକ୍ର' ପ୍ରଦାନ କରାଯିବ। ସେହିପରି ଦିବଂଗତ ଅଭିନେତା ଧର୍ମେନ୍ଦ୍ର, ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ କେ ଟି ଥୋମାସ୍, କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଭି ଏସ୍ ଅଚ୍ୟୁତାନନ୍ଦନ୍, ଶାସ୍ତ୍ରୀୟ ଭାୟୋଲିନ ବାଦକ ଏନ. ରାଜମ୍ ଏବଂ ବିଶିଷ୍ଟ ଲେଖକ ପି. ନାରାୟଣଙ୍କୁ ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମଭିଭୂଷଣ ପାଇବାକୁ ମନୋନୀତ ହୋଇଛନ୍ତି।






ଶୁଭାଂଶୁ ଶୁକ୍ଲା



ଧର୍ମେନ୍ଦ୍ର ସିଂହ ଦେଓଲ

୭୭ତମ ସାଧାରଣତନ୍ତ୍ର ଦିବସ ପାଳନର ଅବ୍ୟବହିତ ପୂର୍ବରୁ ରବିବାର ସନ୍ଧ୍ୟାରେ କେନ୍ଦ୍ର ସରକାର ▶ପୃଷ୍ଠା-୭

## ୪ ଓଡ଼ିଆଙ୍କୁ ମିଳିବ ପଦ୍ମଶ୍ରୀ


■ ଭୁବନେଶ୍ୱର, ୨୫ ।୧(ସମିସ): ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାର 'ପଦ୍ମ ପୁରସ୍କାର' (ପଦ୍ମବିଭୁଷଣ, ପଦ୍ମଭୂଷଣ ଓ ପଦ୍ମଶ୍ରୀ) ଘୋଷଣା କରାଯାଇଛି। ୨୦୨୬ ପାଇଁ ମୋଟ୍ ୧୩୧ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିବାକୁ ରାଷ୍ଟ୍ରପତି ଅନୁମୋଦନ କରିଥିବାବେଳେ ଓଡ଼ିଶାରୁ ୪ ଜଣ ସ୍ଥାନ ପାଇଛନ୍ତି। ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଚରଣ ହେମ୍ବ୍ରମ ଓ ମହେନ୍ଦ୍ର କୁମାର ମିଶ୍ର ଏବଂ କଳା କ୍ଷେତ୍ରରେ ଶରତ କୁମାର ପାତ୍ର ଓ ସୀମାଞ୍ଚଳ ପାତ୍ରଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ କରାଯିବ। ଲଗାତାର ୩ ବର୍ଷ ଧରି ଓଡ଼ିଶାରୁ ୪ ଜଣ ▶ପୃଷ୍ଠା-୭

## ଆଗୁଆ ପଞ୍ଚାୟତ ନିର୍ବାଚନକୁ କମିସନଙ୍କ 'ନା'

# ନିର୍ଦ୍ଧାରିତ ସମୟରେ ହେବ ନିର୍ବାଚନ

■ ଭୁବନେଶ୍ୱର, ୨୫।୧ (ସମିସ): ରାଜ୍ୟରେ ଆଗୁଆ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବ ନାହିଁ। ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକ ନିର୍ଦ୍ଧାରିତ ୫ ବର୍ଷ ପୂରଣ କରିବା ପରେ ଧାର୍ଯ୍ୟ ସମୟରେ ନିର୍ବାଚନ କରାଯିବ। ରବିବାର ରାଜ୍ୟ ନିର୍ବାଚନ କମିଶନ ମଧୁସୂଦନ ପାଢ଼ୀ ସ୍ୱଷ୍ଟ ଭାବରେ ଏହା ପ୍ରକାଶ କରିବା ପରେ ଦିନକ ତଳେ ଆରମ୍ଭ ହୋଇଥିବା କଳ୍ପନାଜଳ୍ପନାରେ ଯବନିକା ପଡ଼ିଛି। ରାଜ୍ୟରେ ୫୦ରୁ ଉର୍ଦ୍ଧ୍ୱ ସରପଞ୍ଚ, ସମିତି ସଭ୍ୟ ଓ ଶତାଧିକ ୱାର୍ଡମେମ୍ବର ପଦ ଖାଲି ପଡ଼ିଛି। ବର୍ଷବର୍ଷ ଧରି ଏହାର ନିର୍ବାଚନ କରାଯାଉ ନାହିଁ; ଏପରିକି ନିର୍ବାଚନ ପାଇଁ ବିଜ୍ଞପ୍ତି ପକାଶ କରି ଏହାକୁ ପୁଣି ପ୍ରତ୍ୟାହାର କରାଯାଇଛି। ଏପରି ସମୟରେ ଆଗୁଆ ପଞ୍ଚାୟତ ନିର୍ବାଚନ ସଂକ୍ରାନ୍ତରେ ଶାସକ ଦଳ ସଭାପତି କିପରି ଆକଳନ କଲେ ତାହାକୁ ନେଇ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ଏ ସମ୍ପର୍କରେ ସରକାର ସ୍ୱଷ୍ଟୀକରଣ ଦିଅନ୍ତୁ ବୋଲି ଦାବି କରିଛନ୍ତି।

### ଦିନକ ତଳେ ଆଗୁଆ ନିର୍ବାଚନ ସମ୍ଭାବନା ଥିବା କହିଥିଲା ବିଜେପି

### ବିଜେପି ପାର୍ଟି ଅଫିସରେ ନିର୍ବାଚନ ଘୋଷଣାକୁ ବିରୋଧୀଙ୍କ ନିନ୍ଦା

ଶନିବାର ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଆଗୁଆ ପଞ୍ଚାୟତ ନିର୍ବାଚନ ପାଇଁ ମନମୋହନ ସାମଲ ସୂଚନା ଦେଇଥିଲେ। ସେ କହିଥିଲେ ଯେ ସାରା ଦେଶରେ ଫେବ୍ରୁଆରୀ ମାସରେ ଜନଗଣନା ଆରମ୍ଭ ହେବ। ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଜାନୁଆରୀ-ଫେବ୍ରୁଆରୀ ମାସରେ ହେବାକୁ ଥିବାବେଳେ ଏହାର ୨ରୁ ୩ ମାସ ଆଗରୁ ନିର୍ବାଚନ କରିବାକୁ ରାଜ୍ୟ ସରକାର ପ୍ରସ୍ତୁତ କରୁଛନ୍ତି। ତେଣୁ ଯେଉଁମାନେ ବିଜେପି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟମାନେ ରହିଛନ୍ତି, ସେମାନେ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରନ୍ତୁ। ଗତ ୪ ବର୍ଷରେ ଯେଉଁ ▶ପୃଷ୍ଠା-୭

## 'ସକାଳ'ର ଛୁଟି

ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ 'ସକାଳ' କାର୍ଯ୍ୟାଳୟ ଛୁଟି ରହୁଥିବାରୁ ୨୭ ତାରିଖ ସଂସ୍କରଣ ବନ୍ଦ ରହିବ। ପରବର୍ତ୍ତୀ ସଂସ୍କରଣ ୨୮ ତାରିଖ (ବୁଧବାର) ପ୍ରକାଶ ପାଇବ।

-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

# କେନ୍ଦୁଝରରେ ଟ୍ରିପଲ୍-ମର୍ଡର୍

■ ଆନନ୍ଦପୁର, ୨୫।୧ (ସମିସ): ଗୋଟିଏ କି ଦୁଇଟି ନୁହେଁ, ଏକାଥରେ ଗଡ଼ିଛି ତିନିତିନିଟି ମୁଣ୍ଡ। ଗୋଟିଏ ପରିବାରର ୩ ଜଣଙ୍କୁ ପିଟିପିଟି ହତ୍ୟା କରାଯାଇଛି। କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ଖାଳିଆମେଣ୍ଟା ପଞ୍ଚାୟତର ନିଆଳିଝରଣ ଗ୍ରାମରେ ରବିବାର ସଂଧ୍ୟାରେ ଏପରି ଏକ ସାଂଘାତିକ ଘଟଣା ଘଟିଛି। ଏହି ଖବର ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତକମାନେ ହେଲେ, ଜିତେନ୍ଦ୍ର ସୋରେନ୍, ତାଙ୍କ ସ୍ତ୍ରୀ ମାଳତୀ ସୋରେନ୍ ଓ ଝିଅ ଡାବିରି ସୋରେନ୍। ସେହିପରି ଏହି ଅଘଟଣରେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ଲାଗି ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ହତ୍ୟାକାଣ୍ଡର କାରଣ ସ୍ୱଷ୍ଟ ହୋଇନଥିବା ବେଳେ ବିଭିନ୍ନ ଦିଗ ସଂପର୍କରେ ଆଲୋଚନା ହେଉଛି। ନିକଟ ଅତୀତରେ ଜିତେନ୍ଦ୍ର, ମାଳତୀ ଓ ତାଙ୍କ ଝିଅ ଡାବିରି ନିଜର ଧର୍ମ ପରିବର୍ତ୍ତନ କରିଥିଲେ। ସେତେବେଳେ ଏହାକୁ କିଛି ସ୍ଥାନୀୟ ଲୋକ ବିରୋଧ କରିଥିଲେ। ଏହା ହତ୍ୟାକାଣ୍ଡର କାରଣ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ସେହିପରି ଜମିବାଡ଼ି ବିବାଦ ଓ ଗୁଣିଗାରେଡ଼ିକୁ ନେଇ ମଧ ଏହି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ଆଲୋଚନା ହେଉଛି। ଘସିପୁରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ଜଣଙ୍କୁ ଅଟକ ରଖି ପଚରାଉରା କରୁଛି। ପୁଲିସ ସବୁ ଦିଗକୁ ନେଇ ତଦନ୍ତ ଚଳାଇଛି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି।



# ଅଫେରା ରାଇଜରେ ଅଭିଜିତ

### ଓଡ଼ିଆ ସଙ୍ଗୀତ ଜଗତ ସ୍ତବ୍ଧ

■ ଭୁବନେଶ୍ୱର, ୨୫।୧ (ସମିସ): ଅଫେରା ରାଇଜରେ ଅଭିଜିତ ଦା'। ଓଡ଼ିଶା ସଂଗୀତ ଜଗତର ବାଦ୍‌ଶାହ ଅଭିଜିତ ମଜୁମଦାରଙ୍କ ରବିବାର ସକାଳେ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କୁ ୫୪ବର୍ଷ ହୋଇଥିଲା। ସେ ଯକୃତଜନିତ ରୋଗରେ ପୀଡ଼ିତ ଥିଲେ। ଗତ ବର୍ଷ ସେପ୍ଟେମ୍ବର ୪ ତାରିଖରେ ପରିବାରଲୋକ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ଦୀର୍ଘ ଦିନ ଧରି ଆଇସିୟୁରେ ଚିକିତ୍ସା କରାଯାଇଥିଲା। ଅବସ୍ଥାରେ ଉନ୍ନତି ହେବାରୁ ଗତ ନଭେମ୍ବର ୧୦ ତାରିଖରେ ତାଙ୍କୁ ମେଡିସିନ୍ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ସେ ଧୀରେଧୀରେ ସୁସ୍ଥ ହେଉଥିବାରୁ ଏମ୍‌ସ କର୍ତ୍ତୃପକ୍ଷ ତାଙ୍କୁ ଡିସ୍‌ଚାର୍ଜ କରିବାକୁ ଚିନ୍ତା କରୁଥିଲେ। କିନ୍ତୁ ଦୁଇ ଦିନ ତଳେ ହଠାତ୍ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଏମ୍‌ସ ଡାକ୍ତରୀଦଳଙ୍କ ସମସ୍ତ ପ୍ରକାର ଉଦ୍ୟମ ସତ୍ତ୍ୱେ ▶ପୃଷ୍ଠା-୭




ସକାଳ
www.sakalaepaper.com

## ପ୍ରମୁଖ ଜେନେରାଲଙ୍କ ବିରୋଧରେ ଚାଲିବ ତଦନ୍ତ | ଚୀନ୍ ରାଷ୍ଟ୍ରପତିଙ୍କୁ ହତ୍ୟା ଷଡ଼ଯନ୍ତ୍ର

ବେଜିଂ, ୨୫।୧ (ଏଜେନ୍ସି): ଅନ୍ୟ ଦେଶର ଆଭ୍ୟନ୍ତରୀଣ ମାମଲାରେ ହସ୍ତକ୍ଷେପ କରୁଥିବା ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ହତ୍ୟା ଷଡ଼ଯନ୍ତ୍ର ହେଉଛି । ଏହାକୁ ନେଇ ପୁଣି ଚୀନ୍ ସେନାରେ ହଇଚଇ ଖେଳି ଯାଇଛି। ପିପୁଲ୍ସ ଲିବରେସନ ଆର୍ମି (ପିଏଲଏ)ର ସବୁଠାରୁ ଶକ୍ତିଶାଳୀ ଜେନେରାଲଙ୍କ ମଧ୍ୟରୁ ଅନ୍ୟତମ ତଥା ରାଷ୍ଟ୍ରପତି ଜିନପିଙ୍ଗ ଘନିଷ୍ଠ ଝାଙ୍ଗ ୟୁସିଆକୁ ତଦନ୍ତ ପରିସରକୁ ନେବା ପରେ ଏହି ଆଶଙ୍କା ବଢ଼ିବାରେ ଲାଗିଛି। ଚୀନ୍ ପ୍ରତିରକ୍ଷା ମନ୍ତ୍ରାଳୟ ଏହି ତଦନ୍ତ ହେଉଥିବା ସ୍ପଷ୍ଟ କରିଛି। ରାଷ୍ଟ୍ରପତିଙ୍କୁ ୟୁସିଆ ହତ୍ୟା ଷଡ଼ଯନ୍ତ୍ର କରୁଥିଲେ ବୋଲି କୁହାଯାଉଛି। ବିଶେଷଜ୍ଞଙ୍କ ଅନୁଯାୟୀ ଜିନପିଙ୍ଗଙ୍କୁ ସେ କ୍ଷମତାଚ୍ୟୁତ କରିବା ପାଇଁ ଚାହୁଁଥିଲେ। ମାତ୍ର ୟୁସିଆ ନିଜେ ଜିନପିଙ୍ଗଙ୍କ ଜାଲରେ ଫସି ଯାଇଥିଲେ। ତାଙ୍କ ବିରୋଧରେ ଅନୁଶାସନ ଏବଂ ଆଇନ ଉଲ୍ଲଙ୍ଘନ ଅଭିଯୋଗ ଲାଗିଛି।


ସୂଚନା ଅନୁଯାୟୀ, ଚୀନର ସବୁଠାରୁ ଶକ୍ତିଶାଳୀ ସାମରିକ ସଂସ୍ଥା କେନ୍ଦ୍ରୀୟ ସାମରିକ କମିଶନର ଉପାଧ୍ୟକ୍ଷ ତଥା ସାମରିକ ବିଭାଗରେ ଏକ ଉଚ୍ଚ ପଦବୀରେ ଝାଙ୍ଗ୍ କାର୍ଯ୍ୟ କରୁଛନ୍ତି। ସେ ଜିନପିଙ୍ଗଙ୍କ ଅଧୀନରେ ସେନାର ପ୍ରତ୍ୟକ୍ଷ କମାଣ୍ଡରେ ଥିଲେ । ୭୫ ବର୍ଷ ବୟସ ୟୁସିଆ ୧୯୬୮ରେ ସେନାରେ ଯୋଗ ଦେଇଥିଲେ। ଚୀନ୍ ସାମରିକ ବାହିନୀର ଜଣେ ଅଭିଜ୍ଞ ଜେନେରାଲ ଭାବେ ସେ ପରିଚିତ। ଚୀନ ବିଶେଷଜ୍ଞ ତଥା ମାନବାଧିକାର କର୍ମୀ ଜେନିଫର ଜେଙ୍ଗଙ୍କ ଦାବି କହିଛନ୍ତି ଯେ ଜିନପିଙ୍ଗଙ୍କୁ ହଟାଇବା ପାଇଁ ପ୍ରୟାସ କରାଯାଇଥିଲା। ପୁରୁଣା କମ୍ୟୁନିଷ୍ଟ ନେତାମାନଙ୍କ ସହ ମିଶି କ୍ଷମତା ପରିବର୍ତ୍ତନ ଚାହୁଁଥିବା ଲୋକଙ୍କ ମଧ୍ୟରେ ୟୁସିଆ ଥିଲେ। ପୂର୍ବତନ ରାଷ୍ଟ୍ରପତି ହୁ ଜିନତାଓ, ପୂର୍ବତନ ପ୍ରଧାନମନ୍ତ୍ରୀ ୱେନ୍ ଜିଆବାଓ ଏବଂ ୟୁସିଆ ପ୍ରମୁଖ ଜିନପିଙ୍ଗଙ୍କୁ ହଟାଇ ତାଙ୍କ କ୍ଷମତା ହ୍ରାସ କରିବାକୁ ଚାହୁଁଥିଲେ। ଚୀନକୁ ଡେଙ୍ଗ ଜିଆଓପିଙ୍ଗ ଯୁଗକୁ ଫେରାଇ ଆଣିବା ତାଙ୍କର ଲକ୍ଷ୍ୟ ଥିଲା। ମାତ୍ର ଭୁଲ ସମୟରେ ଭୁଲ ପଦକ୍ଷେପ ନେଇ ଧରା ପଡ଼ିଥିଲେ। ଏହି ଷଡଯନ୍ତ୍ରକୁ ବିଫଳ କରିବା ପାଇଁ ଜିନପିଙ୍ଗ ଜାଣିଶୁଣି ମେଡିକାଲରେ ଭର୍ତ୍ତି ହୋଇଥିଲେ।

ୟୁସିଆଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରୁ ହେପାଜତକୁ ନିଆଯାଇଥିଲା। ସେ ଚାରି ଜଣ ସୁରକ୍ଷାକର୍ମୀଙ୍କ ସହ ଏଠାରେ ପହଞ୍ଚି ଥିବାବେଳେ ଶହେରୁ ଅଧିକ ଲୋକେ ତାଙ୍କୁ ଘେରି ନେଇଥିଲେ।

## ଶଙ୍କରାଚାର୍ଯ୍ୟଙ୍କ ମନ୍ତବ୍ୟ | ଯେତେ ସମସ୍ୟା ସୃଷ୍ଟି କଲେ ବି ପଛଘୁଞ୍ଚା ଦେବିନି

### ବିବାଦକୁ ସୁଯୋଗ ଭାବୁଛନ୍ତି ଉପ-ମୁଖ୍ୟମନ୍ତ୍ରୀ

### ମୁଖ୍ୟମନ୍ତ୍ରୀ ହେବାକୁ ସ୍ୱପ୍ନ ଦେଖୁଛନ୍ତି କେଶବ ମୌର୍ଯ୍ୟ




ପ୍ରୟାଗରାଜ, ୨୫।୧ (ଏଜେନ୍ସି): ପ୍ରୟାଗରାଜରେ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ଏବଂ କୁମ୍ଭମେଳା ପ୍ରଶାସନ ମଧ୍ୟରେ ବିବାଦ ଥମିବାର ନା ଧରୁନି। ଗତ ୭ ଦିନ ହେଲା ଶଙ୍କରାଚାର୍ଯ୍ୟ ଅନଶନ କରୁଥିବାବେଳେ ଶନିବାର ରାତିରେ ତାଙ୍କ ଶିବିରରେ କିଛି ଲୋକ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଏମାନେ ଯୋଗୀଙ୍କ ସପକ୍ଷରେ ସ୍ଲୋଗାନ ଦେଇଥିଲେ। ଶଙ୍କରାଚାର୍ଯ୍ୟଙ୍କ ଶିଷ୍ୟଙ୍କ ସହ ଧସ୍ତାଧସ୍ତି ହୋଇଥିଲେ। ଏବେ ମାମଲା ଥାନାରେ ପହଞ୍ଚିଛି। ଶଙ୍କରାଚାର୍ଯ୍ୟଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ କୁହାଯାଇଛି। ଏହି ଘଟଣାକୁ ନେଇ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ସରକାରଙ୍କୁ ସମାଲୋଚନା କରିଛନ୍ତି। ଯେତେ ସମସ୍ୟା ସୃଷ୍ଟି କଲେ ବି ପଛଘୁଞ୍ଚା ଦେବି ନାହିଁ ବୋଲି କହିଛନ୍ତି। ସେ କହିଛନ୍ତି ଯେ ଗୋସୁରକ୍ଷା କଥା କହୁଥିବାରୁ ଆମକୁ ଆକ୍ରମଣ କରାଯାଉଛି। ବିଜେପି ଆମକୁ ସହିପାରୁ ନାହିଁ। ଯେତେ ସମସ୍ୟା ସୃଷ୍ଟି କଲେ ବି ପଛକୁ ହଟିବାର ନାହିଁ। ଯେତେ ଜୁଲମ କରିବେ ସେତେ ମଜବୁତର ସହ ପଦକ୍ଷେପ ନେବୁ।

ଅନ୍ୟପଟେ ଉପ-ମୁଖ୍ୟମନ୍ତ୍ରୀ କେଶବ ମୌର୍ଯ୍ୟ ଏହି ବିବାଦକୁ ସୁଯୋଗ ଭାବେ ଦେଖୁଥିବା ଚର୍ଚ୍ଚା ହେଉଛି। ସେ ଶଙ୍କରାଚାର୍ଯ୍ୟଙ୍କ ଆଧାର କରି ନିଜେ ମୁଖ୍ୟମନ୍ତ୍ରୀ ହେବାକୁ ସ୍ୱପ୍ନ ଦେଖୁଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଶଙ୍କରାଚାର୍ଯ୍ୟ ତୀବ୍ର ସମାଲୋଚନା କରୁଥିବାବେଳେ କେଶବ ନୂଆ ପନ୍ଥା ଆପଣାଇଛନ୍ତି। ସେ ବିବାଦର ଅନ୍ତ କରାଇବାକୁ ଶଙ୍କରାଚାର୍ଯ୍ୟଙ୍କୁ ଅନୁରୋଧ କରିଛନ୍ତି। ଏଥିପାଇଁ ସ୍ୱାମୀଙ୍କ ପାଦ ତଳେ ପଡ଼ି କ୍ଷମା ମାଗିବି ବୋଲି କହିଛନ୍ତି। ପୂର୍ବରୁ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଇବା ପାଇଁ ଶଙ୍କରାଚାର୍ଯ୍ୟ କହିଥିଲେ। ସାଧୁସନ୍ଥଙ୍କ ଏହି ଭାବନାକୁ ସମ୍ମାନ କରାଯିବା ଉଚିତ ବୋଲି କେଶବ କହିଛନ୍ତି।



ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ସାଧାରଣତନ୍ତ୍ର ଦିବସ ପରେଡ୍‌ର ଅଭ୍ୟାସ

## ସାମ୍ବାଦିକ ମାର୍କ ଟୁଲିଙ୍କ ପରଲୋକ



ନୂଆଦିଲ୍ଲୀ, ୨୫।୧ (ଏଜେନ୍ସି): ବରିଷ୍ଠ ସାମ୍ବାଦିକ ମାର୍କ ଟୁଲିଙ୍କ ପରଲୋକ ହୋଇଛି। ନୂଆଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ରବିବାର ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଏହି ସାମ୍ବାଦିକ କିଛି ଦିନ ଧରି ଅସୁସ୍ଥ ଥିଲେ। ସାକେତର ମ୍ୟାକ୍ସ ହସ୍ପିଟାଲରେ ତାଙ୍କର ଚିକିତ୍ସା ଜାରି ରହିଥିଲା। ମାର୍କ ଟଲିଙ୍କ ଜନ୍ମ କୋଲକାତାରେ ହୋଇଥିଲା। ସେ ୨୨ ବର୍ଷ ଧରି ବିବିସିର ନୂଆଦିଲ୍ଲୀ ବ୍ୟୁରୋ ମୁଖ୍ୟ ଭାବରେ କାର୍ଯ୍ୟ କରିଥିଲେ। ସେ ବିବିସି ରେଡିଓ ୪ କାର୍ଯ୍ୟକ୍ରମ 'ସମଥିଙ୍ଗ୍ ଅଣ୍ଡରଷ୍ଟୁଡ'ର ଜଣେ ପ୍ରସିଦ୍ଧ ଲେଖକ ଏବଂ ଉପସ୍ଥାପକ ମଧ୍ୟ ଥିଲେ। ସେ ୧୯୮୦ ଦଶକରେ ଖଲିସ୍ତାନୀ ଆତଙ୍କବାଦୀ ଭିଣ୍ଡରାୱାଲାର ସାକ୍ଷାତକାର ନେଇଥିଲେ। ତାଙ୍କୁ ୨୦୦୨ ମସିହାରେ ନାଇଟ୍ ଉପାଧି ଦିଆଯାଇଥିଲା। ୨୦୦୫ରେ ଭାରତ ସରକାର ତାଙ୍କୁ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରିଥିଲେ। ମାର୍କ ଟଲି ଭାରତ ଉପରେ ଅନେକ ପୁସ୍ତକ ଲେଖିଛନ୍ତି। ଏହା ମଧ୍ୟରେ ନୋ ଫୁଲ୍ ଷ୍ଟପ୍ସ ଇନ୍ ଇଣ୍ଡିଆ, ଇଣ୍ଡିଆ ଇନ୍ ସ୍ଲୋ ମୋସନ୍ ଏବଂ ଦି ହାର୍ଟ ଅଫ୍ ଇଣ୍ଡିଆ ସାମିଲ ରହିଛି। ଭାରତର ସ୍ୱର ଭାବେ ପରିଚିତ ଟଲି ଦୀର୍ଘ ବର୍ଷ ଧରି ଭାରତୀୟ ରାଜନୀତି, ସମାଜଏବଂ ସଂସ୍କୃତିର ଗଭୀର ବିଶ୍ଳେଷଣ କରି ବିଶ୍ୱକୁ ପରିଚିତ କରାଇଥିଲେ। ତାଙ୍କ ମୃତ୍ୟୁରେ ଗଣମାଧ୍ୟମରେ ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଟଲିଙ୍କ ପିତା ଏକ ରେଲୱେ କମ୍ପାନୀର ନିର୍ଦ୍ଦେଶକ ଥିଲେ। ସେ ବ୍ରିଟିଶ ଉପନିବେଶବାଦ ପରିବାରରୁ ଆସିଥିଲେ। ପିଲାବେଳେ ଭାରତରେ କିଛି ବର୍ଷ ବିତାଇବା ପରେ ଟଲି ଇଂଲଣ୍ଡ ପଳାଇ ଯାଇଥିଲେ। ଭାରତୀୟ ସଂସ୍କୃତି ତାଙ୍କ ଉପରେ ଗଭୀର ପ୍ରଭାବ ପକାଇ ଥିଲା।

## ଆକ୍ରମଣ ଭୟ: ବଙ୍କରରେ ଖାମନେଇ

ତେହରାନ, ୨୫।୧ (ଏଜେନ୍ସି): ସରକାର ବିରୋଧୀ ବିକ୍ଷୋଭ ପ୍ରଦର୍ଶନକୁ ଦଳିଦେବା ପାଇଁ ଇରାନ ସରକାର ଭଡ଼ାଟିଆ ସେନା ଲଗାଇ ଆନ୍ଦୋଳନକାରୀଙ୍କୁ ହତ୍ୟା କରି ଚାଲିଛନ୍ତି। ପ୍ରତିଶ୍ରୁତି ଦେଇ ଆମେରିକା ହାତ ଟେକିଦେବାରୁ ଏଭଳି ସ୍ଥିତି ହେଲା ବୋଲି ବିକ୍ଷୋଭକାରୀ ଅଭିଯୋଗ କରିଛନ୍ତି। ଏପରି ସମୟରେ ଆମରିକା ନୌସେନା ଯୁଦ୍ଧ ଜାହାଜ ୟୁଏସ୍ଏସ୍ ଆବ୍ରାହମ ଲିଙ୍କନ କ୍ୟାରିଅର ଷ୍ଟ୍ରାଇକ୍ ଗ୍ରୁପ୍ ଇରାନ ଅଭିମୁଖେ ବଢ଼ି ଚାଲିଛି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଜୋରଦାର ସଂଘର୍ଷ ହେବାର ଆଶଙ୍କା ରହିଛି। ଆମରିକାର ଏଭଳି ସମରସଜ୍ଜା ଦେଖି ଇରାନ ପିଳେହି ପାଣି ହୋଇଯାଇଛି। ଆମେରିକାକୁ ଡରେଇବା ପାଇଁ ବୃଥା ଧମକ ଦେଇଚାଲିଛି। ୱାଶିଂଟନ ଆକ୍ରମଣ କଲେ ଆଖପାଖରେ ଥିବା ଆମେରିକା ଘାଟୀଗୁଡ଼ିକୁ ଧ୍ୱଂସ କରିଦେବୁ ବୋଲି କୁହାଯାଇଛି। ଯୁଦ୍ଧର କଳା ବାଦଲ ଅଞ୍ଚଳକୁ ଘେରି ରହିଥିବା ବେଳେ ଇରାନର ସର୍ବୋଚ୍ଚ ଶାସକ ଅୟତୁଲ୍ଲା ଅଲ ଖାମନେଇ ଭୟରେ ଲୁଚି ରହିଛନ୍ତି। ସେ ଆମେରିକା କାର୍ଯ୍ୟାନୁଷ୍ଠାରୁ ବଞ୍ଚିବା ଲାଗି ମାଟି ତଳେ ଥିବା ବଙ୍କର (ଏଏଫୁପି) ରେ ଆଶ୍ରୟ ନେଇଛନ୍ତି। ଏହା ଏକ ବୁଲେଟ ପ୍ରୁଫ ଗଡ଼ ଭଳି। କୌଣସି ଆକ୍ରମଣ ଏହାକୁ ଭେଦି ପାରିବ ନାହିଁ। ଦୀର୍ଘ ଦିନ ହେଲା ତାଙ୍କୁ ସାର୍ବଜନୀନ ଭାବେ ଦେଖା ଯାଇ ନାହିଁ। ଏବେ ତାଙ୍କ ପୁଅ ସରକାର ଚଲାଉଛନ୍ତି।

ରିପୋର୍ଟ ଅନୁଯାୟୀ, ଆମେରିକା ଯେକୌଣସି ସମୟରେ ଏୟାର ଷ୍ଟ୍ରାଇକ୍ କରିପାରେ ବୋଲି ଇରାନର ବରିଷ୍ଠ ସାମରିକ ଅଧିକାରୀମାନେ ଖାମନେଇଙ୍କୁ ସୂଚନା ଦେଇଥିଲେ। ଏବେ ୮୬ ବର୍ଷୀୟ ଖାମନେଇ ତେହେରାନର ଏକ ବଙ୍କରରେ ଲୁଚି ରହିଛନ୍ତି। ଏହି ବଙ୍କରଟି ଅନେକ ଗୁପ୍ତ ଭୂତଳ ସୁଡ଼ଙ୍ଗ ସହିତ ସଂଯୁକ୍ତ ରହିଛି। ଆମେରିକା ଯୁଦ୍ଧ ଜାହାଜ ମଧ୍ୟପ୍ରାଚ୍ୟ ଅଭିମୁଖେ ମାଡ଼ି ଚାଲିଛି। ଏହା ସ୍ଥିତିକୁ ଅଧିକ ସଙ୍ଗୀନ କରିଦେଇଛି। ଏବେ ଖାମନେଇ ନିଜ ପ୍ରଶାସନିକ କାର୍ଯ୍ୟକୁ ସାନପୁଅ ମାସୁଦ ଖାମନେଇ (୫୩)ଙ୍କୁ ହସ୍ତାନ୍ତର କରିଛନ୍ତି। ସେ ସରକାରଙ୍କ କାର୍ଯ୍ୟନିର୍ବାହୀ ଶାଖା ଓ କ୍ଷମତାର ଅନ୍ୟାନ୍ୟ ଅଂଶ ମଧ୍ୟରେ ମୁଖ୍ୟ ଯୋଗାଯୋଗକାରୀର ଭୂମିକା ନିର୍ବାହ କରୁଛନ୍ତି। ଏହା ପୂର୍ବରୁ ଟ୍ରମ୍ପ ଘୋଷଣା କରିଥିଲେ ଯେ ଆମେରିକା ମଧ୍ୟପ୍ରାଚ୍ୟକୁ ଯୁଦ୍ଧଜାହାଜ ପଠାଉଛି। ଇରାନ ପ୍ରତି ଏହା ଏକ କଠୋର ଚେତାବନୀ ବୋଲି ଟ୍ରମ୍ପ କହିଥିଲେ। ଅନ୍ୟପଟେ ଆମେରିକା ଆଗରେ ମୁଣ୍ଡ ନୁଆଁଇବାକୁ ଇରାନ ମନା କରିଦେଇଛି। ଇରାନ ରାଷ୍ଟ୍ରପତି ମାସୁଦ ପେଜେସକିଆନ କହିଥିଲେ ଯେ ଆମେରିକା କିମ୍ବା ଇସ୍ରାଏଲ ଇରାନର ସର୍ବୋଚ୍ଚ ନେତାଙ୍କ ଉପରେ ଆକ୍ରମଣ ତାହାକୁ ଯୁଦ୍ଧ ଘୋଷଣା ବୋଲି ଧରାଯିବ।

## ଚଳଚ୍ଚିତ୍ର ନିର୍ମାତା ବିକ୍ରମ ଭଟ୍ଟଙ୍କ ଅଡୁଆ ବଢ଼ିଲା

### ୧୩.୫ କୋଟିର ଠକେଇ ମାମଲା ରୁଜୁ

ମୁମ୍ବଇ, ୨୫।୧ (ଏଜେନ୍ସି): ଚଳଚ୍ଚିତ୍ର ନିର୍ମାତା ବିକ୍ରମ ଭଟ୍ଟଙ୍କ ଅଡୁଆ କମ୍ ହେବାର ନା ଧରୁନି। ଏବେ ସେ ପୁଣି ଆଉ ଏକ ଠକେଇ ମାମଲାରେ ଫସିଛନ୍ତି। ବିକ୍ରମ ଏବଂ ତାଙ୍କ ଝିଅ କୃଷ୍ଣା ଭଟ୍ଟଙ୍କ ବିରୋଧରେ ମୁମ୍ବଇର ଭର୍ସୋଭା ଥାନାରେ ଠକେଇ ମାମଲା ରୁଜୁ ହୋଇଛି। ପୁନେର ଫିଲ୍ମ ଫାଇନାନ୍ସର ଶିବରାଜ ପୃଥ୍ୱୀରାଜ ଖାୱାଡେ ଅଭିଯୋଗ କ୍ରମେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବାପଝିଅ ଉଭୟେ ତାଙ୍କୁ ୧୩.୫ କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗରେ କୁହାଯାଇଛି ଯେ ୨୦୨୧ରେ ଆଗାମୀ ଫିଲ୍ମରେ ନିବେଶ କରିବାକୁ ଖାୱାଡେଙ୍କୁ ବିକ୍ରମ ରାଜି କରାଇ ନେଇଥିଲେ। ନିବେଶ ଟଙ୍କା ଶୀଘ୍ର ଫେରାଇ ଦେବେ ପାଇଁ ମଧ୍ୟ ସେ ପ୍ରତିଶ୍ରୁତି ଦେଇଥିଲେ। ଏ ବାବଦକୁ ଚଳଚ୍ଚିତ୍ର ନିର୍ମାତା ତାଙ୍କଠାରୁ ମୋଟ ୧୩.୫୦ କୋଟି ଟଙ୍କା ନେଇଥିଲେ। ମାତ୍ର ନିର୍ଦ୍ଧାରିତ ସମୟ ପରେ ବି ମୂଳ ଟଙ୍କା କିମ୍ବା କୌଣସି ଲାଭ ଦିଆଯାଇ ନ ଥିଲା। ୨୦୨୧ର ଘଟଣା ହୋଇଥିବାରୁ ଆଇପିସିର ବିଭିନ୍ନ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି। ମାମଲାର ଗମ୍ଭୀରତାକୁ ଦେଖି ମୁମ୍ବଇ ପୋଲିସର ଅର୍ଥନୈତିକ ଅପରାଧ ଶାଖା (ଇଓଡବଲ୍ୟୁ)କୁ ଏହାକୁ ସ୍ଥାନାନ୍ତର କରାଯାଇଛି। ଏହା ପୂର୍ବରୁ ଗତ ବର୍ଷ ଡିସେମ୍ବର ୭ରେ ବିକ୍ରମ ଭଟ୍ଟ ଏବଂ ତାଙ୍କ ପତ୍ନୀ ଶ୍ୱେତାମ୍ବରୀଙ୍କୁ ରାଜସ୍ଥାନ ପୁଲିସ ୩୦ କୋଟି ଟଙ୍କାର ଠକେଇ ଅଭିଯୋଗରେ ଗିରଫ କରିଥିଲା। ଏକ ବ୍ୟବସାୟିକ ଚୁକ୍ତି ସହିତ ଜଡିତ ଆର୍ଥିକ ଅନିୟମିତତାନେଇ ଉଭୟଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା।

## ବାଂଲାଦେଶରେ ଥମୁନି ହିନ୍ଦୁ-ବିରୋଧୀ ହିଂସା

### ହିନ୍ଦୁ ଯୁବକଙ୍କୁ ଜିଅନ୍ତା ଜାଳି ହତ୍ୟା

ଢାକା, ୨୫।୧ (ଏଜେନ୍ସି): ସଂଖ୍ୟାଲଘୁଙ୍କ ପାଇଁ ବାଂଲାଦେଶ ନର୍କ ପାଲଟି ଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନା ବିତାଡ଼ିତ ହେବା ପରଠାରୁ ଆରମ୍ଭ ହୋଇଥିବା ହିଂସା ଜଣଙ୍କ ପରେ ଜଣେ ହିନ୍ଦୁଙ୍କ ଜୀବନ ନେଇ ଚାଲିଛି। ବାଂଲାଦେଶର କାମଚଳା ମହମ୍ମଦ ୟୁନୁସଙ୍କ ସରକାରଙ୍କ ସ୍ଥାଣୁତା ଏବଂ ନିର୍ବାଚନ ଘୁଞ୍ଚାଇବାର ଚକ୍ରାନ୍ତ ହିନ୍ଦୁଙ୍କ ଜୀବନକୁ ବିପଦମ ମୟ କରିଦେଇଛି। କ୍ରମାଗତ ଭାବେ ହିନ୍ଦୁଙ୍କୁ ନିଶାଣ କରାଯାଉଛି। ଏହି କ୍ରମରେ ବାଂଲାଦେଶରେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ଜିଅନ୍ତା ଜାଳି ହତ୍ୟା କରାଯାଇଛି। ନରସିଦି ସହର ସ୍ଥିତ ପୁଲିସ ଲାଇନକୁ ଲାଗି ରହିଥିବା ମସଜିଦ ମାର୍କେଟ ଅଞ୍ଚଳରେ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ୨୩ ବର୍ଷୀୟ ଚଞ୍ଚଲ ଚନ୍ଦ୍ର ଭୌମିକଙ୍କୁ ଅତି ନୃଶଂସ ଭାବେ ମାରି ଦିଆଯାଇଛି। ଶୁକ୍ରବାର ରାତିରେ ଗ୍ୟାରେଜ ଭିତରୁ ଭୌମିକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତାଙ୍କ ପରିବାର ସଦସ୍ୟ ଏହାକୁ ସୁଚିନ୍ତିତ ଷଡ଼ଯନ୍ତ୍ର କହିଛନ୍ତି। ଏହାକୁ ମିଶାଇ ବାଂଲାଦେଶରେ ଗତ ୪୦ ଦିନ ମଧ୍ୟରେ ୧୦ ହିନ୍ଦୁଙ୍କୁ ହତ୍ୟା କରାଗଲାଣି। ଏହା ପୂର୍ବରୁ ଗତ ବର୍ଷ ଡିସେମ୍ବର ୧୮ ରେ ମୟମନସିଂ ଜିଲ୍ଲାରେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କୁ ଏକ ଭିଡ଼ ପିଟି ପିଟି ହତ୍ୟା କରିଥିଲା। ତାଙ୍କ ମୃତଦେହକୁ ଗଛରେ ଝୁଲାଇ ନିଆଁ ଲଗାଇ ଦିଆଯାଇଥିଲା।

ସୂଚନା ଅନୁଯାୟୀ, ଚଞ୍ଚଲ ଯେଉଁ ଗ୍ୟାରେଜରେ କାମ କରୁଥିଲା ସେଠାରୁ ତାଙ୍କ ମୃତଦେହ ମିଳିଛି। ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଛି। ଏବେ ସିସିଟିଭି ଫୁଟେଜର ଯାଞ୍ଚ କରାଯାଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଘଟଣା ସମୟରେ ଚଞ୍ଚଲ ଗ୍ୟାରେଜ ଭିତରେ ଶୋଇଥିଲେ। ରାତିରେ କେହି ବାହାରୁ ସଟରରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ନିଆଁ ଶୀଘ୍ର ଭିତରେ ବ୍ୟାପି ଯାଇଥିଲା। ସେମାନେ ବାହାରେ ଥାଇ ଭୌମିକ ଛଟପଟ ହେଉଥିବାର ଦେଖିଥିଲେ। ପ୍ରାଣ ହରାଇବା ପରେ ସେଠାରୁ ପଳାଇ ଥିଲେ। ଚଞ୍ଚଲ ତାଙ୍କ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ପୂର୍ବରୁ ତାଙ୍କ ବାପାଙ୍କ ମୃତ୍ୟୁ ହୋଇସାରିଥିଲା। ସେ ତାଙ୍କ ଅସୁସ୍ଥ ମାଆ, ଅକ୍ଷମ ବଡ଼ ଭାଇ ଓ ସାନ ଭାଇଙ୍କ ପେଟ ପୋଷୁଥିଲେ। କାହା ସହ ଚଞ୍ଚଲଙ୍କ କୌଣସି ଶତ୍ରୁତା ନ ଥିଲା।

## ଟ୍ରମ୍ପଙ୍କୁ ମେଲୋନିଙ୍କ ବିରୋଧ



ୱାଶିଂଟନ, ୨୫।୧ (ଏଜେନ୍ସି): ଆଫଗାନିସ୍ତାନ ଯୁଦ୍ଧରେ ନାଟୋର ଭୂମିକାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ମନ୍ତବ୍ୟକୁ ସଦସ୍ୟ ରାଷ୍ଟ୍ରଗୁଡ଼ିକ ତୀବ୍ର ବିରୋଧ କରିଛନ୍ତି। ନାଟୋ ଦେଶ ଗୁଡ଼ିକୁ ଏହାକୁ ନେଇ ଚାପା ଅସନ୍ତୋଷ ପ୍ରକାଶ କରିବା ପରେ ଟ୍ରମ୍ପ ନିଜ ସୁର ବଦଳାଇ ସ୍ଥିତିକୁ ସମ୍ଭାଳିବାକୁ ପ୍ରୟାସ କରିଛନ୍ତି। ସେ ଶନିବାର ବ୍ରିଟିଶ ସୈନିକଙ୍କୁ ପ୍ରଶଂସା କରିଛନ୍ତି। ଆଫଗାନିସ୍ତାନ ଯୁଦ୍ଧରେ ଦେଇଥିବା ବଳିଦାନକୁ ମନେ ପକାଇଛନ୍ତି। ସାମାଜିକ ଗଣମାଧ୍ୟମରେ ଟ୍ରମ୍ପ ଲେଖିଛନ୍ତି ବ୍ରିଟେନର ମହାନ ଏବଂ ଅତ୍ୟନ୍ତ ସାହସୀ ସୈନିକମାନେ ସବୁବେଳେ ଆମେରିକା ସହିତ ରହିବେ। ଆଫଗାନିସ୍ତାନରେ ୪୫୭ ଜଣ ବ୍ରିଟିଶ ସୈନିକଙ୍କ ମୃତ୍ୟୁ ଘଟିଛି। ଅନେକ ଗୁରୁତର ଆହତ ହୋଇଛନ୍ତି। ସେମାନେ ବିଶ୍ୱର ସର୍ବଶ୍ରେଷ୍ଠ ଯୋଦ୍ଧାମାନଙ୍କ ମଧ୍ୟରେ ଅନ୍ୟତମ। ଏହା ପୂର୍ବରୁ ଟ୍ରମ୍ପ ଏକ ସାକ୍ଷାତକାରରେ କହିଥିଲେ ଯେ ଆଫଗାନିସ୍ତାନରେ ନାଟୋ ଦେଶଙ୍କ ସୀମିତ ଭୂମିକା ଥିଲା। ସେମାନେ ସମ୍ମୁଖରୁ ଦୂରରେ ରହିଥିଲେ। ଟ୍ରମ୍ପଙ୍କ ଏହି ମନ୍ତବ୍ୟ ନାଟୋ ସହଯୋଗୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି କରିଥିଲା।

ଅନ୍ୟପକ୍ଷରେ ଟ୍ରମ୍ପଙ୍କ ମନ୍ତବ୍ୟକୁ ୨୦୦୧ ସେପ୍ଟେମ୍ବର ୧୧ ଆକ୍ରମଣ ପରେ ନାଟୋ ଦେଖାଇଥିବା ଏକତା ପ୍ରତି ଅପମାନ ବୋଲି ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି କହିଛନ୍ତି। ସେ ଟ୍ରମ୍ପଙ୍କ ଦାବିକୁ ଖଣ୍ଡନ କରିଦେଇଛନ୍ତି। ସେ କହିଛନ୍ତି ଯେ ଆକ୍ରମଣ ପରେ ନାଟୋ ଇତିହାସରେ ପ୍ରଥମ ଥର ପାଇଁ ଧାରା ୫ ସକ୍ରିୟ କରାଯାଇଥିଲା। ଏହାକୁ ସମସ୍ତେ ସମର୍ଥନ ଦେଇଥିଲେ। ଆମେ ଆଫଗାନିସ୍ତାନରେ ହଜାର ହଜାର ସୈନ୍ୟଙ୍କୁ ମୁତୟନ କରିଥିଲୁ।

## ମହାକାଶରେ ଘର ତୋଳିବ ଭାରତ

### ପ୍ରସ୍ତୁତି ଆରମ୍ଭ କଲା ଇସ୍ରୋ



ନୂଆଦିଲ୍ଲୀ, ୨୫।୧(ଏଜେନ୍ସି): ଖୁବ୍ଶୀଘ୍ର ମହାକାଶରେ ଭାରତ ନିଜର ଘର ଅର୍ଥାତ ସ୍ପେଶ୍ ଷ୍ଟେସନ ସ୍ଥାପନ କରିବ। ଏଥିପାଇଁ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ପ୍ରସ୍ତୁତି ଆରମ୍ଭ କରିବା ସହ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। ଏହାର ମୂଳ ମଡ୍ୟୁଲ ନିର୍ମାଣ ପାଇଁ ଭାରତୀୟ କମ୍ପାନୀଗୁଡିକଠାରୁ ଆବେଦନ ଆମନ୍ତ୍ରଣ କରାଯାଇଛି। ୨୦୨୮ରେ ଭରାତୀୟ ମହାକାଶ ଷ୍ଟେସନର ପ୍ରଥମ ମଡ୍ୟୁଲ୍ ଉତ୍କ୍ଷେପଣ ହେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ପୃଥିବୀର ନିମ୍ନ କକ୍ଷରେ ସ୍ଥାନିତ କରାଯିବ। ଏହା ମହାକାଶ ଯାତ୍ରାରେ ଇସ୍ରୋର ଏକ ଅତ୍ୟନ୍ତ ମହତ୍ୱାକାଂକ୍ଷୀ ମିଶନ। ଏହା ଦ୍ୱାରା ଭାରତକୁ ଏକ ସ୍ଥାୟୀ ମହାକାଶ ବେସ୍ ମିଳିବ। ଏଠାରେ ମହାକାଶ ବୈଜ୍ଞାନିକ, ମହାକାଶଚାରୀମାନେ ବିଭିନ୍ନ ଗବେଷଣା କରିପାରିବେ। ଏଥିରେ ସଫଳ ହେଲେ ଭାରତ ବିଶ୍ୱର ବଛା ବଛା ଦେଶଗୁଡ଼ିକ ମଧ୍ୟରେ ସ୍ଥାନିତ ହେବ। ଏହି ଷ୍ଟେସନଟି ପୃଥିବୀଠାରୁ ପ୍ରାୟ ୪୦୦-୫୦୦ କିମି ଉଚ୍ଚତାରେ ଅବସ୍ଥିତ ହେବ। ଏଥିରେ ଏକା ସମୟରେ ୩-୪ ଜଣ ମହାକାଶଚାରୀ ରହିପାରିବେ। ୨୦୩୫ ସୁଦ୍ଧା ମିଶନର ସମସ୍ତ ୫ଟି ମଡ୍ୟୁଲ ସମ୍ପୂର୍ଣ୍ଣ ଭାବେ ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରତ୍ୟେକ ମଡ୍ୟୁଲ ୩.୮ ମି ବ୍ୟାସ ଓ ୮ ମି ଉଚ୍ଚ ହେବ। ଏଗୁଡ଼ିକ ଉଚ୍ଚ-ଶକ୍ତି ସମ୍ପନ୍ନ ଆଲୁମିନିୟମ ମିଶ୍ରଧାତୁରୁ ନିର୍ମିତ ହେବ।

## ଜୀବନ ପାଇଁ ୧୫ ମିନିଟ୍‌ର କଷ୍ଟ ଦେଇଥିଲା ଆମେରିକା

### ଭେନେଜୁଏଲା କାମଚଳା ରାଷ୍ଟ୍ରପତିଙ୍କ ଖୁଲାସା

### ଟ୍ରମ୍ପଙ୍କୁ ଡେଲ୍‌ସି ସହଯୋଗ କରୁଥିବା ଦାବି

କାରାକସ, ୨୫।୧ (ଏଜେନ୍ସି): ଭେନେଜୁଏଲାର କାମଚଳା ରାଷ୍ଟ୍ରପତି ଡେଲସି ରୋଡ୍ରିଗିଜ ଆମେରିକାର କ୍ରୁର ମୁଖା ଖୋଲି ଦେଇଛନ୍ତି। ପୂର୍ବତନ ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଗିରଫ କରିବା ପାଇଁ ଆମେରିକା ରାତି ଅଧରେ ନେଇଥିବା ସାମରିକ କାର୍ଯ୍ୟାନୁଷ୍ଠାନରେ କିଭଳି ମନ୍ତ୍ରୀମାନଙ୍କୁ ଧମକ ଦିଆଯାଇଥିଲା ତାହା କହିଛନ୍ତି। ପ୍ରଘଟ ହୋଇଥିବା ଏକ ଭିଡିଓରେ ଡେଲସି କହୁଛନ୍ତି ଯେ ମାଦୁରୋଙ୍କୁ ଧରିବା ସମୟରେ ତାଙ୍କୁ ଏବଂ ତାଙ୍କ କ୍ୟାବିନେଟ ସହଯୋଗୀଙ୍କୁ ୧୫ ମିନିଟର କଷ୍ଟ ଦେଇଥିଲା। ଏହି ସମୟ ମଧ୍ୟରେ ଆମେରିକା ସର୍ତ୍ତ ନ ମାନିଲେ ଗୁଳି କରିଦିଆଯିବ ବୋଲି କୁହାଯାଇଥିଲା। ତେଣୁ ବାଧ୍ୟ ହୋଇଥିବା ସେମାନେ ଏହି ସର୍ତ୍ତକୁ ସ୍ୱୀକାର କରିଥିଲେ। ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିବା ଏକ ବୈଠକର ଭାଇରାଲ ହୋଇଥିବା ଲିକ୍ ଭିଡିଓରେ ଏହି ଦାବି କରାଯାଇଛି। ଆମେରିକା ସେନା କାର୍ଯ୍ୟାନୁଷ୍ଠାନର ସାତ ଦିନ ପରେ ଭେନେଜୁଏଲାରେ ଏହି ବୈଠକ ହୋଇଥିଲା।


ରିପୋର୍ଟ ଅନୁଯାୟୀ, ମାଦୁରୋଙ୍କୁ ଗିରଫ ପରେ ଡେଲସିଙ୍କ ଭାଇ ଜର୍ଜ ରୋଡ୍ରିଗେଜ ଓ ଗୃହମନ୍ତ୍ରୀ ଡିଓସଡାଡୋ କାବେଲୋଙ୍କୁ ଧମକ ଦିଆଯାଇଥିଲା। ଆମେରିକାର ସଶସ୍ତ୍ର ବାହିନୀ ତାଙ୍କୁ ଜାଣିଶୁଣି ଭୁଲ୍ ସୂଚନା ଦେଇଥିଲେ। ମାଦୁରୋ ଏବଂ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ହତ୍ୟା କରାଯାଇଥିବା କୁହାଯାଇଥିଲା। ମାତ୍ର ପରେ ଉଭୟଙ୍କୁ ଅପହରଣ କରି ଆମେରିକା ନିଆଯାଇଥିବା ଜଣା ପଡ଼ିଥିଲା। ତେଣୁ ଡେଲ୍ସି ଭେନେଜୁଏଲାର ରାଜନୈତିକ ସ୍ଥିତିକୁ ସଜାଡ଼ିବା ପାଇଁ ଉଚିତ ମଣିଥିଲେ। ଏଭଳି କଠିନ ପରିସ୍ଥିତିରେ ଦାୟିତ୍ୱ ଗ୍ରହଣ କରିବା ଏକ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଥିଲା। ଆଉ ଏକ ବଡ଼ ବିପର୍ଯ୍ୟୟ କିମ୍ବା ସାମରିକ ଆକ୍ରମଣରୁ ଭେନେଜୁଏଲାର ସୁରକ୍ଷା ସୁନିଶ୍ଚିତ କରିବାକୁ ସେ ଆମେରିକା ସର୍ତ୍ତ ମାନିଥିଲେ।

ଅନ୍ୟପକ୍ଷରେ ଡେଲିସଙ୍କ ବିରୋଧ କରାଯାଉଛି। ତାଙ୍କୁ ଆମେରିକାର ସହଯୋଗୀ କୁହାଯାଉଛି। ବିଶେଷଜ୍ଞଙ୍କ ଅନୁଯାୟୀ, ରାଷ୍ଟ୍ରପତି କାଳ୍ପନିକ କାହାଣୀ ଗଢୁଛନ୍ତି। ଆଭ୍ୟନ୍ତରୀଣ ସହଯୋଗ ବିନା ମାଦୁରୋଙ୍କୁ କ୍ଷମତାରୁ ହଟାଇବା ସମ୍ଭବ ହୋଇନଥାନ୍ତା। ଆରମ୍ଭରୁ ରୋଡ୍ରିଗେଜ୍ ଏଥିରେ ସାମିଲ ଥାଇପାରନ୍ତି। ସେହିପରି ଟ୍ରମ୍ପଙ୍କୁ ସହଯୋଗ କରିବାକୁ ରୋଡ୍ରିଗେଜ୍ ଓ ତାଙ୍କ ଭାଇ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ।

### ପଶ୍ଚିମବଙ୍ଗ ଏସ୍ଆଇଆର୍: ୧.୨୫ କୋଟି ନାମ ସାର୍ବଜନୀନ

## ଗଣତନ୍ତ୍ରକୁ ଦୁର୍ବଳ କରୁଛନ୍ତି ଇସି: ମମତା

କୋଲକାତା, ୨୫।୧ (ଏଜେନ୍ସି): ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ନିର୍ବାଚନ କମିଶନ (ଇସି) ଏସଆଇଆର ତାଲିକାରେ ତାର୍କିକ ବିସଙ୍ଗତି ତଥା ଲଜିକାଲ ଡିସ୍କ୍ରେପେନ୍ସି ଥିବା ଲୋକଙ୍କ ତାଲିକା ଜାରି କରିଛନ୍ତି। ଇସିଙ୍କ ୱେବସାଇଟରେ ଏହାକୁ ଅପଲୋଡ୍ କରାଯାଇଛି। ପଞ୍ଚାୟତ, ବ୍ଲକ ଏବଂ ୱାର୍ଡ କାର୍ଯ୍ୟାଳୟରେ ଏହାକୁ ପୋଷ୍ଟ କରାଯିବ। ସୂଚନା ଅନୁଯାୟୀ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବାକୁ ନେଇ ଇସି ଦ୍ୱନ୍ଦ୍ୱରେ ଥିଲେ। କାରଣ ଶୁକ୍ରବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଏଲଓଙ୍କୁ ଜରୁରୀ ସଫ୍ଟୱେୟାର ମିଳି ପାରି ନ ଥିଲା। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇସିଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଲଗାଇଛନ୍ତି। ବିଜେପି ଇଙ୍ଗିତରେ ଇସି ଦେଶରେ ଗଣତନ୍ତ୍ରକୁ ଦୁର୍ବଳ କରୁଥିବା ମମତା କହିଛନ୍ତି।





ସକାଳ
THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-211 ◆MONDAY ◆26 JANUARY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୧୧ ◆ସୋମବାର ◆୨୬ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


■ କଡ଼ା ସମାଲୋଚନା ପରେ ନଇଁଲେ କୋରାପୁଟ ଜିଲ୍ଲାପାଳ

# ବିବାଦୀୟ 'ଆଇଁଷ' ବିଜ୍ଞପ୍ତି ପ୍ରତ୍ୟାହାର

■ ଭୁବନେଶ୍ୱର/କୋରାପୁଟ,୨୫।୧(ସମିସ): ସାଧାରଣତନ୍ତ୍ର ଦିବସରେ ଆମିଷ ଖାଦ୍ୟ ବିକ୍ରି ବନ୍ଦ ନିଷ୍ପତ୍ତିକୁ ରାଜ୍ୟବ୍ୟାପୀ ସମାଲୋଚନା ହେବା ପରେ ଶେଷରେ ନଇଁଛି କୋରାପୁଟ ଜିଲଲା ପ୍ରଶାସନ। ଗତ ୨୩ ତାରିଖରେ ଜାରି ବିବାଦୀୟ 'ଆଇଁଷ' ବିଜ୍ଞପ୍ତିକୁ କୋରାପୁଟ ଜିଲଲାପାଳ ପ୍ରତ୍ୟାହାର କରିଛନ୍ତି। ରବିବାର ଏନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

ଜାନୁଆରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ ଜିଲ୍ଲାବ୍ୟାପୀ ମାଂସ, ଚିକେନ, ମାଛ, ଅଣ୍ଡା ସହ ଅନ୍ୟ ଆମିଷ ଜାତୀୟ ଖାଦ୍ୟ ବିକ୍ରି ହୋଇପାରିବ ନାହିଁ ବୋଲି କୋରାପୁଟ ଜିଲ୍ଲାପାଳ ୨୩ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଠାଯାଇଥିଲା। ମାତ୍ର ଜିଲ୍ଲା ପ୍ରଶାସନର ଏପରି ନିର୍ଦ୍ଦେଶନାମାକୁ କୋରାପୁଟ ଜିଲ୍ଲା ସହ ସାରା ରାଜ୍ୟରେ କଡ଼ା ସମାଲୋଚନା କରାଯାଇଥିଲା। ବୁଦ୍ଧିଜୀବୀଙ୍କଠାରୁ ଆରମ୍ଭ କରି ଅବସରପ୍ରାପ୍ତ ପ୍ରଶାସକ, ସାଧାରଣ ଲୋକେ ଏପରି ନିଷ୍ପତ୍ତିକୁ ପାଗଳାମୀ ବୋଲି ଆଖ୍ୟା ଦେଇଥିଲେ। ଆଇନରେ ଏପ୍ରକାରର କୌଣସି ବ୍ୟବସ୍ଥା ନ ଥିବା ବେଳେ ଲୋକଙ୍କ ଆହାର କ'ଣ ହେବ ତାହା ନିର୍ଦ୍ଧାରଣ କରିବାକୁ ଜିଲ୍ଲାପାଳଙ୍କୁ କିଏ ଅଧିକାର ଦେଲା ବୋଲି ପ୍ରଶ୍ନ ଉଠିଥିଲା। ଏପରିକି ରାଜ୍ୟ ସରକାରଙ୍କ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ କୋରାପୁଟ ଜିଲ୍ଲାପାଳଙ୍କୁ ଏହି ପ୍ରସଙ୍ଗରେ ତାଗିଦ୍ କରିଥିଲେ। ଚାରିଆଡ଼ୁ ସମାଲୋଚନା ଓ ଉପରୁ ତାଗିଦ ପରେ ଜିଲ୍ଲାପାଳ ଶେଷରେ ତାଙ୍କର ପୂର୍ବ ଆଦେଶକୁ ପ୍ରତ୍ୟାହାର କରିଛନ୍ତି।

# ଚନ୍ଦ୍ରଭାଗାରେ ବୁଡ଼ ପକାଇଲେ ଲକ୍ଷାଧିକ ଶ୍ରଦ୍ଧାଳୁ



■ କୋଣାର୍କ,୨୫।୧(ସମିସ): ମାଘ ଶୁକ୍ଳ ସପ୍ତମୀ ତିଥି, ରବିବାର ପ୍ରତ୍ୟୁଷରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ତେବେ ଚଳିତବର୍ଷ ମାଘ ବୁଡ଼ରେ ମହାବିଭ୍ରାଟ ସୃଷ୍ଟି ହୋଇଛି। ପରମ୍ପରା ଅନୁଯାୟୀ, ପ୍ରତ୍ୟୁଷରୁ ମାହେନ୍ଦ୍ର ମେଳାରେ ତୀର୍ଥ ଜଳରେ ତ୍ରିଶମ୍ଭୁଙ୍କ ମହାସ୍ନାନ ପରେ ସାଧୁସନ୍ଥ ଓ ଶ୍ରଦ୍ଧାଳୁମାନେ ତୀର୍ଥସ୍ନାନ କରିଥାଆନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପ୍ରଶାସନ ପକ୍ଷରୁ ତୀର୍ଥ ପୁଷ୍କରିଣୀ ଚାରିପଟେ ବ୍ୟାରିକେଡ୍ ନିର୍ମାଣ କରାଯାଇ ପୁଲିସ୍ ସୁରକ୍ଷା ମଧ୍ୟରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କୁ ତୀର୍ଥରେ ପ୍ରବେଶ କରିବାର ବ୍ୟବସ୍ଥା କରାଯାଇଥାଏ। ତ୍ରିଶମ୍ଭୁଙ୍କ ମହାସ୍ନାନ ପରେ ଶ୍ରଦ୍ଧାଳୁଙ୍କ ତୀର୍ଥ ପ୍ରବେଶ ନିମନ୍ତେ ପୁଲିସ ପକ୍ଷରୁ ତୋପ ଫୁଟାଇ ସୂଚନା ଦିଆଯାଇଥାଏ। କିନ୍ତୁ ଚଳିତବର୍ଷ ପୁଲିସ ସୁରକ୍ଷା ଢିଲା ଯୋଗୁଁ ତ୍ରିଶମ୍ଭୁଙ୍କ ମହାସ୍ନାନ ପୂର୍ବରୁ ରାତି ୩ଟା ୪୫ ମିନିଟ୍‌ରେ ଦୁଇଟି ଗେଟ୍ ଦେଇ ଶ୍ରଦ୍ଧାଳୁଙ୍କୁ ପୂର୍ବ ସୂଚନା ବିନା ତୀର୍ଥସ୍ନାନ ନିମନ୍ତେ ଛାଡ଼ି ଦିଆଯାଇଥିଲା। ପ୍ରାୟ ୫୦୦ରୁ ଅଧିକ ଶ୍ରଦ୍ଧାଳୁ ତୀର୍ଥ ପୁଷ୍କରିଣୀରେ ସ୍ନାନ କରୁଥିବା ପୁରୀ ଏସ୍‌ପିଙ୍କ ନଜରକୁ ଆସିଥିଲା। ଏହାପରେ ହୁଇସିଲ୍ ମାରି ଅଧା ଗାଧୁଆ ଅବସ୍ଥାରେ ଶ୍ରଦ୍ଧାଳୁମାନଙ୍କୁ ତୀର୍ଥ ପୁଷ୍କରିଣୀରୁ ବାହାର କରାଯାଇଥିଲା। ଶ୍ରୀଜୀଉଙ୍କ ମହାସ୍ନାନ ନୀତି ସମ୍ପନ୍ନ ପରେ ପୁଲିସ୍ ପ୍ରଶାସନ ପକ୍ଷରୁ ତୋପ ସଙ୍କେତ ଦିଆଯାଇଥିଲା।

## ସୁରକ୍ଷା ବ୍ୟବସ୍ଥା ଢିଲା; ଭାଙ୍ଗିଲା ପରମ୍ପରା

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ସେବାୟତମାନେ ମାଧିପୁର ଗ୍ରାମର ଶ୍ରୀଶ୍ରୀ ତ୍ରିବେଣୀଶ୍ୱର, ସନ୍ଥପୁରର ଈଶାଣେଶ୍ୱର ଓ କୁରୁଜଙ୍ଗର ଦକ୍ଷିଣେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମାଙ୍କୁ ଆଟୋପ ଶୋଭାଯାତ୍ରାରେ ଅଣାଯାଇ ରାତି ୩ଟାରେ ଚନ୍ଦ୍ରଭାଗା ତୀର୍ଥ ପୂଜା ମଣ୍ଡପରେ ବିଜେ କରାଯାଇଥିଲା। ରବିବାର ଭୋର୍ ୩ଟା ୫୫ରେ ଶ୍ରୀଜୀଉମାନଙ୍କ ପୂଜାର୍ଚ୍ଚନା ଓ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଶ୍ରଦ୍ଧାଳୁମାନେ ତୀର୍ଥ ପୁଷ୍କରିଣୀରେ ପ୍ରବେଶ କରିବା ମାତ୍ରେ ନିମ୍ନଭାଗରେ ଜମି ରହିଥିବା କୁଡ଼କୁଡ଼ ଆବର୍ଜନା ଉପରକୁ ଉଠି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରିଥିଲା। ଗାଧୋଇବା ତ ଦୂରର କଥା, ଅଧିକାଂଶ ଶ୍ରଦ୍ଧାଳୁ ମୁଣ୍ଡରେ ପାଣିଛିଞ୍ଚି ଅସନ୍ତୋଷ ଚିତ୍ତରେ ଫେରୁଥିବା ପରିଲକ୍ଷିତ ହୋଇଥିଲା।

## ଦେଶବାସୀଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତିଙ୍କ ଅଭିଭାଷଣ

# ଦେଶର ବିକାଶରେ ମହିଳାଙ୍କ ଯୋଗଦାନ ବଢ଼ିଛି

■ ନୂଆଦିଲ୍ଲୀ, ୨୫।୧ (ଏଜେନ୍ସି): ଗଣତନ୍ତ୍ର ଦିବସର ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି। ସେ ଗଣତନ୍ତ୍ର ଦିବସର ଶୁଭେଚ୍ଛା ଦେବା ସହିତ ଏହି ଉତ୍ସବ ଦେଶବାସୀଙ୍କ ରାଷ୍ଟ୍ରୀୟ ଏକତା ତଥା ଗୌରବ ଭାବନାକୁ ମଜବୁତ କରୁଛି ବୋଲି କହିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଶାନ୍ତି ବାର୍ତ୍ତା, ବିକାଶରେ ଅଲଗା ଅଲଗା କ୍ଷେତ୍ରର ଭୂମିକା, ନାରୀ ଶକ୍ତି, ଅପରେସନ ସିନ୍ଦୂର, ଭୋଟର ଦିବସ ଏବଂ ପରିବେଶ ସଂରକ୍ଷଣ ଉପରେ ଅଭିଭାଷଣ ରଖିଛନ୍ତି।

ପରିବେଶ ସଂରକ୍ଷଣକୁ ଏବେ ସର୍ବାଧିକ ପ୍ରାଧାନ୍ୟ ଦେବା ଉଚିତ ବୋଲି ରାଷ୍ଟ୍ରପତି କହିଛନ୍ତି। ପରିବେଶ ସମ୍ବନ୍ଧିତ ଅନେକ କ୍ଷେତ୍ରରେ ଭାରତ ବିଶ୍ୱର ମାର୍ଗଦର୍ଶନ କରିବା ଗର୍ବର ବିଷୟ। ପ୍ରକୃତି ସହିତ ମିଶି ଚଳିବା ଭାରତୀୟ ସଂସ୍କୃତିର ଅଂଶବିଶେଷ। ଏହି ଜୀବନଶୈଳୀ ବିଶ୍ୱ ସମୁଦାୟକୁ ଦିଆଯାଇଥିବା ବାର୍ତ୍ତା 'ଲାଇଫଷ୍ଟାଇଲ ଫର ଏନଭାରମେଣ୍ଟ' ତଥା ଲାଇଫର ଆଧାର। ପରବର୍ତ୍ତୀ ପିଢି ପାଇଁ ପୃଥିବୀ ମାତାର ସମ୍ବଳକୁ ଉପଲବ୍ଧ ରଖିବା ନିମନ୍ତେ ଆମକୁ ପ୍ରୟାସ କରିବାକୁ ହେବ। ରାଷ୍ଟ୍ରପତି ଶାନ୍ତିକୁ ନେଇ କହିଛନ୍ତି ଯେ ଆମ ସଂସ୍କୃତିରେ ସର୍ବଦା ଶାନ୍ତି ବଜାୟ ରଖିବାକୁ ପ୍ରାର୍ଥନା କରାଯାଇଥାଏ। ବିଶ୍ୱରେ ଶାନ୍ତି ରହିଲେ ହିଁ ମାନବତାର ଭବିଷ୍ୟତ ସୁରକ୍ଷିତ ରହିବ। ଆଜି ବିଶ୍ୱର ଅନେକ ସ୍ଥାନରେ ଅଶାନ୍ତି ବ୍ୟାପି ରହିଥିବାବେଳେ ଭାରତ ଶାନ୍ତି ଏବଂ ଭାଇଚାରାର ବାର୍ତ୍ତା ପ୍ରସାର କରୁଛି। ତେଣୁ ଆମେ ଭାରତ ମାଟିରେ ଜନ୍ମଗ୍ରହଣ କରି ଗର୍ବିତ।



ରାଷ୍ଟ୍ରପତି କହିଛନ୍ତି ଯେ ଏହି ବର୍ଷ ଗଣତନ୍ତ୍ର ଦିବସ ସହିତ ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ମଧ୍ୟ ପାଳନ କରାଯାଉଛି। ଗଣତନ୍ତ୍ର ଦିବସର ଏହି ପବିତ୍ର ଦିନ ଆମକୁ ଦେଶର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ବିଷୟରେ ଚିନ୍ତା କରିବା ଏବଂ ବୁଝିବାର ସୁଯୋଗ ଦେଉଛି। ସମୟ ସହିତ ଆମ ଦେଶର ଅବସ୍ଥା ପରିବର୍ତ୍ତନ ହୋଇଛି। ଆମେ ନିଜେ ଆମ ଦେଶର ଭବିଷ୍ୟତ ଗଢ଼ିବା। ଏବେ ଦେଶର ବିକାଶରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଛି। ୫୭ କୋଟି ଜନଧନ ଆକାଉଣ୍ଟ ମଧ୍ୟରୁ ୫୬ ପ୍ରତିଶତ ମହିଳାଙ୍କର ରହିଛି। ୧୦ କୋଟିରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଅଛନ୍ତି।

■ ଖୁବଶୀଘ୍ର ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବ ଭାରତ
■ ପରବର୍ତ୍ତୀ ପିଢି ପାଇଁ ସମ୍ବଳକୁ ସଂରକ୍ଷିତ ରଖିବାକୁ ହେବ

ଝିଅମାନେ କ୍ରୀଡ଼ାରେ ରେକର୍ଡ କରିଛନ୍ତି। ମହିଳା କ୍ରିକେଟ ଦଳ ଆଇସିସି କ୍ରିକେଟ ବିଶ୍ୱକପ୍ ଏବଂ ଦୃଷ୍ଟିହୀନ ବିଶ୍ୱକପ୍ ଜିତିଛି। ନାରୀ ଶକ୍ତି ଆଇନ ଦେଶର ମହିଳାମାନଙ୍କୁ ଆହୁରି ସଶକ୍ତ କରିବ। ଭାରତୀୟ ଅର୍ଥନୀତି ବିଶ୍ୱର ଦ୍ରୁତଗତିରେ ବଢୁଥିବା ଅର୍ଥବ୍ୟବସ୍ଥା ହୋଇଛି। ବିଶ୍ୱରେ ଅନିଶ୍ଚିତତା ଲାଗି ରହିଥିବାବେଳେ ଭାରତର କ୍ରମାଗତ ଭାବେ ଆର୍ଥିକ ବିକାଶ କରିଚାଲିଛି। ଖୁବଶୀଘ୍ର ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି।

ସୁରକ୍ଷାକୁ ନେଇ ରାଷ୍ଟ୍ରପତି କହିଛନ୍ତି ଯେ ଆମ ପୁଲିସ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୁଲିସର ଯବାନ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ତତ୍ପର ଅଛନ୍ତି। ଡାକ୍ତର, ନର୍ସ ଏବଂ ସ୍ୱାସ୍ଥ୍ୟ କର୍ମୀମାନେ ଦେଶବାସୀଙ୍କ ସେବା ପାଇଁ ତତ୍ପର ଅଛନ୍ତି। ଇଞ୍ଜିନିୟରମାନେ ଦେଶର ବିକାଶରେ ଯୋଗଦାନ ଦିଅନ୍ତି। ଆମର ସମ୍ବେଦନଶୀଳ ନାଗରିକମାନେ ଦେଶକୁ ମଜବୁତ କରୁଛନ୍ତି। କୃଷକଙ୍କ ଶକ୍ତି ଯୋଗୁଁ କୃଷି ଉତ୍ପାଦ ବିଦେଶକୁ ରପ୍ତାନି ହେଉଛି। ସମ୍ବେଦନଶୀଳ ନାଗରିକ ଦେଶକୁ ସଶକ୍ତ କରୁଛନ୍ତି। ଚାଷୀଙ୍କ ପାଇଁ କୃଷି ଉତ୍ପାଦ ବିଦେଶକୁ ପଠାଯାଉଛି। ସରକାର ବଞ୍ଚିତ ବର୍ଗଙ୍କ ଯୋଜନାକୁ କ୍ରମାଗତ ଭାବେ ବଢ଼ାଇ ଚାଲିଛନ୍ତି। ମହିଳା ସକ୍ରିୟ ଏବଂ ସାମର୍ଥ୍ୟବାନ ହେବା ଦେଶର ବିକାଶ ପାଇଁ ଜରୁରୀ। ସେମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ସୁରକ୍ଷା ଏବଂ ଆର୍ଥିକ ସଶକ୍ତିକରଣ ପାଇଁ ହେଉଥବା ପ୍ରୟାସ ଯୋଗୁଁ ଅନେକ କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ବଢ଼ିଛି।

# ଇରାନରେ ଫସିଛନ୍ତି ଚୌଦ୍ୱାରର ଅନୁପମ

■ ଚୌଦ୍ୱାର, ୨୫।୧(ସମିସ): ଜନ୍ମମାଟିରେ ରୋଜଗାର ନପାଇ ଚାଲିଯାଇଥିଲେ ବିଦେଶ ମାଟିକୁ। ଚିନ୍ତା କରିଥିଲେ, ବିଦେଶରେ ଭଲ ରୋଜଗାର କରି ପରିବାରକୁ ଭଲରେ ରଖିବା ପାଇଁ। ସେଥିପାଇଁ ସେ ଭାରତ ଛାଡ଼ି ଚାଲିଯାଇଥିଲେ ଇରାନ ଦେଶକୁ। ବର୍ତ୍ତମାନ ଇରାନରେ ଯୁଦ୍ଧ ପରିସ୍ଥିତି ଦେଖି ସେଠାରେ ଥିବା ଭାରତୀୟମାନେ ଭୟଭୀତ ହୋଇ ପଡ଼ିବା ସହ ଜନ୍ମମାଟିକୁ ଫେରିବା ପାଇଁ ଆକୁଳ ନିବେଦନ କରିଛନ୍ତି। ସେହିଭଳି କଟକ ଜିଲ୍ଲା ଚୌଦ୍ୱାର କଳିଙ୍ଗଛକ ଅଞ୍ଚଳର ସ୍ୱର୍ଗତ ମଦନଗୋପାଳ ରଜକଙ୍କ ପୁଅ ଅନୁପମ ରଜକ(୫୫) କର୍ମ ସଂସ୍ଥାନ ଉଦ୍ଦେଶ୍ୟରେ ଇରାନର ମର୍କଜୀ ରାଜ୍ୟର ସାଭେ ସହରସ୍ଥିତ କାଭେଠାରେ ସେରାମ ପାର୍ସ ଫେରୋ ଫୌଲାଦ ସଂସ୍ଥାରେ ଜେନେରାଲ ମ୍ୟାନେଜର ଭାବେ ୨୦୨୫ ମସିହା ମାର୍ଚ୍ଚ ୨୨ ତାରିଖରେ ନିଯୁକ୍ତି ପାଇଥିଲେ। ହେଲେ ଉକ୍ତ ସଂସ୍ଥାରେ ୨୪ ମାସ ପର୍ଯ୍ୟନ୍ତ ନିରନ୍ତର କାର୍ଯ୍ୟ କରିବା ପାଇଁ ଚୁକ୍ତି ମଧ୍ୟ କରିଥିଲେ। ସେଠାରେ ସେ ମାସିକ ୧ଲକ୍ଷ ୨୫ ହଜାର ଟଙ୍କା (ଭାରତୀୟ ମୁଦ୍ରା) ବେତନରେ କାର୍ଯ୍ୟ କରୁଥିଲେ। ଏବେ ସେଠାରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବା ପରେ ତାଙ୍କୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ସେ ଆକୁଳ ନିବେଦନ କରିଥିଲେ ମଧ୍ୟ ସଂସ୍ଥା କର୍ତ୍ତୃପକ୍ଷ ତାଙ୍କୁ ଛାଡୁ ନଥିବା ସମ୍ପର୍କରେ ତାଙ୍କ ବାଲ୍ୟବନ୍ଧୁ ଡାକ୍ତର ଅକ୍ତର ହୁସେନ ଖାନଙ୍କୁ ଜଣାଇଥିଲେ।



■ କର୍ମସଂସ୍ଥାନ ଖୋଜିବା ପାଇଁ ବିଦେଶ ଯାଇଥିଲେ
■ ଜନ୍ମମାଟିକୁ ଫେରାଇ ଆଣିବାକୁ ଆକୁଳ ନିବେଦନ

ଏବେ ଇରାନରେ ଯୁଦ୍ଧ ପରିସ୍ଥିତି ଆରମ୍ଭ ହୋଇଯାଇଥିବା ବେଳେ ଅନୁପମଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଠିକ୍ ନ ଥିବା ସେ ସୂଚନା ଦେଇଛନ୍ତି। ସେ ଆଉ ଇରାନରେ ରହିବାକୁ ଚାହୁଁ ନଥିବା ମଧ୍ୟ କହିଛନ୍ତି। ମାତ୍ର ସଂସ୍ଥାର ଚୁକ୍ତି ଅନୁଯାୟୀ ୨୪ମାସ ପର୍ଯ୍ୟନ୍ତ ସେ କାର୍ଯ୍ୟରେ ନିରନ୍ତର ରହିବାକୁ ବାଧ୍ୟତାମୂଳକ। ପରେ ଚାହିଲେ ୪ ସପ୍ତାହ ପର୍ଯ୍ୟନ୍ତ ଛୁଟି ନେଇପାରିବେ। ଏହି ସମୟରେ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିପାରିବେ। ଯଦି ପୁନର୍ବାର ସେଠାରେ ଅବସ୍ଥାପିତ ହେବାକୁ ଚାହିଁବେ ତେବେ ସ୍ୱଦେଶ ଯାଇ ପୁନର୍ବାର ଇରାନ ଫେରିବାର ଖର୍ଚ୍ଚ ସଂସ୍ଥା ବହନ କରିବ। ତେଣୁ ଏହି ଚୁକ୍ତି ପୂର୍ବରୁ ତାଙ୍କୁ ଛଡ଼ାଯିବ ନାହିଁ; ଯଦି କର୍ମଚାରୀଜଣଙ୍କ କୌଣସି କାରଣବଶତଃ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାକୁ ଚାହିଁବେ, ଏୟାର ଟିକେଟ ଓ ଭିସା ଚାର୍ଜ ବାବଦ ୬୦ ହଜାର ଟଙ୍କା (ଭାରତୀୟ ମୁଦ୍ରା) କମ୍ପାନୀକୁ ସେ ପ୍ରଦାନ କରିବେ। ହେଲେ ଏଭଳି ଜରୁରୀକାଳୀନ ପରିସ୍ଥିତିରେ ତାଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ଯିବା ପାଇଁ ଅନୁମତି ନ ଦେବାରୁ ସେ ସେଠାରେ ଫସି ରହିଥିବା ତାଙ୍କ ବାଲ୍ୟବନ୍ଧୁଙ୍କୁ ଜଣାଇଥିଲେ। ଏନେଇ ଡାକ୍ତର ଖାନ ଗଣମାଧ୍ୟମକୁ ସୂଚନା ଦେବା ସହ ଭାରତ ସରକାର ତାଙ୍କୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି ଆଣିବାକୁ ତାଙ୍କର ଅନ୍ୟ ବନ୍ଧୁମାନେ ମଧ୍ୟ ନିବେଦନ କରିଛନ୍ତି।

# ବିଜୁ ଯୁବ ଜନତା ଓ ଛାତ୍ର ଜନତା ଦଳ ପକ୍ଷରୁ ୧୦ ଜିଲ୍ଲାରେ ସଭାପତି ନିଯୁକ୍ତ

■ ଭୁବନେଶ୍ୱର,୨୫।୧(ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବିଜୁ ଯୁବ ଜନତା ଦଳ ଏବଂ ଛାତ୍ର ଜନତା ଦଳ ପକ୍ଷରୁ ୧୦ଟି ଜିଲ୍ଲାରେ ସଭାପତି ଘୋଷଣା କରାଯାଇଛି। ଏନେଇ ଦଳ ପକ୍ଷରୁ ରବିବାର ବିଜ୍ଞପ୍ତି ପ୍ରକାଶ ପାଇଛି।

ଦେବଗଡ଼ ଜିଲ୍ଲାରେ ଯୁବ ବିଜେଡି ସଭାପତି ଭାବେ ପ୍ରତାପ କୁମାର ଦେବଙ୍କୁ ନିଯୁକ୍ତି ମିଳିଥିବା ବେଳେ ଗଜପତିରେ ଲେଙ୍କା ସିମାଦ୍ରୀ ଦାୟିତ୍ୱ ସମ୍ଭାଳିବାକୁ ଯାଉଛନ୍ତି। ଝାରସୁଗୁଡ଼ାରେ ରବିନ ପାଣ୍ଡେ, କନ୍ଧମାଳରେ ରାକେଶ କୁମାର ମିଶ୍ର, କେନ୍ଦୁଝରରେ ରାକେଶ କୁମାର ରାମ, ନୟାଗଡରେ ଦୁର୍ଯ୍ୟୋଧନ ବେହେରା, ରାୟଗଡାରେ ଧୀରେନ୍ଦ୍ର ପାଣିଗ୍ରାହୀ, ସମ୍ବଲପୁରରେ ପ୍ରଦୋଷ ମହାନ୍ତି, ସୋନପୁରରେ ଅଶୋକ ନନ୍ଦ ଏବଂ ସୁନ୍ଦରଗଡରେ ସୟଦ ସବାଜ ହୁସେନ ଯୁବ ବିଜେଡି ସଭାପତି ଭାବେ ଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି। ଅପରପକ୍ଷେ ଦେବଗଡ଼ ଜିଲ୍ଲାରେ ଛାତ୍ର ବିଜେଡି ସଭାପତି ଭାବେ ଭବାନୀଶଙ୍କର ସାହୁଙ୍କୁ ନିଯୁକ୍ତି ମିଳିଥିବା ବେଳେ ଗଜପତି ଜିଲ୍ଲା ସଭାପତି ଭାବେ ବିଶ୍ୱଜିତ ତ୍ରିପାଠୀଙ୍କୁ ଦାୟିତ୍ୱ ମିଳିଛି। ସେହିପରି ଝାରସୁଗୁଡ଼ା ଜିଲ୍ଲା ଛାତ୍ର ବିଜେଡି ସଭାପତି ଭାବେ ଶିବାଶିଷ ପଟ୍ଟନାୟକ, କନ୍ଧମାଳ ଜିଲ୍ଲାରେ ସୁନିଲ କୁମାର ସେଠୀ, କେନ୍ଦୁଝର ଜିଲ୍ଲାରେ ଅମରେନ୍ଦ୍ର ଧଳ, ନୟାଗଡରେ ଅମରେଶ୍ୱର ଜେନା, ରାୟଗଡାରେ ଉଦୟ ହିମିରିକା, ସମ୍ବଲପୁରରେ ଶୁଭ୍ରାଂଶୁ ଶେଖର ପାଢ଼ୀ, ସୋନପୁରରେ ଅଭିଷେକ ଶର୍ମା ଓ ସୁନ୍ଦରଗଡ଼ରେ ଆଦିତ୍ୟ ନାଥ ଗିରିଙ୍କୁ ଜିଲ୍ଲା ଛାତ୍ର ବିଜେଡି ସଭାପତି ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି।




ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୬ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ–୨୦୨୬ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

ଓଡ଼ିଶାକୁ ଦେଶର ଏକ ସମୃଦ୍ଧ, ଅଗ୍ରଣୀ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଦିବସରେ ସମସ୍ତେ ଶପଥ ନେବାକୁ ମୁଁ ଆହ୍ୱାନ ଜଣାଉଛି।

(ଡ. ହରି ବାବୁ କମ୍ଭମପାଟି)

OIPR-

DADLS-83



ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୬
ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଆଜିର ଦିବସ ହେଉଛି ଗର୍ବ, ଗୌରବ ଓ ସଂକଳ୍ପର ଦିବସ।

ଆସନ୍ତୁ, ସମ୍ବିଧାନର ମୂଲ୍ୟବୋଧକୁ ଆଧାର କରି ଦେଶର ଶକ୍ତି, ସାମର୍ଥ୍ୟ ଓ ସମ୍ମାନ ବଢ଼ାଇବା ସହିତ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଓଡ଼ିଶା ବନ୍ଦକୁ କୋଶଳ ରାଜ୍ୟ ସମନ୍ୱୟ ସମିତିର ସମର୍ଥନ

**ବଲାଙ୍ଗିର, ୨୫ ।୧(ସମିସ)**

ଧାନମଣ୍ଡି ଓ ଧାନର ଅଭାବି ବିକ୍ରି ସମସ୍ୟାକୁ ନେଇ ସମଗ୍ର ରାଜ୍ୟରେ ଚାଷୀ ଅସନ୍ତୋଷ ଚାଲିଛି। ବିଶେଷ କରି ଏହି ସମସ୍ୟା ପଶ୍ଚିମଓଡ଼ିଶାରେ ଅଧିକ ଗୁରୁତର ରହିଛି। ଟୋକନ ପ୍ରଦାନରେ ଅବ୍ୟବସ୍ଥା ଓ କଟନୀ ଛଟନୀ ସମସ୍ୟାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ଚାଷୀ ଅସନ୍ତୁଷ୍ଟ ରହିଛନ୍ତି। ଏଭଳି ସମୟରେ ବରଗଡ଼ ଧନୁଯାତ୍ରା ମଞ୍ଚରେ କୃଷିମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟ ପାଇଁ ସମଗ୍ର ରାଜ୍ୟର ଚାଷୀ ସମାଜ ସରକାରଙ୍କ ଉପରେ ଅଧିକ କ୍ଷୁବ୍ଧ ଥିବା ଦେଖିବାକୁ ମିଳିଛି। ଚାଷୀଙ୍କ ସମସ୍ୟା କଥା କହି ରାଜ୍ୟରେ ବିଜେପି ସରକାର ଶାସନକୁ ଆସିଥିଲା। ଏହି ସରକାର ଅମଳରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଘୋଷଣା ହୋଇଛି; ହେଲେ ସରକାର ଟୋକନ ଓ ମଣ୍ଡି ସମସ୍ୟା ସମାଧାନ କରିବାରେ ବିଫଳ ରହିଛନ୍ତି। ତେଣୁ ମିଲ୍‌ମାଲିକ, ଧାନ ଦଲାଲ ଓ ଅନ୍ୟ ରାଜ୍ୟର ଧାନ ବେପାରୀଙ୍କ ସହ ସରକାରଙ୍କ ମଧୁ ଚନ୍ଦ୍ରିକା ରହିଥିବା ଚାଷୀ ସଙ୍ଗଠନ ଅଭିଯୋଗ କରିଛନ୍ତି। ତେବେ ଚାଷୀଙ୍କ ଏହି ସମସ୍ୟାର ସମାଧାନ ଓ ଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ସରକାର ପଦକ୍ଷେପ ନେଇନାହାନ୍ତି। ଏହାକୁ ନେଇ ନବ ନିର୍ମାଣ କୃଷକ ସଙ୍ଗଠ ରାଜ୍ୟ ବନ୍ଦ ଡାକରା ଦେଇଛି। ଏଥିରେ ଅନ୍ୟ ଚାଷୀ ସଙ୍ଗଠନ ସମର୍ଥନ ଜଣାଇଛନ୍ତି। ଏହି ଆନ୍ଦୋଳନକୁ କୋଶଳ ରାଜ୍ୟ ସମନ୍ୱୟ ସମିତି ସମର୍ଥନ ଘୋଷଣା କରିଛି। ଏହି ବନ୍ଦ ଡାକରାରେ କୋଶଳ ଆନ୍ଦୋଳନକାରୀ ସାମିଲ ହେବେ ବୋଲି ପ୍ରମୋଦ ମିଶ୍ର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, କୋଶଳ ଆନ୍ଦୋଳନ କୌଣସି




ରାଜନୈତିକ ଗୋଷ୍ଠୀର ଆନ୍ଦୋଳନ ନୁହେଁ। ଏହା ମାଟି ମୁକ୍ତିର ଆନ୍ଦୋଳନ। କୋଶଳ ଅଞ୍ଚଳର ଚାଷୀ, ଛାତ୍ର, ଯୁବକ, ବୁଦ୍ଧିଜୀବୀ, ଶିଶୁ, ନାରୀ, କର୍ମଚାରୀ ଓ ଅର୍ଥନୈତିକ ରୂପେ ଶୋଷିତ ଶ୍ରେଣୀଙ୍କ ମୁକ୍ତି ଓ ଅଞ୍ଚଳର ସର୍ବବିଧ ବିକାଶ କେବଳ କୋଶଳ ରାଜ୍ୟ ଗଠନ ଦ୍ୱାରା ହିଁ ହୋଇପାରିବ। ତେଣୁ କୋଶଳାଞ୍ଚଳର ଚାଷୀ ସାମୂହିକ ଭାବେ ଚାଷୀ ଆନ୍ଦୋଳନ ଓ କୋଶଳ ଆନ୍ଦୋଳନକୁ ଶାଣିତ କରିବାକୁ ଶ୍ରୀ ମିଶ୍ର ଆହ୍ୱାନ ଦେଇଥିଲେ। ଚାଷୀଙ୍କ ସମସ୍ୟା କୋଶଳାଞ୍ଚଳର ମୁଖ୍ୟ ସମସ୍ୟା। କୋଶଳାଞ୍ଚଳର ଅର୍ଥନୀତି କୃଷି ଭିତ୍ତିକ ଅର୍ଥନୀତି। ତେଣୁ ଚାଷୀ ଆନ୍ଦୋଳନକୁ କୋଶଳ ଆନ୍ଦୋଳନ ସମ୍ପୂର୍ଣ୍ଣ ରୂପେ ସମର୍ଥନ କରିବ ବୋଲି ସେ ଘୋଷଣା କରିଛନ୍ତି। ସରକାର ସମ୍ବେଦନଶୀଳ ହୋଇ ଚାଷୀଙ୍କ ସମସ୍ୟା ସମାଧାନ କରିବା ସହ ଟୋକନ ବ୍ୟବସ୍ଥା ଉଚ୍ଛେଦ କରିବା ସହ ଅସାଧୁ ଧାନ ବ୍ୟବସାୟୀଙ୍କ ଚକ୍ରରେ ନ ପଡ଼ିବାକୁ କୋଶଳ ଆନ୍ଦୋଳନ ସମିତି ଚେତାବନୀ ଦେଇଛି। ଏହି ସମ୍ବାଦିକ ସମ୍ମିଳନୀରେ ଶରତ ହୋତା, ରଣରାଜ ସିଂହ ଦେଓ, ରବି ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଜଣେ ଗିରଫ




**କଣ୍ଟାବାଞ୍ଜି, ୨୫।୧(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରେ ରବିବାର ଏକ ଲଜ୍ୟାଜନକ ଘଟଣା ଘଟିଛି। ଏହି ଘଟଣାରେ କଣ୍ଟାବାଞ୍ଜି ସହରର ୧୦ ନମ୍ବର ୱାର୍ଡ ବାସିନ୍ଦା କୈଳାସ ଶର୍ମା (କାବୁ)ଙ୍କୁ ପୁଲିସ ଗିରଫ କରିଛି। ଜଣେ ନାବାଳିକାଙ୍କୁ ସେ ବାଥ୍‌ରୁମ୍ ଭିତରକୁ ନେଇ ଅଶ୍ଳୀଳ ଭିଡ଼ିଓ ଦେଖାଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏନେଇ ତାଙ୍କ ପରିବାର ଲୋକେ ଘଟଣା ସମ୍ପର୍କରେ କଣ୍ଟାବାଞ୍ଜି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। କଣ୍ଟାବାଞ୍ଜି ଡାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ଜେଲକୁ ପଠାଇ ଦିଆଯାଇଛି।

# ରାମକୁମାର ଅଗ୍ରୱାଲଙ୍କ ସ୍ମୃତିଚାରଣ



**ଟିଟିଲାଗଡ଼, ୨୫ ।୧(ସମିସ):** ଟିଟିଲାଗଡ଼ରେ ସ୍ୱର୍ଗତ ରାମକୁମାର ଅଗ୍ରୱାଲଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଦୀପକ ସମ୍ପାଦାରଙ୍କ ସଭାପତିତ୍ୱରେ ଆୟୋଜିତ ଶୋକସଭାରେ ବଲାଙ୍ଗୀର ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଶିବ ପ୍ରସାଦ ପରିଡ଼ା, ବରିଷ୍ଠ ସାମ୍ବାଦିକ ହରିଶ ରାୟଥଟ୍ଟା ଏବଂ ମାନସ ମହାନ୍ତି ମଞ୍ଚାସୀନ ଥିଲେ। ସାମ୍ବାଦିକ ସତ୍ୟବ୍ରତ ପଣ୍ଡା, ସଞ୍ଜୟ ବେହେରା, ତୀର୍ଥଙ୍କର ପଟେଲ, ମନୋଜ ଶତପଥୀ, ରମେଶ ଅଗ୍ରୱାଲ, ଜିତୁ ସାହୁ, ସୁଧୀର ଦାଶ, ଭବାନୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୫୦୦ ପିଲାଙ୍କୁ କଲମ ଉପହାର ଦେଲେ ସରପଞ୍ଚ

**କଣ୍ଟାବାଞ୍ଜି, ୨୫ ।୧(ସମିସ):** ବଙ୍ଗୋମୁଣ୍ଡା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ସରପଞ୍ଚ ଅଜିତ ଯୋଶୀ ସରସ୍ୱତୀ ପୂଜାରେ ସାମିଲ ହୋଇଛନ୍ତି। ଏହି ଅବସରରେ ସେ ୧୫ଶହ ପିଲାଙ୍କୁ କଲମ ଉପହାର ଦେଇଛନ୍ତି। ପିଣ୍ଟୁ ଦାସ, ବିନୋଦ ବାରିକ, ସମ୍ରାଟ ମନହୀରା, ମନିଷ ବାରିକ, ଅକିଂତ ବାରିକ, ଅଙ୍କିତ ସାହୁ, ସାହିଲ ଦାସ ପ୍ରମୁଖ ତାଙ୍କ ସହ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବୀର ସୁରେନ୍ଦ୍ର ସାଏ ଓ ସୁଭାଷ ବୋଷଙ୍କ ଜୟନ୍ତୀ



**କଣ୍ଟାବାଞ୍ଜି, ୨୫ ।୧(ସମିସ):** କଣ୍ଟାବାଞ୍ଜି ମାଟିର ମହୋତ୍ସବ କମିଟି ପକ୍ଷରୁ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁବାଷ ବୋଷଙ୍କ ଜୟନ୍ତୀ ପାଳିତ ହୋଇଛି। ଧର୍ମ ଜାଗରଣ ପ୍ରାନ୍ତ ସଂଯୋଜକ ବିକ୍ରମ ଆଚାର୍ଯ୍ୟ ସଭାରେ ଉପସ୍ଥିତ ଥିଲେ। ପୁଷ୍ପକେତୁ ବେହେରା, କୈଳାଶ ଦୀପ, ରୋହନ ମହତ, ରାଜୁ ଶର୍ମା, ରାଜୁ ବାରିକ, ପ୍ରକାଶ ପଧାନ, ନିଶିକାନ୍ତ ମହାପାତ୍ର, ଧର୍ମାନନ୍ଦ ଜୁଏଡ଼, ତୁଳସୀ ଜଗତ, ପରମାନନ୍ଦ ପୁଟେଲ, ସୋମନାଥ ସାହୁ, ବିମଳ ହାତୀ, ମୋହନ ସୁନା ପ୍ରମୁଖ ସାମିଲ ହୋଇଥିଲେ।

# କଣ୍ଟାବାଞ୍ଜି ମାଟିର ମହୋତ୍ସବ କମିଟି ପକ୍ଷରୁ ରକ୍ତଦାନ ଶିବିର

**କଣ୍ଟାବାଞ୍ଜି, ୨୫ ।୧(ସମିସ):** ସ୍ଥାନୀୟ ଶ୍ରୀ ହରି ଭବନରେ ରବିବାର କଣ୍ଟାବାଞ୍ଜି ମାଟିର ମହୋତ୍ସବ କମିଟି ପକ୍ଷରୁ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷଣ ବାଗ, ସମ୍ମାନିତ ଅତିଥି ଭାବେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଛବି ପୋଡ଼, କଣ୍ଟାବାଞ୍ଜି ମାଟିର ମହୋତ୍ସବ କମିଟି ସଭାପତି ବ୍ରଜଶ୍ୟାମ ଗୁରୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ପ୍ରଥମେ ବିଧାୟକ ଶ୍ରୀ ବାଗ ରକ୍ତଦାନ କରିଥିଲେ। ୨୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସ୍ଥାନୀୟ ରକ୍ତ ଭଣ୍ଡାର ପକ୍ଷରୁ କୁନାଲ ଦାସ, ଗୁରୁବାରୁ ରଣା, ଶିବ ସାହୁ, ପ୍ରଶାନ୍ତ ସାହୁ, ବିଶ୍ୱଜିତ ଦେବତା ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। କମିଟି ପକ୍ଷରୁ ସମ୍ପାଦକ ବେଦବ୍ୟାସ ନାଗ, ରାଜୁ ଶର୍ମା, ସଞ୍ଜୟ ଗାନ୍ଧୀ, ପ୍ରକାଶ ପଧାନ, ସୋମନାଥ ସାହୁ, ଦିନେଶ ମହାନନ୍ଦ, ରାଜୁ ବାରିକ, ତୁଳସୀ ଜଗତ, ରୋହନ ମହତ, ନିଶିକାନ୍ତ ମହାପାତ୍ର, ମୋହନ ସୁନା, ଦେବରାଜ ସିଂ, କୈଳାଶ ଦୀପ, ରାଜେନ୍ଦ୍ର ବେହେରା, ରଶ୍ମି ରଞ୍ଜନ ପୁଟେଲ ସହଯୋଗ କରିଥିଲେ।




# ବିଂଝାଲ ସମାଜ ଜିଲ୍ଲା ମହାସଭା ପାଇଁ ପ୍ରସ୍ତୁତି



**ପାଟଣାଗଡ଼, ୨୫ ।୧ (ସମିସ):** ଲରମ୍ଭା ବାଗପଡ଼ାରେ ସର୍ବ ଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରୀବାସୀ ବିଂଝାଲ ସମାଜର ଜିଲ୍ଲା ମହାସଭା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଲାଟ ସଭାପତି ତଥା ଜିଲ୍ଲା ସଭାପତି ଚନ୍ଦ୍ରଶେଖର ବାଗ ଏଥିରେ ଅଧ୍ୟକ୍ଷତା କରିଥିଲେ। ବଲାଙ୍ଗୀର ଜିଲ୍ଲା ବ୍ଲକ ସଭାପତି କୁଶ ବରିହା, ଜିଲ୍ଲା ଉପଦେଷ୍ଟା ଗୋପବନ୍ଧୁ ବରିହା, ଜିଲ୍ଲା ମିଡିଆ ସେଲ ସଂଯୋଜକ ଗୋରେଖନାଥ ବରିହା, ପାଟଣାଗଡ଼ ବ୍ଲକ ସଭାପତି କିଶୋର ଚନ୍ଦ୍ର ବରିହା, ପାଟଣାଗଡ଼ ବ୍ଲକ କୋଷାଧ୍ୟକ୍ଷ ଗୌରାଙ୍ଗ ବରିହା, ଖପ୍ରାଖୋଲ ବ୍ଲକ କୋଷାଧ୍ୟକ୍ଷ ବିପିନ ବରିହା, ସଇଁତଳା ସଭାପତି ମଧୁସୁଦନ ବରିହା, ଦେଓଗାଁ ସଭାପତି ମଦନ ବରିହା, ତୁରେକେଲା ସଭାପତି ହରିହର ବରିହା, ଟିଟିଲାଗଡ଼ ସଭାପତି ମଦନ ବରିହା, ମୁରିବାହାଲ ସଭାପତି ବନମାଳୀ ବରିହା, ବଙ୍ଗୋମୁଣ୍ଡା ସଭାପତି ଶାନ୍ତନୁ ବରିହା, ଜିଲ୍ଲା ଉପଦେଷ୍ଟା ଟିକଚନ ବରିହା, ସରଗୁଲ ବରିହା, ସାଧବ ବରିହା ପ୍ରମୁଖ ଉପସ୍ଥିତ ଥିଲେ। ବିପିନ ବରିହା ସଭା ପରିଚାଳନା କରିଥିଲେ।

# କୁତମୁଣ୍ଡାରେ ବାଲ୍ୟ ବିବାହ ସଚେତନତା କାର୍ଯ୍ୟକ୍ରମ



**ପାଟଣାଗଡ଼, ୨୫ ।୧(ସମିସ):** କୁତମୁଣ୍ଡାରେ ବାଲ୍ୟ ବିବାହ ମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଓ ଗ୍ରାମବାସୀଙ୍କୁ ନେଇ ଗ୍ରାମ ପରିକ୍ରମା କରାଯାଇଥିଲା। ଅଙ୍ଗନବାଡି କର୍ମୀ ରାମାବତୀ ସାହୁ, ବାସନ୍ତୀ ମେହେର, ଉପାଶି ବରିହା, ଆଶାକର୍ମୀ ତପସ୍ୱିନୀ ମେହେର, ପ୍ରମିଳା ସାହୁ, ଲକ୍ଷ୍ମୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଭେଲାରାମ କୁମ୍ଭାର ସହଯୋଗ କରିଥିଲେ।

## ସାହୁପଡ଼ା କ୍ରିକେଟ କପ୍ ଉଦ୍‌ଯାପିତ

# ପଟମେଶ୍ୱରୀ ପୋର୍ଟିଂ ଚାମ୍ପିଅନ

**ସଇଁତଳା, ୨୫ ।୧(ସମିସ):** ଡୁଙ୍ଗୁରିପାଲି ପଞ୍ଚାୟତ ସାହୁପଡ଼ା କ୍ରିକେଟ ଉଦ୍‌ଯାପିତ ହେଇଛି। ନେହେରୁ ଯୁବକ ସଂଘ ପକ୍ଷରୁ ୫ ଦିନ ଧରି ଏହା ଚାଲିଥିଲା। ପାଟଣାଗଡ଼ ପାଟମେଶ୍ୱରୀ ଓ ଡିକେ ଚ୍ୟାଲେଞ୍ଜର୍ସ ମଧ୍ୟରେ ଫାଇନାଲ ମ୍ୟାଚ୍ ହେଇଥିଲା। ପାଟଣାଗଡ଼ ପାଟମେଶ୍ୱରୀ ୭ ଓଭର ଖେଳି ୮୩ ରନ୍ ସଂଗ୍ରହ କରିଥିଲା। ଡିକେ ଚ୍ୟାଲେଞ୍ଜର୍ସ ନିର୍ଦ୍ଧାରିତ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ନ ପାରି ପରାଜିତ ହୋଇଥିଲା। ପଟମେଶ୍ୱରୀ ପୋର୍ଟିଂ ଚାମ୍ପିଅନ ହୋଇଥିଲା। ଏଥିରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ସାଂସଦ ପ୍ରତିନିଧି ଅକ୍ଷୟ ରଣା, ଯୁବନେତା ଡୋଳାମଣି ବସ୍ତିଆ, ଶିକ୍ଷାବିତ ଗୌତମ ଖେତି, ବିରଞ୍ଚି ପଟେଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବଲେ। ବିଜେତା ଦଳକୁ ୫୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିଭଳି ଉପ ବିଜେତା ଦଳକୁ ନଗଦ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା।



# ମାଁ ନିତେଇ ଧୋବଣୀ ମନ୍ଦିରର ରତ୍ନମୁଦ ଉତ୍ସବ

**ବଲାଙ୍ଗିର, ୨୫ ।୧ (ସମିସ):** ବଲାଙ୍ଗିର ବିଷ୍ଣୁମୁଣ୍ଡାରେ ନବନିର୍ମିତ ମା' ନିତେଇ ଧୋବଣୀଙ୍କ ଭବ୍ୟ ମନ୍ଦିରର ରତ୍ନମୁଦ ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମନ୍ଦିରର ପୂଜକ ଚୈତରାମ ସେଠ୍ ଓ ଛବି ସେଠ୍ ପୂଜାର୍ଚ୍ଚନା କରିଥିଲେ। ପଣ୍ଡିତ କମଳାକାନ୍ତ ମିଶ୍ର, ନିରଞ୍ଜନ ପୂଜାରୀ, ଚୈତନ୍ୟ ମିଶ୍ର, ପ୍ରତିମା ସେଠ୍, ରାଜକିଶୋର ସେଠ୍, ପୁଷ୍ପାଞ୍ଜଳୀ ସେଠ୍, ରଞ୍ଜନ ସେଠ୍ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ଏହି ଉତ୍ସବରେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ ଏବଂ ପୌରାଧ୍ୟକ୍ଷା ଲିକା ସାହୁ ଯୋଗ ଦେଇଥିଲେ। ବଲାଙ୍ଗିର ଜିଲ୍ଲା ରଜକ ସମାଜ ସଭାପତି କଳାକାହ୍ନୁ ସେଠ୍ ତଦାରଖ କରିଥିଲେ। ବରଗଡ଼ ଜିଲ୍ଲା ସଭାପତି ଉମେଶ ସେଠ୍, ସୁବର୍ଣ୍ଣପୁର ଉପଦେଷ୍ଟା କମିଟି ସଭାପତି ଉତାନ ସେଠ୍ ଉପସ୍ଥିତ ଥିଲେ। ବଲାଙ୍ଗିର ଜିଲ୍ଲା ସମ୍ପାଦକ କୀର୍ତ୍ତିଚନ୍ଦ୍ର ସେଠ୍, କୋଷାଧ୍ୟକ୍ଷ ଶେଖର ସେନ ସେଠ୍, ମନ୍ଦିର କମିଟି ସମ୍ପାଦକ ଗଦାଧର ସେଠ୍, ବରିଷ୍ଠ ସଭ୍ୟ ଅନିରୁଦ୍ଧ ସେଠ୍, ସଭ୍ୟ ସୁଦାମ ସେଠ୍, ଭୁଜରାଜ ସେଠ୍, ସୁରେଶ ସେଠ୍, ଜଗନ୍ନାଥ ସେଠ୍, ପ୍ରକାଶ ସେଠ୍, ଜଗ ସେଠ୍, ଜଳନ୍ଧର ସେଠ୍, ଉପଖଣ୍ଡ ସଭାପତି ଅଶୋକ ସେଠ୍, ରାକେଶ ସେଠ୍, ନେପାଳ ସେଠ୍, ଶ୍ରୀକର ସେଠ୍, ମୋହନ ସେଠ୍, ନାରାୟଣ ସେଠ୍, ପବିତ୍ର ସେଠ୍, ଭକ୍ତ ସେଠ୍, ନରସିଂହ ଦୀପ, ଇରସାଦ୍ ଖାନ ପ୍ରମୁଖ ସହଯୋଗ କରିଥିଲେ।

# ସମରା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ତୁଷୁରା, ୨୫ ।୧(ସମିସ):** ଗୁଡଭେଲା ବ୍ଲକ ସମରା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ରମେଶ ମେହେର, ବୁଢାବାହାଲ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ବରୁଣ ସାହୁ, କପସିଲା କ୍ଲଷ୍ଟର ସିଆରସିସି ସୁଧାଂଶୁ ପୁଟା, ସୁବିଞ୍ଜ୍ଞ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ମଞ୍ଜୁରୀ କାଲୋ ସଭାପତିତ୍ୱ କରିଥିଲେ। ଶିକ୍ଷକ ରମେଶ ଚନ୍ଦ୍ର ରଣା ବିବରଣୀ ପଢ଼ିଥିଲେ। ସଞ୍ଜୀବ କୁମ୍ଭାର ସଭା ପରିଚାଳନା କରିଥିଲେ। ନିହାରିକା ଗୁରୁ ଧନ୍ୟବାଦ ଜଣାଇଥିଲେ।

# ବଲାଙ୍ଗିରରେ ଜାତୀୟ ମତଦାତା ଦିବସ

**ବଲାଙ୍ଗିର, ୨୫ ।୧(ସମିସ):** ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ୧୬ ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ କୋଶଳ କଳା ମଣ୍ଡଳ ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବିଜୟାନନ୍ଦ ସେଠୀ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ ପଟେଲ, ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ସହକାରୀ ଜିଲ୍ଲାପାଳ ଦେବସ୍ମିତ୍ ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀଙ୍କ ସମେତ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ମହିଳା ମହାବିଦ୍ୟାଳୟରେ ଏହା ସମାପ୍ତ ହୋଇଥିଲା। ମହାବିଦ୍ୟାଳୟରେ ଆୟୋଜିତ ସଭାରେ ଜିଲ୍ଲାପାଳ ଗୌରଓ ଶିୱାଜି ଇସଲୱାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।



# ୨୭ରୁ ଆର୍‌ଏନ୍ ସିଂହଦେଓ ମେମୋରିଆଲ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ବଲାଙ୍ଗିର, ୨୫ ।୧(ସମିସ)**

ବଲାଙ୍ଗିର ଗାନ୍ଧୀ ଷ୍ଟାଡ଼ିୟମରେ ଜାନୁୟାରୀ ୨୭ରୁ ଫେବୃୟାରୀ ୧ ପର୍ଯ୍ୟନ୍ତ ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ମେମୋରିଆଲ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଛତିଶଗଡ଼, ପଶ୍ଚିମବଙ୍ଗ, ରାଉରକେଲା, ଫୁଲବାଣୀ, ବରଗଡ଼, ସମ୍ବଲପୁର, ସୋନପୁର ଓ ବଲାଙ୍ଗିରର ମହାରାଜା ଫୁଟବଲ ଏସୋସିଏସନ୍ ଭାଗ ନେଇଛନ୍ତି। ପ୍ରଥମ ଦିନ 'ଏ' ପୁଲର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରଥମଟି ବଲାଙ୍ଗିର ସହିତ ସମ୍ବଲପୁର କୁଚିଣ୍ଡା ମଧ୍ୟରେ ଓ ଦ୍ୱିତୀୟଟି ଫୁଲବାଣୀ ସହିତ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲ ୨୮ରେ ଖେଳାଯିବ। 'ବି' ପୁଲର ପ୍ରଥମ ମ୍ୟାଚ୍ ୨୯ରେ ଛତିଶଗଡ଼ ସହିତ ସୁବର୍ଣ୍ଣପୁର ମଧ୍ୟରେ ହେବ। ୩୦ରେ ପଶ୍ଚିମବଙ୍ଗ ସହିତ ବରଗଡ଼ ଦଳ ମଧ୍ୟରେ ମ୍ୟାଚ ଖେଳାଯିବ। ୩୧ରେ ଦ୍ୱିତୀୟ ସେମିଫାଇନାଲ ଖେଳା ଯାଇ ୧ରେ ଫାଇନାଲ ମୁକାବିଲା ହେବ। ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। କମିଟିର କାର୍ଯ୍ୟକାରୀ ସଭାପତି ବିଧୁଭୂଷଣ ତ୍ରିପାଠୀ, ଉପସଭାପତି ଶମ୍ଭୁ ନାଗ, ସମ୍ପାଦକ ସାଗର ସଙ୍ଗମ ଶତପଥୀ, କୋଷାଧ୍ୟକ୍ଷ ଦେବଦତ୍ତ ବେହେରା, କାର୍ଯକାରୀ ସଦସ୍ୟ ରାଜେନ୍ଦ୍ର ହୋତା, ନିହାର ରଞ୍ଜନ ସ୍ୱାଇଁ, ଲେଙ୍କା ସାହୁ, ଗୁଞ୍ଜ ଖାନ, ସୁମନ ନନ୍ଦ, ଭୁପେନ୍ଦ୍ର ପ୍ରସାଦ ସିଂ, ବିରସେନ ସାହୁ ଏବଂ ବିଭୁତି ଭୂଷଣ ମିଶ୍ର ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।



# ସିଓବି ଶ୍ରେଣୀ ଠିକାଦାର ସଂଘ ଗଠିତ



**ମ.ରାମପୁର, ୨୫ ।୧ (ସମିସ):** ମ.ରାମପୁରସ୍ଥିତ ଡାକବଙ୍ଗଳା ଠାରେ ଭବାନୀପାଟଣା ସବଡ଼ିଭିଜନର ସିଓବି ଶ୍ରେଣୀ ଠିକାଦାର ସଂଘ ଗଠିତ ହୋଇଛି । ଠିକାଦାର ଶଶିଭୂଷଣ ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଠିକାଦାରଙ୍କ ସମସ୍ୟା ଉପସ୍ଥାପନା କରିଥିଲେ ।ସରକାରଙ୍କ ପାଖରେ ରଖିଥିବା ପ୍ରସ୍ତାବ ଗୁଡିକ ହେଲା ଠିକାଦାରଙ୍କ ଲାଇସେନ୍ସ ପାଞ୍ଚ ବର୍ଷରେ ଥରେ ନବୀକରଣ, ସିଓବି ଶ୍ରେଣୀର ଠିକାଦାରଙ୍କୁ ଶ୍ରମିକ ଲାଇସେନ୍ସ ଓ ଇପିଏଫ ପୈଠରୁ ବାଦ ଦିଆଯାଉ ବୋଲି ପ୍ରସ୍ତାବ ରଖିଥିବା ବେଳେ ବାଲି ପାଇଁ ଆମେ ରୟାଲିଟି ପୈଠ କରୁଥିବା ବେଳେ ଲକ୍ଷଲକ୍ଷ ଟଙ୍କାର ଜରିମାନା ସହ ଚୋରଙ୍କ ଭଳି ଆଚରଣକୁ ବିରୋଧ କରିଥିଲେ । ବର୍ତ୍ତମାନ ସରକାର ଟେଣ୍ଡରର ନୂଆ ନିୟମକୁ ଅର୍ଥାତ ସମୁଦାୟ ଅଟକଳ ପରିମାଣର ୧୪.୯୯ ପ୍ରତିଶତ ଲେସ ମଧ୍ୟରେ ଟେଣ୍ଡର ପକେଇବା ନିୟମକୁ ଉଚ୍ଛେଦ କରି ଯିଏ ଯେତେ ଲେସରେ ମଧ୍ୟ ଟେଣ୍ଡର ପକେଇ ପାରିବା ନିୟମକୁ ଠିକାଦାର ସଂଘ ବିରୋଧ କରିଛି । ବର୍ତ୍ତମାନ ଅନ୍ୟ ଜିଲ୍ଲାରୁ ଠିକାଦାରମାନେ ଆସି କାମ କରୁଥିବାରୁ ନିଜ ଜିଲ୍ଲାର ଠିକାଦାର ମନେ କାମ କରିବାରୁ ବଞ୍ଚିତ ହେଉଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ । ଆଗାମୀ ଦିନରେ ସମସ୍ତ ଠିକାଦାର ଏକତ୍ରିତ ହୋଇ କାମ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଭବାନୀପାଟଣା, ନର୍ଲା, କେସିଙ୍ଗା, କରଲାମୁଣ୍ଡା, ମ. ରାମପୁରର ସମସ୍ତ ଠିକାଦାର ଅଂଶ ଗ୍ରହଣ କରିଥିଲେ ।

# ଡ଼. ମହେନ୍ଦ୍ର ମିଶ୍ର ପାଇବେ ପଦ୍ମଶ୍ରୀ ସମ୍ମାନ

**ନୂଆପଡ଼ା, ୨୫ ।୧(ସମିସ):** ଓଡ଼ିଶାର ନୂଆପଡ଼ା ଜିଲ୍ଲାର ସିନାପାଲିଗାଁର ନିବାସୀ ଡ଼.ମହେନ୍ଦ୍ର କୁମାର ମିଶ୍ର ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ପଦ୍ମଶ୍ରୀ-୨୦୨୬ ସମ୍ମାନରେ ସମ୍ମାନିତ ହେବେ । ଜୀବନର ସମଗ୍ର ସମୟ ଆଦିବାସୀ ଶିକ୍ଷା ଓ ଲୋକସାହିତ୍ୟ ସଂରକ୍ଷଣ ପାଇଁ ନିଯୁକ୍ତ କରିଛନ୍ତି । ତାଙ୍କ କାର୍ଯ୍ୟ ଆଦିବାସୀ



ଜ୍ଞାନ ପ୍ରଣାଳୀ ଓ ମୁଖ୍ୟଧାରା ସାହିତ୍ୟ ମଧ୍ୟରେ ମଜବୁତ ସେତୁ ଭାବେ କାମ କରୁଛି । ସାହିତ୍ୟ କ୍ଷେତ୍ରରେ ୟୁନେସ୍କୋ ପୁରସ୍କାର ପାଇଥିବା ସେ ଏକମାତ୍ର ଭାରତୀୟ, ଯାହା ତାଙ୍କର ସାଂସ୍କୃତିକ ସଂରକ୍ଷଣ ପ୍ରତି ଅସାଧାରଣ ଅବଦାନକୁ ବିଶ୍ୱସ୍ତରୀୟ ସ୍ୱୀକୃତି ଦେଇଛି । ଆଜିକୁ ଗୋଟିଏ ଦଶକ ଧରି ହୋଇଥିବା ନିରନ୍ତର ଗବେଷଣା ମାଧ୍ୟମରେ ମହେନ୍ଦ୍ର କୁମାର ମିଶ୍ର ଓଡ଼ିଶାର ଆଦିବାସୀ ସମୁଦାୟଙ୍କ ସ୍ୱରକୁ ଲିପିବଦ୍ଧ ଓ ସଂରକ୍ଷିତ କରିଛନ୍ତି । ସେ ତାଙ୍କର ପୌରାଣିକ କଥା, ମହାକାବ୍ୟ, ପ୍ରବଚନ ଓ ଲୋକଗୀତକୁ ସଂଗ୍ରହ କରି ପୀଢ଼ିରୁ ପୀଢ଼ିକୁ ଚାଲିଆସୁଥିବା ମୌଖିକ ପରମ୍ପରାକୁ ବିଲୁପ୍ତିରୁ ରକ୍ଷା କରିଛନ୍ତି । ଓଡ଼ିଆ ଓ ଆଦିବାସୀ ଲୋକସାହିତ୍ୟ ଉପରେ ତାଙ୍କର ୨୫ରୁ ଅଧିକ ପୁସ୍ତକ ତାଙ୍କୁ ଭାରତର ଆଦିବାସୀ ସାହିତ୍ୟ ଐତିହ୍ୟର ଗୁରୁତ୍ୱପୂର୍ଣ୍ଣ ସଂରକ୍ଷକମାନଙ୍କ ମଧ୍ୟରେ ଏକ ଅଗ୍ରଣୀ ସ୍ଥାନ ଦେଇଛି ।

## ବରାଡ଼ଙ୍ଗା ଉ.ପ୍ରା ବିଦ୍ୟାଳୟରେ ଶିକ୍ଷକ ଅଭାବ

# ୩ ଶିକ୍ଷକଙ୍କ ହାତରେ ୧୯୭ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ

**କୋକସରା, ୨୫ ।୧(ସମିସ)**

କୋକସରା ବ୍ଲକ ବରାଡ଼ଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ଯାହା ଫଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଗତି କରୁଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି । ସୂଚନା ଅନୁସାରେ, ଏହି ବିଦ୍ୟାଳୟରେ ଶିଶୁ ବାଟିକାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ଯାଏଁ ଶିକ୍ଷା ବ୍ୟବସ୍ଥା ରହିଛି । ଶିଶୁ ବାଟିକାରେ ୮ ଜଣ ଛାତ୍ର ଓ ୭ ଜଣ ଛାତ୍ରୀ ରହିଥିବା ବେଳେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ଯାଏଁ ୧୦୪ ଜଣ ଛାତ୍ର ଏବଂ ୭୮ ଜଣ ଛାତ୍ରୀ ଅଧ୍ୟୟନ କରିଥାନ୍ତି । ତେବେ



ପ୍ରତି ୩୦ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଲେଖାଏଁ ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା ରହିଛି । ଏଠାରେ ସମୁଦାୟ ୧୯୭ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲେ ହେଁ ଆବଶ୍ୟକ ହିସାବରେ ଶିକ୍ଷକ, ଶିକ୍ଷୟିତ୍ରୀ ନାହାନ୍ତି । ଯାହା ଫଳରେ ଶିକ୍ଷା ବ୍ୟବସ୍ଥା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି । ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ନେଇ ଅନେକ ଥର ପରିଚାଳନା କମିଟି ତଥା ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଶିକ୍ଷା ବିଭାଗ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଏଣେ ସ୍ଥାନୀୟ ବିଧାୟକଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରଯାଇଛି । ତେବେ ଅଭିଯୋଗର ଦୀର୍ଘଦିନ ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ବିଦ୍ୟାଳୟରେ ନୂତନ ଶିକ୍ଷକ ନିଯୁକ୍ତି ଦିଗରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ଜିଲ୍ଲାପାଳ ପାଇଲେ ଶ୍ରେଷ୍ଠ ନିର୍ବାଚନ ଜିଲ୍ଲା ପୁରସ୍କାର

**ନୂଆପଡ଼ା, ୨୫ ।୧(ସମିସ):** ଗତ ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ଉତ୍ତମ ନିର୍ବାଚନ ପରିଚାଳନା ପାଇଁ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଜାତୀୟସ୍ତରରେ ଶ୍ରେଷ୍ଠ ନିର୍ବାଚନ ଜିଲ୍ଲା ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଛି । ନୂଆଦିଲ୍ଲୀରେ ମାନେକ୍ସା ସେଣ୍ଟରରେ ଜାତୀୟ ଭୋଟର ଦିବସ ପାଳନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି । ଶ୍ରେଷ୍ଠ ନିର୍ବାଚନ ଜିଲ୍ଲା ପୁରସ୍କାରର ଉତ୍ତମ ନିର୍ବାଚନ ପରିଚାଳନା ଓ ଲଜିଷ୍ଟିକ୍ସ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଯେ, ନିକଟ ଅତୀତରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ସଫଳତାର ସହିତ ମୁକ୍ତ, ଅବାଧ ଏବଂ ନିରପେକ୍ଷ ଭାବରେ ନୂଆପଡ଼ା ବିଧାନସଭା ଉପନିର୍ବାଚନ ସମ୍ପନ୍ନ ହୋଇଛି । ଦୁର୍ଗମ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ଲଜିଷ୍ଟିକ ଚ୍ୟାଲେଞ୍ଜକୁ ଦୂର କରିବା ପାଇଁ ହେଲିକପ୍ଟର ବ୍ୟବହାର କରାଯାଇଥିଲା । ପ୍ରମୁଖ ଉଦ୍ଭାବନ ମଧ୍ୟରେ ଜିଆଇଏସ ଆଧାରିତ ଯୋଜନା ଥିଲା । ଫଳରେ 'କୌଣସି ଭୋଟର ମତଦାନରୁ ବଞ୍ଚିତ ହେଲେ ନାହିଁ'ଶତ ପ୍ରତିଶତ ପୋଲିଂ ଟିମ ନିୟୋଜିତ କରିବା, ଶୂନ୍ୟ ପରିବହନ ଅଘଟଣ ଏବଂ ଭୋଟରଙ୍କ ଯୋଗଦାନ ବୃଦ୍ଧି କରାଯାଇଥିଲା ।



# ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ତ୍ରିରଙ୍ଗା ଶୋଭାଯାତ୍ରା




**ଭବାନୀପାଟଣା, ୨୫ ।୧ (ସମିସ):** ପୁଣ୍ୟମୟୀ ମାତା ଭାରତୀର ବୀର ସନ୍ତାନ ତଥା ସ୍ୱାଭିମାନ ଏବଂ ନିର୍ଭିକର ଜ୍ୱଳନ୍ତ ପ୍ରତିମା ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମଜୟନ୍ତୀ ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦକଳାହାଣ୍ଡି ତରଫରୁ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକରୁ ସହରର ମୁଖ୍ୟ ଛକମାନଙ୍କ ମଧ୍ୟରେ ଅନ୍ୟତମ ମାଣିକେଶ୍ୱରୀ ଛକ ପର୍ଯ୍ୟନ୍ତ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ତ୍ରିରଙ୍ଗା ଶୋଭାଯାତ୍ରା ସମ୍ପନ୍ନ ହୋଇଛି । ଶୋଭାଯାତ୍ରାରେ ନିଜକୁ ଅଂଶୀଦାର କରିଥିବା ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନିମିତ୍ତ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ତ୍ରିରଙ୍ଗା ଶୋଭାଯାତ୍ରା ମାଧ୍ୟମରେ ସମାଜକୁ ରାଷ୍ଟ୍ରପ୍ରେମର ବାର୍ତ୍ତା ପହଞ୍ଚିଛି । ଶୋଭାଯାତ୍ରାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଛନ୍ଦା ଚରଣ ବେହେରା, ରାଜ୍ୟ ଜନଜାତି ସଂଯୋଜକ ଚୂଡ଼ାମଣି ପ୍ରଧାନି, ରାଜ୍ୟ ସେବାର୍ଥେ ବିଦ୍ୟାର୍ଥୀ ସଂଯୋଜକ ରାହୁଲ ପ୍ରଧାନ, ଧର୍ମେନ୍ଦ୍ର ବାହୁକ, ବିଦ୍ୟାଧର ଭୋଇ, ହିତେଶ ସାହୁ, ମହେଶ ତାନ୍ଦୀ, ତପନ ଗହିର, ଅଭୟ ମଙ୍ଗରାଜ ପ୍ରମୁଖ ଯୋଗଦାନ କରିଥିଲେ ।


## ସୂଚନା ଫଳକରେ ପିଟି ହେଲା ବାଇକ୍

# ଜଣେ ମୃତ, ଜଣେ ଗୁରୁତର

**ଲାଞ୍ଜିଗଡ଼, ୨୫ ।୧(ସମିସ):** ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ରଘୁନାଥପୁର ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ ଏକ ସୂଚନା ଫଳକରେ ବାଇକ୍ ଆରୋହୀ ପିଟି ହୋଇ ଜଣକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ସୂଚନାନୁସାରେ ମୋହନଗୁଡା ଗ୍ରାମର ଧନିଆ ମାଝୀ (୩୨) ଏବଂ ହରେକୃଷ୍ଣପୁରଗ୍ରାମର ସାମନ୍ତ ମାଝୀ (୨୫) ଦୁଇଜଣ ସକାଳ ୮ ଘଣ୍ଟା ସମୟରେ ମୋହନଗୁଡା ଠାରୁ ହରେକୃଷ୍ଣପୁର ଗାଁକୁ ବାଇକ୍ ଯୋଗେ ଯାଉଥିବା ବେଳେ ଛତ୍ରପୁର ପଞ୍ଚାୟତ ରଘୁନାଥପୁର ଗାଁ ନିକଟରେ ଭାରସାମ୍ୟ ହରାଇ ଏକ ସୂଚନା ଫଳକରେ ପିଟିହୋଇ ତଳେ ପଡ଼ିଯାଇଥିଲେ । ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଡ଼କାଇ ଦୁହିଁଙ୍କୁ ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ ।ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିବା ପରେ ଡାକ୍ତର ଧନିଆ ମାଝୀକୁ ମୃତ ଘୋଷଣା କରିଥିଲେ । ଗୁରୁତର ଆହତ ସାମନ୍ତ ମାଝୀକୁ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଖବର ପାଇ ଲାଞ୍ଜିଗଡ଼ ଥାନାଧିକାରୀ ଯଶୋବନ୍ତ ହିଆଲଙ୍କ ନେତୃତ୍ୱରେ ଏସ୍ଆଇ ଡୋଳାମଣି ବିଶି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ଏନେଇ ଲାଞ୍ଜିଗଡ଼ ଥାନା କେଶ ନଂ ୯/୨୬ ରେ ମାମଲା ରୁଜୁକରି ମୃତ ଧନିଆଙ୍କ ଶବ ବ୍ୟବଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି ।

# କୋମନା ଦେଇ ବସ୍ ଚଳାଚଳ ପାଇଁ ଦାବି

**କୋମନା, ୨୫ ।୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଅଞ୍ଚଳର ପରିବହନ ସମସ୍ୟାର ସମାଧାନ ପାଇଁ ଶ୍ରୀ ଜଗନ୍ନାଥ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କରାଯାଇଛି । ନୂଆପଡ଼ାରୁ ଟିଟିଲାଗଡ଼ ପର୍ଯ୍ୟନ୍ତ ସରକାରୀ ବସ୍ ପ୍ରଚଳନ କରିବା ଏବଂ ନୂଆପଡ଼ା-ବଲାଙ୍ଗିର ବସ୍‌କୁ କୋମନା ଦେଇ ଯାତାୟାତ କରାଇବା ପାଇଁ ସଂଘ ପକ୍ଷରୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି । ସଂଘର ଅଭିଯୋଗ ଅନୁଯାୟୀ, ଟିଟିଲାଗଡ଼ ରେଳଷ୍ଟେସନରୁ ବେଙ୍ଗାଲୁରୁ, ହାଇଦ୍ରାବାଦ, ଚେନ୍ନାଇ, କୋଲକାତା ଓ ରାୟପୁର ଭଳି ବହୁ ପ୍ରମୁଖ ସହରକୁ ଟ୍ରେନ ଯୋଗାଯୋଗ ରହିଛି । ମାତ୍ର ନୂଆପଡ଼ା ଜିଲ୍ଲାରୁ ଟିଟିଲାଗଡ଼କୁ ସିଧାସଳଖ ବସ୍ ସେବା ନଥିବାରୁ ଜିଲ୍ଲାର ୫ଟି ବ୍ଲକର ଜନସାଧାରଣ ଟ୍ରେନ ଧରିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସଂଘର ମୁଖ୍ୟ ଦାବିଗୁଡ଼ିକ ହେଲା ନୂଆପଡ଼ାରୁ ଟିଟିଲାଗଡ଼କୁ ସରକାରୀ ବସ୍ ଆରମ୍ଭ କରାଯାଉ । ନୂଆପଡ଼ାରୁ ବଲାଙ୍ଗିର ଯାଉଥିବା ସରକାରୀ ବସ୍‌କୁ କୋମନା ସଦର ମହକୁମା ଦେଇ ଚଳାଯାଉ । ବଲାଙ୍ଗିର ଭୀମ ଭୋଇ ମେଡିକାଲକୁ ଯାଉଥିବା ରୋଗୀ ଓ ସାଧାରଣ ଜନତା ବିଶେଷ ଉପକୃତ ହୋଇପାରିବେ । ଶ୍ରୀ ଜଗନ୍ନାଥ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଓ ସଭାପତି ବିରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି ।




# ସମ୍ପାଦକୀୟ



ବ୍ୟକ୍ତିର ତିନୋଟି ଗୁଣ ଦେଖିବା ଉଚିତ - ବୁଦ୍ଧିମତ୍ତା, ସାମର୍ଥ୍ୟ ଓ ସାଧୁତା। ଯଦି ତୃତୀୟ ଗୁଣଟି ତା'ପାଖରେ ନାହିଁ, ତେବେ ଅନ୍ୟ ଦୁଇଟି ଥିଲେ ମଧ୍ୟ ମୂଲ୍ୟହୀନ।
- ୱାରେନ୍ ବଫେଟ୍

ସକାଳ
THE SAKALA

## ସମ୍ବିଧାନ ସର୍ବୋପରି

ଆମେ ଆଜି ସମୟର ଏଭଳି ଏକ ବେଳାରେ ଜନରାଜ୍ୟ ଦିବସ ପାଳନ କରୁଛୁ, ଯେତେବେଳେ ଆମ ପବିତ୍ର ସମ୍ବିଧାନ ସ୍ୱୀକୃତ ସହଯୋଗ ଆଧାରିତ ସଂଘୀୟ ଶାସନ ବ୍ୟବସ୍ଥାରୁ 'ସହଯୋଗ'ଟି କ୍ରମଶଃ ଅପସୃତ ହୋଇଚାଲିଛି ଏବଂ 'ବିରୋଧାଭାସ' ତାହାର ସ୍ଥାନ ଅକ୍ତିଆର କରୁଥିବା ଦେଖାଯାଉଛି। ଗତବର୍ଷ କେତେକ ରାଜ୍ୟରେ ରାଜ୍ୟପାଳମାନଙ୍କର ଅତିକ୍ରିୟା ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ପ୍ରତି ଅସ୍ୱସ୍ତିକର ପରିବେଶ ସୃଷ୍ଟି କରିଥିଲା। ଏପରିକି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କରି ରାଜ୍ୟପାଳମାନଙ୍କୁ ସମ୍ବିଧାନ ପ୍ରଦତ୍ତ କ୍ଷମତାର ଲକ୍ଷଣରେଖା ବିଷୟରେ ପୁଣି ଥରେ ସ୍ମରଣ କରାଇବାକୁ ପଡ଼ିଥିଲା। ଆଶା କରାଯାଉଥିଲା ରାଜ୍ୟପାଳ-ରାଜ୍ୟ ସରକାର ମଧ୍ୟରେ ସମ୍ପର୍କର ଏଭଳି ଅସୁସ୍ଥ ପରମ୍ପରା ଭାଙ୍ଗିବ। କିନ୍ତୁ ଚଳିତବର୍ଷ ମଧ୍ୟ ସେହି ଅବାଞ୍ଛିତ ଧାରା ଜାରି ରହିଛି ଏବଂ କ୍ରମଶଃ ସାମ୍ବିଧାନିକ ସଙ୍କଟକୁ ଆହୁରି ଜଟିଳ କରୁଛି। ପ୍ରାୟ ୭୬ ବର୍ଷ ପଛକୁ ଫେରିଯାଇ ଆଜିର ତାମିଲନାଡୁ, କେରଳ ଓ କର୍ଣ୍ଣାଟକ ବିଧାନସଭାର ଘଟଣାକ୍ରମକୁ ଅନୁଶୀଳନ କଲେ ଆମ ସଂଘୀୟ ବ୍ୟବସ୍ଥା ଯେ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇସାରିଛି ତାହା ଅସ୍ୱୀକାର କରିହେବ ନାହିଁ।

ଦୁର୍ନୀତିଗ୍ରସ୍ତ ଶାସନ-ପ୍ରଶାସନ ପାଇଁ 'ଛାଟ' ଭାବେ ସ୍ୱୀକୃତ ସିବିଆଇ, ଇଡି ଆଦି ସଂସ୍ଥା ଏବେ କେନ୍ଦ୍ରର ଅସୂୟାମୂଳକ ଓ ଉଦ୍ଦେଶ୍ୟପ୍ରଣୋଦିତ ଅସ୍ତ୍ର ରୂପେ ବ୍ୟବହାର ହେଉଛି। ସ୍ୱଚ୍ଛ ଓ ଅବାଧ ନିର୍ବାଚନର ଉତ୍ତରଦାୟିତ୍ୱରେ ଥିବା ସାମ୍ବିଧାନିକ ସଂସ୍ଥା କ୍ଷମତାସୀନ ସରକାରର ହାତବାରିସି ହୋଇପଡୁଥିବାର ଅଭିଯୋଗମାନ ବଢ଼ିବାରେ ଲାଗିଛି। ଏକ୍ଷେତ୍ରରେ ଅଣଏନ୍‌ଡିଏ ଶାସିତ ରାଜ୍ୟମାନେ ଅଧିକରୁ ଅଧିକ ପ୍ରଭାବିତ ଓ ଅସନ୍ତୁଷ୍ଟ ହେଉଥିବା ଦେଖାଯାଉଛି। ଏପରିକି କେତେକ ରାଜ୍ୟ କେନ୍ଦ୍ର ସହିତ ପ୍ରତ୍ୟକ୍ଷ ମୁକାବିଲା ପାଇଁ ପ୍ରସ୍ତୁତ। କେନ୍ଦ୍ର-ରାଜ୍ୟ ସମ୍ପର୍କର ସମୀକ୍ଷା ପାଇଁ ଗତବର୍ଷ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଗଠନ କରିଥିବା ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ସୁପ୍ରିମୋ ଏମ କେ ଷ୍ଟାଲିନ୍ ଏବେ ଆଉ ଦୁଇପାଦ ଆଗକୁ ଯାଇ ଅଣହିନ୍ଦୀ, ବିଶେଷକରି ଦକ୍ଷିଣ ଭାରତୀୟ ଓ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସମାନ୍ତରାଳ ସମ୍ମାନଜନକ ସର୍ବୋଚ୍ଚ ପୁରସ୍କାରର ବ୍ୟବସ୍ଥା ବିଷୟରେ ଘୋଷଣା କରିଛନ୍ତି। ଆଞ୍ଚଳିକ ଅସ୍ମିତା ଆଧାରରେ ଏହା ଭାରତକୁ ହିନ୍ଦୀ ଓ ଅଣହିନ୍ଦୀ ଆଧାରରେ ଦୁଇଭାଗ କରିଦେବା ଭଳି ହୋଇଛି। ସ୍ୱାଧୀନତା ପରଠାରୁ ଜାତୀୟ ରାଜନୀତିରେ ହିନ୍ଦୀ ଭାଷାଭାଷୀ ଓ ଦକ୍ଷିଣ ଭାରତୀୟ ରାଜ୍ୟମାନଙ୍କରେ ମଧ୍ୟରେ ଯେଉଁ ଅସୂୟାର ମଞ୍ଜିଟିଏ ରୋପିତ ହୋଇ କାଳକ୍ରମେ ଦ୍ରୁମ ପାଲଟିସାରିଛି ସେଥିରେ ଏବେ ଫଳ ଧରିବା ଆରମ୍ଭ କରିଛି କହିଲେ ଅତିଶୟୋକ୍ତି ହେବ ନାହିଁ। ସେହିଭଳି 'ବନ୍ଦେ ମାତରମ୍'କୁ ନେଇ ଯେଉଁ ବିବାଦ ଓ ବିତର୍କ ଉଠିଛି, ତାହା ମାଆକୁ ମଝିରେ ରଖି ସନ୍ତାନମାନେ ଦୁଇପଟୁ ଟଣାଓଟରା କରିବା ଭଳି ପରିବେଶଟିଏ ସୃଷ୍ଟି କରିଛି। କାଳାନ୍ତରର ଏଭଳି ବିତର୍କରୁ ଦୂରେଇ ରହିଥିଲେ ବରଂ ସମ୍ବିଧାନର ମର୍ଯ୍ୟାଦା ରକ୍ଷା ଅଧିକ ହୋଇଥା'ନ୍ତା।

ଆମ ସମ୍ବିଧାନ କେନ୍ଦ୍ର-ରାଜ୍ୟ ସମ୍ପର୍କ, ସ୍ୱାୟତ୍ତତା ଏବଂ ଯୁଗ୍ମ ଦାୟିତ୍ୱ ଓ ଅଧିକାର ବିଷୟ ସ୍ପଷ୍ଟ କରିଛି। ଅଥଚ ରାଜ୍ୟପାଳମାନଙ୍କର ଅତିକ୍ରିୟା ଯୋଗୁଁ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହେଉଛି ଏବଂ ଆଞ୍ଚଳିକ ଅସୂୟା ବଢ଼ିବାରେ ଲାଗିଛି। ଯେତେବେଳେ ସଂଘୀୟ ବ୍ୟବସ୍ଥା ଦଳୀୟ ରାଜନୈତିକ ସ୍ୱାର୍ଥ ସାଧନ ଆଗରେ ବଳି ପଡ଼େ, ସାମ୍ବିଧାନିକ ମୂଲ୍ୟବୋଧ କ୍ଷୁଣ୍ଣ ହୁଏ, ସୁସ୍ଥ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଅବନତି ଦେଖାଦିଏ, ଆଞ୍ଚଳିକ ଦଳମାନଙ୍କୁ ବର୍ଷ ବର୍ଷ ଧରି ଅବହେଳା ଓ ପାତରଅନ୍ତରର ସମ୍ମୁଖୀନ ହେବାକୁ ପଡ଼େ ସେତେବେଳେ ପୁଞ୍ଜିଭୂତ ଅସନ୍ତୋଷ ବିରୋଧାଭାସର ରୂପ ନିଏ। ଏବେ ତାହାର ପୁନରାବୃତ୍ତି ଘଟିଛି ବୋଲି କୁହାଯାଇପାରେ। ସ୍ୱାଧୀନତାର ଅମୃତକାଳର ଯାତ୍ରାରେ ଗଣତନ୍ତ୍ର ଓ ସାମ୍ବିଧାନିକ ମୂଲ୍ୟବୋଧ ଆହୁରି ପରିପକ୍ୱ ହେବା କଥା। କିନ୍ତୁ ବିରୋଧାଭାସ କେବଳ ଆମ ସମ୍ବିଧାନ ଉଦ୍‌ଘୋଷିତ ଅଖଣ୍ଡ ଭାରତ ପ୍ରତି ଗୁରୁତର ଆହ୍ୱାନ ସୃଷ୍ଟି କରିଚାଲିଛି।

ଏଥିସହିତ ବିଭିନ୍ନ କ୍ଷେତ୍ରରେ ଅଧିକାରର ସୁରକ୍ଷା ମଧ୍ୟ ପ୍ରଶ୍ନଘେରକୁ ଆସୁଛି। କ୍ରମବର୍ଦ୍ଧିଷ୍ଣୁ ତଥ୍ୟବଜାରରେ ବ୍ୟକ୍ତିଗତ ଗୋପନୀୟତା ବିପଦରେ ପଡ଼ିଛି। 'ଅର୍ବାନ୍ ନକ୍ସଲାଇଟ୍' ଅଭିଯୋଗରେ ଅଭିବ୍ୟକ୍ତିର କଣ୍ଠରୋଧ ହେଉଥିବା ବେଳେ ସ୍ୱାଧୀନ ଅଭିବ୍ୟକ୍ତି ଅଧିକାରର ମାତ୍ରାଧିକ ଓ ସଂଯମହୀନ ପ୍ରୟୋଗ ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ପ୍ରତି ଗୁରୁତର ଆହ୍ୱାନ ସୃଷ୍ଟି କରୁଛି। ତେଣୁ ସମ୍ବିଧାନର ମୌଳିକ ଅଧିକାରଗୁଡ଼ିକର ପୁନଃ ସରଳ ଓ ପ୍ରାଞ୍ଜଳ ବ୍ୟାଖ୍ୟାନ ଅତ୍ୟାବଶ୍ୟକ ହୋଇପଡ଼ିଛି। ଖଣିଜ ରାଜସ୍ୱ ଲୋଭ ଓ ଅର୍ଥନୈତିକ ବିକାଶରେ ଯେଭଳି ଜଳବାୟୁର ଅସ୍ୱାଭାବିକତା ଚରମ ପ୍ରାକୃତିକ ବିପର୍ଯ୍ୟୟ ଏବଂ ପ୍ରଦୂଷଣ ସଙ୍କଟ ସୃଷ୍ଟି କରୁଛି ତାହା ସମ୍ବିଧାନ ପ୍ରଦତ୍ତ ନାଗରିକର ବଞ୍ଚିବାର ମୌଳିକ ଅଧିକାରକୁ ଛଡ଼ାଇ ନେଇଛି। ଏ ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ତାଗିଦା ପରେ ମଧ୍ୟ ନିର୍ବିକାର ସରକାରଙ୍କ ନୀତିଗତ ପରିବର୍ତ୍ତନର ସାମାନ୍ୟତମ ଲକ୍ଷଣ ଦେଖାଯାଉନାହିଁ।

ସୁସ୍ଥ ଗଣତନ୍ତ୍ର ଏବଂ ସମ୍ବିଧାନ ପ୍ରଦତ୍ତ ମୌଳିକ ସ୍ୱାଧୀନତାର ସୁରକ୍ଷା ପାଇଁ ସଂଘୀୟ ବ୍ୟବସ୍ଥାର ଭିତ୍ତି ସୁଦୃଢ଼ ରହିବା ଜରୁରୀ। ଏଥିସହିତ ରାଜ୍ୟମାନଙ୍କର ସ୍ୱାୟତ୍ତତା ଓ ଅଧିକାର ମଧ୍ୟ ସୁରକ୍ଷିତ ରହିବା ଅପରିହାର୍ଯ୍ୟ। ଆଶା ଏଭଳି ଏକ ଘଡ଼ିସନ୍ଧି ସମୟରେ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଅଧସ୍ତନ ନ ଭାବି ସହଯୋଗୀ ବୋଲି ମନେ କଲେ ଭାରତୀୟ ଗଣତନ୍ତ୍ରର ଅମୃତକାଳର ଯାତ୍ରା ସଫଳ ହେବ। ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକମାନଙ୍କର ଅଧିକାର ଓ ସ୍ୱାଧୀନତାର ସୁରକ୍ଷା ସୁନିଶ୍ଚିତ ହେବା ସହିତ ଗଣତନ୍ତ୍ର ପ୍ରତି ଆସ୍ଥା ସୁଦୃଢ଼ ହେବ। ●

## ବୈଚାରିକ-ଜରାଶ୍ରମରେ ଜାତିର ପିତା

ଗୌରୀପ୍ରସାଦ ମହାପାତ୍ର

ମୋହନ ଦାସ କରମଚାନ୍ଦ ଗାନ୍ଧୀ - ଜଣେ ବ୍ୟକ୍ତିତ୍ୱ ନା ଏକ ବିଚାର? ସେ ସଂଗ୍ରାମୀ ନା ସାଧକ? ରାଜନେତା ନା ସମାଜସେବୀ? ଜଣେ ବାରିଷ୍ଟର ନା ସାମ୍ବାଦିକ? ଏକ ଆଦର୍ଶ ନା ମୂଲ୍ୟବୋଧ? ସେ ପୂଜ୍ୟ ନା ପୂଜାରୀ? ଏହି ସବୁ ପ୍ରଶ୍ନ ଆଜିର ସମୟରେ ବୋଧହୁଏ ଅର୍ଥହୀନ। କାରଣ ସେ ପ୍ରଶ୍ନାତୀତ ଓ କାଳାତୀତ। ସମୟ ତାଙ୍କୁ ବାନ୍ଧି ରଖିପାରିନି ଶତାବ୍ଦୀର ଏକ କାଳଖଣ୍ଡରେ ଏବଂ ନିର୍ଦ୍ଦିଷ୍ଟ କୌଣସି ଭୌଗୋଳିକ ସୀମା ଭିତରେ। କିନ୍ତୁ ସାମ୍ପ୍ରତିକ କଳୁଷିତ ରାଜନୈତିକ ପରିବେଶରେ ମହାତ୍ମାଙ୍କୁ ଯେତେବେଳେ କ୍ଷମତା-କାତର ଦୃଷ୍ଟିକୋଣରେ ଏକ ସଂକୁଚିତ ବୈଚାରିକ ବଳୟ ଭିତରେ ସୀମାବଦ୍ଧ କରିବାର ଅପଚେଷ୍ଟା ଆରମ୍ଭ ହୋଇଛି ସେତେବେଳେ ଉପରୋକ୍ତ ପ୍ରଶ୍ନ ସବୁ ପୁଣି ଥରେ ସମୀକ୍ଷାର ଅପେକ୍ଷା ରଖୁଛି।

'ଗାନ୍ଧିଜୀ' କେବଳ ଏକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ପରିଚୟ ନୁହେଁ, ବିଚାରର ଏକ ପରିବ୍ୟାପ୍ତ ପରିଧି। ସେ ସଂଗ୍ରାମ ଓ ସାଧନାର ଏକ ଅପୂର୍ବ ସମନ୍ୱୟ। ମାନବ ଜାତିର ଆଦର୍ଶ ଓ ମାନବିକତାର ମୂଲ୍ୟବୋଧ। ସେ ପୂଜକ ସତ୍ୟର ଆଉ ପୂଜ୍ୟ ବିଶ୍ୱ ମାନବର। ଶାସନ, ପ୍ରଶାସନ, ରାଜନୀତି, ଅର୍ଥନୀତି, ପରିବାର, ସମାଜ ପାଇଁ 'ଗାନ୍ଧୀ ବିଚାର' ଏକ ସ୍ୱୟଂସଂହିତା। ସେ ବିଶ୍ୱ ସଭ୍ୟତା ଓ ବିକାଶର ମନ୍ତ୍ରଦ୍ରଷ୍ଟା। ଊନବିଂଶ ଓ ବିଂଶ ଶତାବ୍ଦୀର କର୍ମମୟ ଜୀବନ ଓ ଦର୍ଶନ ତାଙ୍କୁ ଏକବିଂଶ ଶତାବ୍ଦୀରେ ମଧ୍ୟ ଜୀବନ୍ତ କରି ରଖିଛି। ଆଗାମୀ ଅନେକ ଶତାବ୍ଦୀ ପର୍ଯ୍ୟନ୍ତ ସମଗ୍ର ବିଶ୍ୱକୁ ଆଲୋକିତ କରି ରଖିଥିବ ତାଙ୍କର ଆଦର୍ଶ, ଚିନ୍ତା ଓ ଚେତନା। ଗାନ୍ଧିଜୀଙ୍କ ସେହି ସଂହିତା ଓ ମନ୍ତ୍ର ଯଦି କାହାର ଅନ୍ତର୍ଦୃଷ୍ଟିରେ ପ୍ରତିଫଳିତ ହୋଇପାରୁନି ତେବେ ତାହା ବୈଚାରିକ ବିଭ୍ରାନ୍ତି ଓ ଅସୁସ୍ଥ ମାନସିକତାର ପରିଚୟ ବୋଲି କହିବାକୁ ହେବ।

'ସର୍ବୋଦୟ ଅର୍ଥନୀତି'ର ତତ୍ତ୍ୱ-ସ୍ରଷ୍ଟାଙ୍କ ଦର୍ଶନ ଓ ଆଦର୍ଶକୁ ଯଦି ପରବର୍ତ୍ତୀ ପିଢ଼ିର ରାଷ୍ଟ୍ରନେତାମାନେ ଅନୁସରଣ କରିଥା'ନ୍ତେ ଏବଂ ରଚନାତ୍ମକ କାର୍ଯ୍ୟକ୍ରମର ସାର୍ବଜନୀନ ପ୍ରୟୋଗ ହୋଇଥା'ନ୍ତା, ତେବେ ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ କ୍ଷେତ ଛାଡ଼ି କୃଷକମାନେ ରାଜରାସ୍ତାକୁ ଆସୁ ନ ଥା'ନ୍ତେ। କୋଟି କୋଟି ଯୁବକଯୁବତୀଙ୍କୁ ଜୀବନଜୀବିକାର ସନ୍ଧାନରେ ଗାଁ ଛାଡ଼ି ଦାଦନ ଖଟିବାକୁ ସହରାଭିମୁଖୀ ହେବାକୁ ପଡ଼ି ନଥା'ନ୍ତା। ବୁଣାକାରଟିଏ ନିଜ ବସନ ପାଇଁ ସମ୍ବଳ ଯୋଗାଡ଼ କରିବାରେ ଅସହାୟ ହୋଇ ନଥା'ନ୍ତା। ଅର୍ଦ୍ଧରାତ୍ରିରେ ମଧ୍ୟ ମହିଳାମାନେ ନିର୍ଭୟରେ ସୁରକ୍ଷିତ ଭାବେ ଘରକୁ ଫେରିପାରୁଥା'ନ୍ତେ। ଜାତିଆଣ ରାଜନୀତିରେ ଦଳିତ ଓ ନିଷ୍ପେଷିତମାନଙ୍କ ଆର୍ତ୍ତଚିତ୍କାର ଆକୁମାରୀକାଶ୍ମୀର ଶୁଭୁ ନ ଥା'ନ୍ତା। ଦେଶମାତୃକାର



ସେବା, ବଳିଦାନ ଓ ତ୍ୟାଗର ପ୍ରତିଦାନ ପାଇବା ପାଇଁ ସୈନିକଟିଏ କୋର୍ଟକଚେରିକୁ ଯିବାକୁ ପଡୁ ନ ଥା'ନ୍ତା। ଶ୍ୱେତ ବିପ୍ଳବର ବନ୍ୟା ଆଜି ରାଜରାସ୍ତାକୁ ପ୍ଳାବିତ କରୁ ନଥା'ନ୍ତା। ସବୁଜ ବିପ୍ଳବ ଦିଗଭ୍ରଷ୍ଟ ହୋଇ ପରିବେଶ ପାଇଁ ଆତଙ୍କ ସୃଷ୍ଟି କରୁ ନ ଥା'ନ୍ତା। ସରକାରମାନେ ଦେଶ/ରାଜ୍ୟ ଚଳାଇବା ପାଇଁ ମଦ-ରାଜସ୍ୱ ଉପରେ ନିର୍ଭର କରୁ ନ ଥା' ନ୍ତେ କି ବିଦେଶରେ ଯାଇ ପୁଞ୍ଜି ଭିକ୍ଷା କରୁ ନଥା'ନ୍ତେ।

ଆଜି ଯେତେବେଳେ ଭାରତର ଅଶାନ୍ତ ସୀମା ଏବଂ ଗାଁର ଉଜୁଡ଼ି ଯାଇଥିବା ସବୁଜିମା ସେହି ରାଷ୍ଟ୍ରନାୟକଙ୍କୁ ଖୋଜୁଛି; ତାଙ୍କର ବିଚାର, ଦର୍ଶନ ଓ ତତ୍ତ୍ୱ ବିଶ୍ୱାଦୃତ ହେଉଛି, ସେତେବେଳେ ତାଙ୍କ ସ୍ୱପ୍ନର ଭାରତରେ ହିଁ ପ୍ରତିଧ୍ୱନିତ ହେଉଛି ତାଙ୍କର ବୈଚାରିକ-ଉତ୍ତରଣ ଓ ରାଜନୈତିକ-ଅହଂ ମଧ୍ୟରେ ସୃଷ୍ଟି ହୋଇଥିବା ସଂଘାତର ଗୁଞ୍ଜରଣ। କ୍ଷମତାର ଅଳନ୍ଧୁ ଭିତରେ ସତେଯେମିତି ହଜିଯାଇଛି ମହାମାନ୍ୟବରଙ୍କ ସେହି 'ପରଶମଣି'। ବ୍ୟବସ୍ଥାପିକାର କୋଳାହଳ ଭିତରେ ନିଷ୍ପ୍ରଭ ହୋଇ ଯାଉଛି 'ଗ୍ରାମ ସ୍ୱରାଜ'ର ସ୍ୱର। ଶାସନତନ୍ତ୍ରର କଂଗ୍ରେସ-କାତରତା ମହାତ୍ମାଙ୍କୁ ଦଳୀୟ ରାଜନୀତିର କ୍ଷୁଦ୍ର ପରିଧି ଭିତରେ କାରାବଦ୍ଧ କରିଦେଇଛି। ଏଠାରେ ସ୍ମରଣ କରାଇବା ଉଚିତ ହେବ ଯେ ଭାରତର ଗାନ୍ଧିଜୀ-କେନ୍ଦ୍ରିକ କଂଗ୍ରେସ ଏବଂ ସ୍ୱାଧୀନୋତ୍ତର କଂଗ୍ରେସ ମଧ୍ୟରେ ଆକାଶ ପାତାଳ ଫରକ ରହିଛି। ବରଂ ମୂଳ ଲକ୍ଷ୍ୟ ପୂରଣ ହୋଇସାରିଥିବାରୁ ସ୍ୱାଧୀନତା ପ୍ରାପ୍ତି ପରେ କଂଗ୍ରେସକୁ ଭାଙ୍ଗି ଦେବା ପାଇଁ ମହାତ୍ମା ପ୍ରସ୍ତାବ ଦେଇ ସେ ଦିଗରେ ଉଦ୍ୟମ ମଧ୍ୟ ଆରମ୍ଭ କରିଥିଲେ। ଗାନ୍ଧିଜୀ କୌଣସି ରାଜନୈତିକ ଦଳର ସ୍ୱତ୍ତ୍ୱ ନୁହନ୍ତି, ବରଂ ତାଙ୍କ ନାମକୁ ପୁଞ୍ଜି କରି ରାଜନୈତିକ ଦଳମାନେ ନିର୍ବାଚନୀ-ସଫଳତା ପାଇଛନ୍ତି। ବୋଧହୁଏ ଏହି ଫରକକୁ ଦେଖିବାରେ ଅନ୍ତର୍ଦୃଷ୍ଟିର ଅଭାବ ଯୋଗୁଁ ମହାତ୍ମା ଆଜି କଂଗ୍ରେସ-କଳଙ୍କିତ ହୋଇଯାଇଛନ୍ତି। ସତେଯେମିତି ସାମ୍ପ୍ରତିକ ରାଜନୀତିର ବୈଚାରିକ-ଜରାଶ୍ରମରେ ଜାତିର ପିତାଙ୍କ ଅସ୍ତିତ୍ୱକୁ ଥଇଥାନ କରିଦେବା ପାଇଁ ବାଧ୍ୟବାଧକତାର ପରିବେଶ ଓ ପରିସ୍ଥିତିଟିଏ ସୃଷ୍ଟି କରାଯାଇଛି।

ଆଜିର ସ୍ୱାର୍ଥକେନ୍ଦ୍ରିକ-ସମାଜ ଏବଂ ଉଦ୍ଦାମ-ପ୍ରଚୋଦିତ ରାଜନୀତିରେ ବାର୍ଦ୍ଧକ୍ୟ ଯେପରି ଅବହେଳିତ, ଗାନ୍ଧୀ ବିଚାର ମଧ୍ୟ ସେଭଳି ଅନେକଙ୍କ ପାଇଁ ଅପାଂକ୍ତେୟ ଓ ଅବାଞ୍ଛିତ ମନେ ହେବା ଅସମ୍ଭବ ନୁହେଁ। ଅଧିକନ୍ତୁ ଯେଉଁ ସାତଟି ପାପ - 'ନୀତି ବିହୀନ ରାଜନୀତି, ନୈତିକତା ବିହୀନ ବାଣିଜ୍ୟ ବ୍ୟବସାୟ, ଚରିତ୍ର ବିହୀନ ଶିକ୍ଷା, ଶ୍ରମ ବିହୀନ ସମ୍ପଦ, ବିବେକ ବିହୀନ ବିଳାସ, ମାନବିକତା ବିହୀନ ବିଜ୍ଞାନ ଓ ତ୍ୟାଗ ବିହୀନ ଉପାସନା'କୁ ପରିହାର କରିବା ପାଇଁ ଗାନ୍ଧିଜୀ ଉପଦେଶ ଦେଇଥିଲେ ସେହି ପାପଗୁଡ଼ିକ ଆଜି ଭୋଟ-ମେଧ ଯଜ୍ଞରେ ପୂତପବିତ୍ର ହୋଇ ସଫଳ ଜୀବନର ମନ୍ତ୍ର ଭାବେ ବହୁଆଦୃତ ହୋଇସାରିଛି। ଏଭଳି କୌଣସି କ୍ଷେତ୍ର ନାହିଁ, ଯେଉଁଠାରେ ଜାତିର ପିତାଙ୍କୁ ଆମେ ହତାଦର କରୁନାହୁଁ। ଏହି ପୃଷ୍ଠଭୂମିରେ ଯଦି କୌଣସି ଯୋଜନା କିମ୍ବା ଆଇନରୁ ମହାତ୍ମାଙ୍କ ନାମ ବାଦ୍ ପଡ଼େ, ତେବେ ସେଥିରେ ଅଧିକ ଆଶ୍ଚର୍ଯ୍ୟ ହେବାର ନାହିଁ। କିନ୍ତୁ ଯିଏ 'ଗ୍ରାମ ସ୍ୱରାଜ'ର କଥା କହିଥିଲା, ଯିଏ ସମାଜର ସବୁଠାରୁ ଦୁର୍ବଳ ବର୍ଗର ହିତସାଧନ ପାଇଁ 'ପରଶମଣି(ଟାଲିସ୍‌ମ୍ୟାନ୍)' ର ତତ୍ତ୍ୱ ଦେଇଥିଲା, 'ସର୍ବୋଦୟ ଅର୍ଥନୀତି'ର ଉଦ୍‌ଘୋଷଣା କରିଥିଲା, ତା'ର ନାଁ ହିଁ ଶେଷରେ ତା' ଦେଶର ସର୍ବବୃହତ୍ ଓ ସର୍ବାଦୃତ ଗ୍ରାମୀଣ ଯୋଜନାରୁ ବାଦ୍ ପଡ଼ିଲା। ସ୍ୱାଧୀନ ଭାରତରେ ଏହାଠାରୁ ବଳି ବଡ଼ ବିଡ଼ମ୍ବନା ଏବଂ ସ୍ୱାଧୀନତାର ସେନାପତିଙ୍କ ପ୍ରତି ଏହାଠାରୁ ବଡ଼ ଅପମାନ ଆଉ କ'ଣ ହୋଇପାରେ? ଏକବିଂଶ ଶତାବ୍ଦୀର ବିକାଶ ଯାତ୍ରାରେ ମହାତ୍ମା-ସିଦ୍ଧାନ୍ତ ପ୍ରାସଙ୍ଗିକତା ହରାଇବା ତାଙ୍କ ସ୍ୱପ୍ନର ଭାରତ ପ୍ରତି କୃତଜ୍ଞତା ନା କୃତଘ୍ନତା ତାହା ମଧ୍ୟ ବିଚାରସାପେକ୍ଷ।

ଶେଷରେ ବହୁଚର୍ଚ୍ଚିତ ଲୋକପ୍ରିୟ ହିନ୍ଦୀ ଚଳଚ୍ଚିତ୍ର 'ଲଗେ ରହୋ ମୁନ୍ନା ଭାଇ'ର ସେହି ହୃଦୟସ୍ପର୍ଶୀ ସଂଳାପଟକୁ ମନେ ପକାଇବା, ଯେଉଁଥିରେ ଗାନ୍ଧିଜୀ ମୁନ୍ନା ଭାଇଙ୍କ ଜରିଆରେ ଭାରତୀୟ ନାଗରିକମାନଙ୍କୁ କହୁଛନ୍ତି - 'ଏ ଦେଶରେ ମୋର ଯେତେସବୁ ମୂର୍ତ୍ତି ଅଛି ସବୁତକ ଭାଙ୍ଗିଦିଅ, ସବୁ କାନ୍ଥବାଡ଼ରୁ ମୋର ଫଟୋ ବାହାର କରି ଫୋପାଡ଼ି ଦିଅ, ସବୁ ଅନୁଷ୍ଠାନ-ଛକ-ଗଳି-ରାସ୍ତା-ସ୍ମାରକୀରୁ ମୋର ନାମ ହଟାଇଦିଅ। ଯଦି କେଉଁଠି ରଖିପାରିବ ତେବେ ତୁମ ହୃଦୟରେ ରଖ।' '....ଆଜି ବାପୁଜୀ ଯଦି ବଞ୍ଚିଥା'ନ୍ତେ ତେବେ ଭାବୁଥା'ନ୍ତେ ଦେଶ ତ ଆମ ନିଜର ହୋଇଗଲା; କିନ୍ତୁ ଦେଶକୁ ଚଳାଉଥିବା ଲୋକ ପର ହୋଇଗଲେ... ।' ଏ ସଂଳାପର ପ୍ରାସଙ୍ଗିକତା ଓ ସମ୍ବେଦନଶୀଳତା କେତେ ସେ ବିଚାର ଜନତାଙ୍କର। ପୁଣି ଗାନ୍ଧୀ-ଦର୍ଶନର ସ୍ଥାନ ଆମ ହୃଦୟ-ସିଂହାସନରେ ନା ବୈଚାରିକ ଜରାଶ୍ରମରେ ସେ ନିଷ୍ପତ୍ତିର ଅଧିକାର ମଧ୍ୟ ଆପଣମାନଙ୍କର। ଏବେ ପୁଣି ଥରେ 'ଗାନ୍ଧୀ-ଗିରି'ର ଆବଶ୍ୟକତା ରହିଛି କି? ଏ ପ୍ରଶ୍ନର ଉତ୍ତର ଦେବା ଦାୟିତ୍ୱ ସମୟର। ●

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## କଟକଣା କେବଳ କାଗଜରେ?

ଅଜିତ୍ କୁମାର ପ୍ରଧାନ

ଓଡ଼ିଶାରେ ତମାଖୁ ଓ ନିକୋଟିନ୍‌ଯୁକ୍ତ ସମସ୍ତ ଉତ୍ପାଦ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇବାକୁ ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତି ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସ୍ୱାସ୍ଥ୍ୟ ସୁରକ୍ଷା, ବିଶେଷକରି କର୍କଟ ଭଳି ମାରାତ୍ମକ ରୋଗରୁ ସାଧାରଣ ଲୋକଙ୍କୁ ବଞ୍ଚାଇବା ଦୃଷ୍ଟିକୋଣରୁ ଏହି ନିଷେଧାଦେଶର ଆବଶ୍ୟକତାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଆନ୍ତର୍ଜାତିକ କର୍କଟ ଗବେଷଣା ସଂସ୍ଥାଙ୍କ ରିପୋର୍ଟ ଏହା ସ୍ପଷ୍ଟ କରିଛି ଯେ ଧୂଆଁହୀନ ତମାଖୁ ସେବନ ଭାରତରେ କର୍କଟ ରୋଗର ଏକ ପ୍ରମୁଖ କାରଣ। ଓଡ଼ିଶାରେ ଧୂଆଁହୀନ ତମାଖୁ ସେବନର ହାର ଜାତୀୟ ହାରଠାରୁ ଦୁଇଗୁଣ ଥିବା ତଥ୍ୟ ନିଶ୍ଚିତ ଭାବେ ଚିନ୍ତାଜନକ। ଏହି ପରିସ୍ଥିତିରେ ରାଜ୍ୟ ସରକାରଙ୍କ ନୂତନ ବିଜ୍ଞପ୍ତି ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏକ ଦୃଢ଼ ଓ ସାହସିକ ପଦକ୍ଷେପ ବୋଲି କୁହାଯାଇପାରେ।



ତଥାପି, ଏହି ଘୋଷଣା ପରେ ସ୍ୱାଭାବିକ ଭାବେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି। ସବୁଠାରୁ ମୁଖ୍ୟ ପ୍ରଶ୍ନ ହେଉଛି ଏହି କଟକଣା କେବଳ କାଗଜକଲମର ଘୋଷଣାରେ ସୀମିତ ରହିଯିବନି ତ? କାରଣ ଏହା ପୂର୍ବରୁ ମଧ୍ୟ ୨୦୧୩ ମସିହାରେ ଗୁଟ୍‌ଖା ନିଷେଧ ସମୟରେ ଯେଉଁ ଅନୁଭବ ଦେଖାଯାଇଥିଲା, ସେହି ଅନୁଭବ ଆଜି ମଧ୍ୟ ସର୍ବସାଧାରଣଙ୍କ ସ୍ମୃତିରେ ତାଜା ରହିଛି। ଗୁଟ୍‌ଖା ନିଷିଦ୍ଧ ଘୋଷଣା ପରେ ଆରମ୍ଭରେ କଟକଣା କଠୋର ଭାବରେ ପାଳନ କରାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ କମ୍ପାନୀମାନେ ଆଇନର ଫାଙ୍କରୁ ଲାଭ ଉଠାଇ ତମାଖୁ ଓ ପାନମସଲାକୁ ଅଲଗା ଅଲଗା ପ୍ୟାକେଟ୍‌ରେ ବିକ୍ରି କରି ପୁରୁଣା ବ୍ୟବସାୟକୁ ପୁଣି ସଜାଇଥିଲେ। ଫଳସ୍ୱରୂପ, ଗୁଟ୍‌ଖା ନିଷେଧ ହୋଇଥିଲେ ମଧ୍ୟ ତାହାର ପ୍ରଭାବ ଦୀର୍ଘକାଳୀନ ହୋଇପାରିଲା ନାହିଁ।

ଏହି ପୃଷ୍ଠଭୂମିରେ ଦେଖିଲେ, ନୂତନ ନିଷେଧାଦେଶର ପ୍ରଭାବକୁ ନେଇ ସନ୍ଦେହ ପ୍ରକାଶ ପାଇବା ସ୍ୱାଭାବିକ। ତମାଖୁ ଓ ନିକୋଟିନ୍‌ଯୁକ୍ତ ଉତ୍ପାଦରୁ ସରକାର ଟିକସ ଆକାରରେ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ଆଦାୟ କରୁଛନ୍ତି। ଏହି ବିଶାଳ ରାଜସ୍ୱ ହରାଇବାକୁ ସରକାର କେତେଦୂର ପ୍ରସ୍ତୁତ ସେହି ପ୍ରଶ୍ନ ମଧ୍ୟ ଉଠୁଛି। ଅନେକ ସମୟରେ ଦେଖାଯାଇଛି ଯେ ସ୍ୱାସ୍ଥ୍ୟ ଓ ରାଜସ୍ୱ ମଧ୍ୟରେ ସଂଘର୍ଷ ହେଲେ ଶେଷରେ ରାଜସ୍ୱ ହିଁ ପ୍ରାଧାନ୍ୟ ପାଉଛି। ଯଦି ଏହି ନୂତନ ନିଷେଧାଦେଶ କେବଳ କିଛିଦିନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ତା'ପରେ ଧୀରେଧୀରେ ଶିଥିଳ ହୋଇଯାଏ, ତେବେ ଏହା ଲୋକଙ୍କ ସ୍ୱାସ୍ଥ୍ୟକୁ ନୁହେଁ, ବରଂ ସରକାରୀ ନୀତିର ବିଶ୍ୱସନୀୟତାକୁ ମଧ୍ୟ ଆଘାତ ପହଞ୍ଚାଇବ। କାଗଜରେ କଟକଣା ଓ ମାଟିସ୍ତରରେ ଢିଲା - ଏହି ପୁରୁଣା ଧାରା ପୁନରାବୃତ୍ତି ହେଲେ ସର୍ବସାଧାରଣଙ୍କ ଭରସା ଆହୁରି କମିବ।

ତେଣୁ ଏହି ପଦକ୍ଷେପକୁ ସଫଳ କରିବା ପାଇଁ ସରକାର କେବଳ ବିଜ୍ଞପ୍ତି ଜାରି କରିବାରେ ସୀମିତ ରହିଲେ ହେବ ନାହିଁ। କଠୋର ନିରୀକ୍ଷଣ, ନିୟମିତ ଚଢ଼ଉ, ସୀମାନ୍ତ ଅଞ୍ଚଳରେ ଅବୈଧ ଚାଲାଣ ଉପରେ ନଜର ଏବଂ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ଆଦି ବିନା ନିଷେଧାଦେଶ କେବଳ ଘୋଷଣାରେ ଅଟକି ଯିବ। ତମାଖୁ ଓ ନିକୋଟିନ୍‌ଯୁକ୍ତ ଉତ୍ପାଦ ଉପରେ ଲଗାଯାଇଥିବା ଏହି କଟକଣା ଏକ ଐତିହାସିକ ପଦକ୍ଷେପ ହେବାର ସମ୍ଭାବନା ରଖେ। କିନ୍ତୁ ଯଦି ଏହା ପରବର୍ତ୍ତୀ ସମୟରେ ରାଜସ୍ୱ ଲୋଭ କିମ୍ବା ପ୍ରଶାସନିକ ଢିଲାପଣରେ ପୁଣି ମୁଣ୍ଡ ଉଠାଏ, ତେବେ ଏହା ଆଉ ଏକ ବିଫଳ ଅନୁଭବ ହୋଇ ରହିଯିବ।

ବାସ୍ତବରେ କେବଳ ବିକ୍ରି ଓ ପରିବହନ ଉପରେ କଟକଣା ଲଗାଇଲେ ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ନୁହେଁ। ଯେପର୍ଯ୍ୟନ୍ତ ଏହି ତମାଖୁ ଓ ନିକୋଟିନ୍‌ଯୁକ୍ତ ଉତ୍ପାଦର ଉତ୍ପାଦନ ଚାଲୁ ରହିବ, ସେପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଉପାୟରେ ଏହା ବଜାରରେ ପହଞ୍ଚିଯିବ। ଯଦି ସରକାର ସଂପୂର୍ଣ୍ଣ ଭାବେ ଏହି ଉତ୍ପାଦନ ପ୍ରକ୍ରିୟାକୁ ହିଁ ବନ୍ଦ କରିଦେବାର ସାହସିକ ନିଷ୍ପତ୍ତି ନେଉଥା'ନ୍ତେ, ତେବେ ଅବୈଧ ବେପାର ସୁଯୋଗ ଏବଂ କଟକଣାର ଆବଶ୍ୟକତା ହିଁ ନ ଥା'ନ୍ତା। ●

ନୀଳଗିରି(ବାଲେଶ୍ୱର)ମୋ: ୯୭୭୭୮୧୪୫୪୧

## ଆମ ବୃକ୍ଷଲତା ଆମ ଜୀବନ

ଗେଣ୍ଡୁ
(Marigold-Tagetes patula)

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ମେକ୍ସିକୋ ଓ ଗୁଏଟେମାଲାର ମୂଳ ଜାତ ଏହି ଋତୁକାଳୀନ କ୍ଷୁଦ୍ର ପୁଷ୍ପ ଉଦ୍ଭିଦ ଅନେକ ଯୁଗରୁ ଭାରତ ଏବଂ ବିଶ୍ୱର ବିଭିନ୍ନ ଦେଶରେ ପ୍ରାକୃତିକୀକରଣ ହୋଇସାରିଛି। ଆକର୍ଷଣୀୟ ମଖମଲ-ଆକୃତି, ଚମତ୍କାର ରଙ୍ଗ ବିରଙ୍ଗ, ଧାର୍ମିକ ଓ ଆଳଙ୍କାରିକ ମୂଲ୍ୟ ପାଇଁ ଏହି ଫୁଲ ଓ ଉଦ୍ଭିଦର ଆଦର ବଢ଼ିବାରେ ଲାଗିଛି।

ଗେଣ୍ଡୁ ପ୍ରାୟ ଏକମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରେ। ଏହାର ପତ୍ରଗୁଡ଼ିକ ପତଳା, ଯୌଗିକ, ଇମ୍ପାରିପିନେଟ୍ ବା ଅସମପକ୍ଷଳ, ଲାନ୍ସୋଲେଟ୍ ବା ବର୍ଚ୍ଛାଶୀର୍ଷ ଆକୃତି, ଦନ୍ତଯୁକ୍ତ ଗାଢ଼ ସବୁଜ ଏବଂ ପରସ୍ପର ନିକଟତର ଗଣ୍ଠିରୁ ବିପରୀତ ଦିଗରେ ଉତ୍ପନ୍ନ ହୁଏ। ପୁଷ୍ପୋଦଗମ ହେଉଛି ଏକ କ୍ୟାପିଟୁଲମ୍, ଯାହା ଏକ ଥଳି ଭଳି। ମୁଖ୍ୟ କାଣ୍ଡ ଓ ପାର୍ଶ୍ୱ ଶାଖାଗୁଡ଼ିକର ଅଗ୍ରଭାଗରେ ବିକଶିତ ହୁଏ। ପୁଷ୍ପସ୍ତବକ ପୀତ ବା ସାମାନ୍ୟ ଲୋହିତ। ଫୁଲଗୁଡ଼ିକ କ୍ଷୁଦ୍ର, ଲମ୍ବାଳିଆ, ଦୁଇପ୍ରକାରର, ଯାହା କେନ୍ଦ୍ର ଭାଗରେ ହର୍ମାଫ୍ରୋଡାଇଟ୍ ବା ଉଭୟ ଲିଙ୍ଗୀ ବା ଡିସ୍କ ଫ୍ଲୋରେଟ ଏବଂ ବାହ୍ୟ ଭାଗରେ ଏକଲିଙ୍ଗୀ, ସ୍ତ୍ରୀ ଲିଙ୍ଗୀ ବା ରେ ଫ୍ଲୋରେଟ ଧାରଣ କରିଥାଏ। ଫଳ ବା ବିହନ ଗୁଡ଼ିକ ଛୋଟ, ପତଳା, ଲମ୍ବା, ଗାଢ଼ ରଙ୍ଗର ଏବଂ ପର ଭଳି ଦେଖାଯାଏ, ବାୟୁରେ ସହଜରେ ଉଠିପାରେ। ଏଗୁଡ଼ିକୁ ସଂରକ୍ଷଣ କରି ପରବର୍ତ୍ତୀ ଋତୁରେ ପୁନଃରୋପଣ କରାଯାଇପାରିବ। ଶୀତକାଳରେ, ସାଧାରଣତଃ ସେପ୍ଟେମ୍ବରରୁ ଜାନୁଆରୀ ପର୍ଯ୍ୟନ୍ତ ଫୁଲ ଫୁଟେ।

ଗେଣ୍ଡୁକୁ ଚର୍ମ ଓ ମୁଣ୍ଡର ଜ୍ୱଳନ, ଡ୍ୟାଣ୍ଡ୍ରଫ୍, ଏକଜିମା, ସୋରିଆସିସ୍ ହ୍ରାସ କରିବା ଏବଂ ସୁସ୍ଥ କେଶ ବୃଦ୍ଧି ପାଇଁ ପାରମ୍ପରିକ ଉପଚାରରେ ବ୍ୟବହାର କରାଯାଏ। ଏତଦ୍‌ବ୍ୟତୀତ ରକ୍ତସ୍ରାବ ବନ୍ଦ କରିବା ଏବଂ କ୍ଷତ, କଟା ଘା' ଓ ଅନ୍ୟ ଘା, ପୋଡ଼ାଜଳା ଉପଶମ ପାଇଁ ତାଜା ଗେଣ୍ଡୁ ପତ୍ରର ରସ ପ୍ରୟୋଗ କରାଯାଏ। ଗେଣ୍ଡୁଫୁଲର କ୍ୱାଥକୁ ବାୟୁନାଶକ ରୂପେ ବ୍ୟବହାର କରାଯାଏ। କ୍ୟାଣ୍ଡିଡାଇସିସ୍ ଚିକିତ୍ସା ସମେତ ଏହାର ପ୍ରଦାହ-ବିରୋଧୀ, ଆଣ୍ଟିଅକ୍ସିଡାଣ୍ଟ ଓ ଆଣ୍ଟିଫଙ୍ଗାଲ୍ ଗୁଣ ବ୍ରଣ ଚିକିତ୍ସାରେ ସାହାଯ୍ୟ କରେ। ଏହା କେତେକ ହର୍ବାଲ୍ ଚା'ରେ ବ୍ୟବହୃତ ହୁଏ, ଯାହା ହଜମ ପ୍ରକ୍ରିୟାକୁ ସହଜ, ଓଜନ ହ୍ରାସ ଓ ମାଂସପେଶୀ ଯନ୍ତ୍ରଣା ନିବାରଣରେ ସହାୟକ ହୁଏ। ମହିଳାମାନଙ୍କ ସ୍ୱାସ୍ଥ୍ୟକୁ ସଶକ୍ତ କରିବା ଏବଂ ମାସିକ ଋତୁଚକ୍ର ନିୟନ୍ତ୍ରଣ କରିବା ପାଇଁ ଗେଣ୍ଡୁ ଫୁଲକୁ ପାରମ୍ପରିକ ଭାବରେ ଔଷଧୀୟ ଉପଚାରରେ ବ୍ୟବହାର କରାଯାଏ।

ଗେଣ୍ଡୁ ଫୁଲର ଉଦ୍‌ବାୟୀ ତୈଳକୁ ଚନ୍ଦନ ତେଲ ସହିତ ମିଶାଯାଇ 'ଅତର' ଉତ୍ପାଦନ କରାଯାଏ। ୧ ହେକ୍ଟର ଜମିରେ ଲଗାଯାଇଥିବା ଫୁଲରୁ ପ୍ରାୟ ୩୫ କିଲୋଗ୍ରାମ ପର୍ଯ୍ୟନ୍ତ ତେଲ ଉତ୍ପାଦନ କରାଯାଇପାରିବ। ଏହି ଅତ୍ୟାବଶ୍ୟକ ତେଲ ରୋଗ ପୋକ ବିରୁଦ୍ଧରେ ଅବଶିଷ୍ଟ କୀଟନାଶକ ଭାବରେ ବ୍ୟବହାର କରାଯାଏ। ଏହି ତେଲରେ ୩୦ ରୁ ଅଧିକ ଉପାଦାନ ଥାଏ, ଯେଉଁଥିରେ ଟାଗେଟୋନ୍ ଏବଂ ଗାମା- ଟର୍ପିନେନ୍ ମୁଖ୍ୟ ଉପାଦାନ। ଅନ୍ୟାନ୍ୟ ଯୌଗିକ ଜୈବ ରସାୟନଗୁଡ଼ିକ ହେଉଛି ମାଇରସିନ୍, ଲିମୋନିନ୍, ବିଟା- କ୍ୟାରିଓଫାଇଲିନ୍, ପାଇପିରିଟୋନ୍ ଇତ୍ୟାଦି।

ଜର୍ଜିଆ ଭଳି କିଛି ଦେଶରେ ଗେଣ୍ଡୁ ଫୁଲରୁ ଏକପ୍ରକାର ମସଲା ପ୍ରସ୍ତୁତ କରାଯାଏ। ଫୁଲଗୁଡ଼ିକ ଖାଦ୍ୟଯୋଗ୍ୟ ଏବଂ ପ୍ରାୟ ସାଲାଡରେ ବ୍ୟବହାର କରାଯାଏ। ବସ୍ତ୍ର ଓ ଖାଦ୍ୟକୁ ରଙ୍ଗ କରିବା ପାଇଁ ମଧ୍ୟ ଗେଣ୍ଡୁ ଫୁଲମଚବ୍ୟବହାର କରାଯାଇପାରିବ। ପତ୍ରଗୁଡ଼ିକ ପ୍ରାକୃତିକ କୀଟପତଙ୍ଗ ପ୍ରତିରୋଧକ ଭାବରେ ମଧ୍ୟ କାର୍ଯ୍ୟ କରେ ଏବଂ କେତେକ ଅଞ୍ଚଳରେ ଖାଦ୍ୟକୁ ସ୍ୱାଦିଷ୍ଟ କରିବା ପାଇଁ ବ୍ୟବହାର କରାଯାଇଥାଏ। କୁକୁଡ଼ା ଖାଦ୍ୟରେ ମିଶାଇବା ପାଇଁ ଗେଣ୍ଡୁ ଫୁଲ ଚାଷ କରାଯାଏ, ଯାହା ଦ୍ୱାରା କୁକୁଡ଼ା ଅଣ୍ଡାକୁ ଏକ ସୁବର୍ଣ୍ଣ ରଙ୍ଗ ମିଳିଥାଏ।

ଗେଣ୍ଡୁର ବଂଶବିସ୍ତାର ବିହନ ତଥା କଟା କାଣ୍ଡ ମାଧ୍ୟମରେ ସମ୍ଭବ ହୋଇଥାଏ। ଏହା ବାଲିଆ ଏବଂ ପଟୁ ମାଟି ରେ ବଢ଼ିଥାଏ। ମଧ୍ୟମ ଉର୍ବର, କିନ୍ତୁ ସମାନ ଭାବରେ ଆର୍ଦ୍ର ପରିସ୍ଥିତି ସହିତ ପୂର୍ଣ୍ଣ ସୂର୍ଯ୍ୟାଲୋକରେ ଭଲ ଜଳ ନିଷ୍କାସନ ହୋଇଥିବା ମାଟି ଆବଶ୍ୟକ କରେ। ଗେଣ୍ଡୁର ଶହ ଶହ ଉପଜାତି ବିକଶିତ ହୋଇଛି, ଯାହା ମଧ୍ୟରୁ କିଛି 'ରୟାଲ୍ ହର୍ଟିକଲ୍‌ଚରାଲ୍ ସୋସାଇଟି'ର 'ଗାର୍ଡେନ୍ ମେରିଟ୍' ପୁରସ୍କାର ପ୍ରାପ୍ତ। ବାଡ଼ ଭିତରେ ହରିଣମାନଙ୍କ ପ୍ରବେଶକୁ ନିରୁତ୍ସାହିତ କରିବା ପାଇଁ ଉଦ୍ୟାନ ଦାଢ଼ରେ ଗେଣ୍ଡୁ ରୋପଣ କରାଯାଏ। ●

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସ୍କୁଲ ପିଲାଙ୍କ ଗହଣରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ ଶୁଣିଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୨୫।୧ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଭୁବନେଶ୍ୱରସ୍ଥିତ ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍କୁଲ ଛାତ୍ରଛାତ୍ରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ଗ୍ରହଣରେ ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ କାର୍ଯ୍ୟକ୍ରମ ଶୁଣିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ କାର୍ଯ୍ୟକ୍ରମର ଆଜି ୧୩୦ତମ ଅଧ୍ୟାୟ ଥିଲା।

■ ଷ୍ଟାର୍ଟଅପ କ୍ଷେତ୍ରରେ ଭାରତର ସଫଳତା ବିଷୟରେ ପିଲାଙ୍କୁ ବୁଝାଇଲେ
■ ନବସୃଜନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ

ମୁଖ୍ୟମନ୍ତ୍ରୀ ଏହି ଅବସରରେ ସ୍କୁଲ ପିଲାମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ପ୍ରେରଣାଦାୟୀ ଦିଗ ସମ୍ପର୍କରେ ବୁଝାଇଥିଲେ। ଏଥିସହ ଷ୍ଟାର୍ଟ-ଅପ୍ କ୍ଷେତ୍ରରେ ଭାରତବର୍ଷର ସଫଳତା ବିଷୟରେ ଆଲୋକପାତ କରି ପିଲାମାନଙ୍କୁ ସବୁବେଳେ ନବସୃଜନ ଉପରେ ଗୁରୁତ୍ୱ ଦେବା ପାଇଁ ଉପଦେଶ ଦେଇଥିଲେ। ଆଜିର ମନ କୀ ବାତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସମ୍ମୁଖରେ ରଖିଥିବା ତାଙ୍କର ପ୍ରତ୍ୟେକ ପ୍ରେରଣାଦାୟୀ ବିଚାର ସମ୍ପର୍କରେ ପିଲାମାନଙ୍କ ସହ ମୁଖ୍ୟମନ୍ତ୍ରୀ ସୁବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ବିଜେପି ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଭୀମଦା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ



ବଡ଼ସାହି, ୨୫।୧(ସମିସ): ବଡ଼ସାହି ବ୍ଲକ ଅଧୀନ ଭୀମଦା ପଞ୍ଚାୟତର ସରପଞ୍ଚ ଭୀମ ସିଂଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ଉକ୍ତ ପଞ୍ଚାୟତର ୧୧ଟି ୱାର୍ଡ ଥିବା ବେଳେ ୫ନମ୍ବର ୱାର୍ଡମେମ୍ବର ଶରତ ମୁଖୀଙ୍କ ୨ ମାସ ତଳେ ପରଲୋକ ହୋଇଥିଲା। ଅନ୍ୟ ୧୦ଟି ୱାର୍ଡ ମଧ୍ୟରୁ ୭ଟି ୱାର୍ଡର ସଦସ୍ୟ ସରପଞ୍ଚ ଶ୍ରୀ ସିଂଙ୍କୁ ଗାଦିଚ୍ୟୁତ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ସେମାନେ ଏକତ୍ରିତ ହୋଇ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ସେମାନଙ୍କ ଦାବି ଉପସ୍ଥାପନ କରିବା ସହିତ ଲିଖିତ ଅଭିଯୋଗ କରିଛନ୍ତି।

ୱାର୍ଡ ସଭ୍ୟସଭ୍ୟାଙ୍କ ଦସ୍ତଖତ ଯାଞ୍ଚ ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଡିଓ ବନଜା ଦାସଙ୍କୁ ଏନେଇ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାର ନକଲ ନାଏବ ସରପଞ୍ଚ ପୂର୍ଣ୍ଣିମା ବେହେରାଙ୍କ ସହ ସମସ୍ତ ୱାର୍ଡ ସଭ୍ୟସଭ୍ୟା ଓ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଉପଜିଲ୍ଲାପାଳଙ୍କ ଚିଠିକୁ ଆଧାର କରି ବିଡିଓଙ୍କ ନିର୍ଦ୍ଦେଶରେ ଜିପିଓ ଅବିନାଶ ପଣ୍ଡା ସମସ୍ତ ୭ଜଣ ୱାର୍ଡ ସଭ୍ୟସଭ୍ୟାଙ୍କୁ ବ୍ଲକ୍ କାର୍ଯ୍ୟାଳୟକୁ ଡାକି ସେମାନଙ୍କଠାରୁ ସମସ୍ତ ଘଟଣା ସମ୍ପର୍କରେ ବୁଝିବା ସହିତ ଦସ୍ତଖତର ଯାଞ୍ଚ କରିଛନ୍ତି। ଏ ସମ୍ପର୍କରେ ଏହି ୭ ଜଣ ୱାର୍ଡ ସଭ୍ୟସଭ୍ୟାଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଣାଯାଇଛି।

## ଚାଷୀ ସମସ୍ୟା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା

# ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା ବିଜେଡି

ଭୁବନେଶ୍ୱର,୨୫।୧(ସମିସ): ରାଜ୍ୟରେ କୃଷକମାନଙ୍କ ସମସ୍ୟା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିଜୁ ଜନତା ଦଳ ସରକାରଙ୍କ ଉପରେ ବର୍ଷିଛି। ଚାଷୀ ପ୍ରଥମେ ସାର ମୁଠାଏ ପାଇବା ପାଇଁ ଦହଗଞ୍ଜ ହୋଇଥିବା ବେଳେ ଏବେ ଧାନ ବିକ୍ରି କରିପାରୁନାହାନ୍ତି। ସେହିପରି ରାଜ୍ୟରେ ଶାସନ କ୍ଷମତା ହାତକୁ ନେବା ପରଠାରୁ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ତେଣୁ ଏହାର ପ୍ରତିବାଦରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ଫେବୃଆରୀ୨ରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରତିଟି ଜିଲ୍ଲାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହାପରେ ୨୪ ତାରିଖ ଦିନ ରାଜଧାନୀ ଭୁବନେଶ୍ୱରଠାରେ ଏକ ବିଶାଳ ପ୍ରତିବାଦ ସଭା ଆୟୋଜନ ହେବ ବୋଲି ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି।

ଶଙ୍ଖ ଭବନରେ ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବିଜେଡି କୃଷକ ସେଲ୍‌ର ଆବାହକ ତଥା ବିଧାନସଭାରେ ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ବିଧାୟକ ଡ. ଅରୁଣ କୁମାର ସାହୁ ରାଜ୍ୟ ବିଜେପି ସରକାରଙ୍କ ବିଫଳତାକୁ ବଖାଣିବା ସହିତ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି ବୋଲି କହିଥିଲେ। ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ ବିଜେପିର ପ୍ରତିଶ୍ରୁତିର ଖିଲାପ ପରେ, ବିଭିନ୍ନ ସ୍ତରରେ ଜନସାଧାରଣଙ୍କ କ୍ଷୋଭ ଦେଖିବାକୁ ମିଳୁଛି। ପ୍ରଥମେ ଚାଷୀମାନଙ୍କୁ ସାର ମୁଠାଏ ଦେବା ପାଇଁ ସରକାର ହନ୍ତସନ୍ତ କଲେ। ଏବେ ଧାନ ଉତ୍ପାଦନ ପରେ ସରକାର ଧାନ କିଣା ପ୍ରକ୍ରିୟା ସଠିକ୍ ଭାବେ ହୋଇପାରୁନାହିଁ, ଯେଉଁଥିପାଇଁ ରାଜ୍ୟର କୃଷକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ ବିଜେପି ରାଜ୍ୟର ଶାସନ ଭାର ହାତକୁ ନେବା ପରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ମୋତେ ଯେତେ ମାଠିବୁ ମାଠ; ମୁଁ ସେଇ ଦରପୋଡ଼ା କାଠ, ସଦୃଶ୍ୟ ଯେତେ କୁହାଗଲେ ମଧ୍ୟ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ସୁଧୁରିବାର ନାଁ ନେଉନାହିଁ।



■ ଫେବୃଆରୀ ୨ ତାରିଖରୁ ରାଜରାସ୍ତାକୁ ଓହ୍ଲାଇବ ଦଳ
■ ୨୪ରେ ରାଜଧାନୀରେ ବିଶାଳ ପ୍ରତିବାଦ ସଭା
■ ଧାନକିଣାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ
■ ବିଜେପି ନେତା-କର୍ମୀଙ୍କ କବ୍‌ଜାରେ ସବୁ ଥାନା

ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଚଳିତ ବର୍ଷ ରାଜ୍ୟରେ ପ୍ରଥମ ଥର ପାଇଁ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇ ପଡିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଜ୍ୟରେ ଚଳିତ ବର୍ଷ ୧୯ ଲକ୍ଷ ୬୬ ହଜାର ୮୧ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ଏବେସୁଧା ମାତ୍ର ୨୯ ପ୍ରତିଶତ ଚାଷୀଙ୍କଠାରୁ ନିର୍ଦ୍ଧାରିତ ୭୩ ଲକ୍ଷ ମେଟ୍ରିକ ଟନ୍‌ରୁ ମାତ୍ର ୨୫ଲକ୍ଷ ମେଟ୍ରିକ ଟନ୍ ଅର୍ଥାତ୍ ୩୪ ପ୍ରତିଶତ ଧାନ କିଣା ଯାଇପାରିଛି। ଏହା ସରକାରଙ୍କ ଚରମ ବିଫଳତାର ନିଦର୍ଶନ। ରାଜ୍ୟର ଜଳସେଚିତ ଅଞ୍ଚଳଗୁଡିକରେ ଏବେ ଡାଲୁଅ ଧାନ ଚାଷ ଆରମ୍ଭ ହୋଇ ଗଲାଣି; ସରକାରଙ୍କର କିନ୍ତୁ ଖରିଫ ଧାନ କିଣା ଶେଷ ହେଲା ନାହିଁ। ଏବେ ସରକାର ଏହି ଧାନ କିଣା ମାର୍ଚ୍ଚ ଯାଏ ଚାଲିବ ବୋଲି କହୁଛନ୍ତି। ଖରିଫ ଧାନ କିଣା ଅଧିକ ବିଳମ୍ବିତ ହେଲେ ଡାଲୁଅ ଧାନ ଚାଷ ପାଇଁ ଚାଷୀମାନେ ଅର୍ଥ ଯୋଗାଡ଼ କରିବାକୁ ଅସମର୍ଥ ହେବେ। ଓଡ଼ିଶା ଧାନ ସଂଗ୍ରହରେ କିପରି ଭାବେ ବିଫଳ ହୋଇଛି ତାହା ପଡୋଶୀ ଛତିଶଗଡ଼ ରାଜ୍ୟର ଧାନ ସଂଗ୍ରହ ତଥ୍ୟ ଦେଖିଲେ ସ୍ପଷ୍ଟ ହେଉଛି। ଛତିଶଗଡ଼ ଓଡ଼ିଶା ତୁଳନାରେ ଛୋଟ ରାଜ୍ୟ ହୋଇଥିବା ବେଳେ ଓଡ଼ିଶା ଠାରୁ କମ ଧାନ ଉତ୍ପାଦନ କରୁଛି। ମାତ୍ର ଏବେ ସୁଦ୍ଧା ଛତିଶଗଡ଼ ୧ ଲକ୍ଷ ୨୬ ହଜାର ମେଟ୍ରିକ ଟନ ଧାନ ସଂଗ୍ରହ କରି ସାରିଛି। ତେଣୁ ଓଡ଼ିଶା ସରକାରଙ୍କ ଧାନ କିଣା ପ୍ରକ୍ରିୟା ସମ୍ପୂର୍ଣ୍ଣ ବିଫଳ ହୋଇଛି। ଧାନ କିଣା ବିଫଳ ହେବା କାରଣରୁ ରାଜ୍ୟର ଅର୍ଥନୀତି ଉପରେ କୁପ୍ରଭାବ ପଡିବ ବୋଲି ଶ୍ରୀ ଆଚାର୍ଯ୍ୟ କହିଥିଲେ।

ସଞ୍ଜୟ କୁମାର ଦାସବର୍ମା କହିଥିଲେ ଯେ ବିଜେପି ବିନା କଟନୀ ଛଟନୀରେ ଧାନ କିଣା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲା ହେଲେ ବ୍ୟାପକ କଟ୍‌ନୀଛଟ୍‌ନୀ ହେଉଛି। ଗତବର୍ଷ କିଣା ଯାଇଥିବା ଖରିଫ ଚାଉଳର ୯ ପ୍ରତିଶତ ଏପର୍ଯ୍ୟନ୍ତ ମିଲର୍‌ମାନଙ୍କଠାରୁ ଉଠା ଯାଇନାହିଁ। ସେହିପରି ଗତ ବର୍ଷର ରବି ଧାନର ଚାଉଳ ରାଜ୍ୟର ୨୨ଟି ଜିଲ୍ଲାରେ ସମଗ୍ର ପରିମାଣ ମିଲର୍‌ଙ୍କଠାରୁ ଉଠାଯାଇ ନାହିଁ। ଏହା ହେଉଛି ରାଜ୍ୟରେ ଧାନ ସଂଗ୍ରହର ସ୍ଥିତି। ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ ହେବାରୁ କ୍ଷୁଦ୍ର ଚାଷୀମାନେ ଅଭାବୀ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

ଡ. ଅରୁଣ କୁମାର ସାହୁ କହିଥିଲେ ଯେ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି। ସରକାରୀ ତଥ୍ୟ ଅନୁଯାୟୀ ୪୦ ହଜାରରୁ ଉର୍ଦ୍ଧ୍ୱ ମହିଳା ବିଭିନ୍ନ ପ୍ରକାରର ନିର୍ଯାତନାର ଶିକାର ହୋଇଛନ୍ତି। ରାଜ୍ୟରେ ସାମ୍ପ୍ରଦାୟିକ ଉତ୍ତେଜନା ଓ ଦଙ୍ଗା ଇତ୍ୟାଦି ଘଟଣା ଅହେତୁକ ଭାବେ ବୃଦ୍ଧି ପାଇଛି। ରାଜ୍ୟର ପୁଲିସ ଷ୍ଟେସନଗୁଡିକ ଏବେ ବିଜେପି ନେତା କର୍ମୀଙ୍କ କବ୍‌ଜାରେ ଥିବାରୁ ସାଧାରଣ ଲୋକଟି ଥାନାକୁ ଯିବା ପାଇଁ ଭୟ କରୁଛି। ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପାଇଁ ଆଉ କେହି ନୁହେଁ; କେବଳ ରାଜ୍ୟ ବିଜେପି ସରକାର ଦାୟୀ ବୋଲି ସେ କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ନେତାଙ୍କ ରାଜନୈତିକ ସଚିବ ତଥା ଦଳର ପିଏସି ସଦସ୍ୟ ସଂତୃପ୍ତ ମିଶ୍ର ଓ ପୂର୍ବତନ ମନ୍ତ୍ରୀ ତଥା ଦଳର ପିଏସି ସଦସ୍ୟା ଟୁକୁନି ସାହୁ ଉପସ୍ଥିତ ଥିଲେ।

# ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ୧୭ ପୁଲିସ କର୍ମଚାରୀଙ୍କୁ କେନ୍ଦ୍ରୀୟ ପୁରସ୍କାର ଘୋଷଣା

ଭୁବନେଶ୍ୱର,୨୫।୧(ସମିସ): ପୁଲିସ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କେନ୍ଦ୍ରୀୟ ପୁରସ୍କାର ଘୋଷଣା କରାଯାଇଛି। ୨୦୨୬ ମସିହା ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଓଡ଼ିଶା ପୁଲିସର ୧୭ଜଣଙ୍କୁ ପଦକ ପ୍ରଦାନ କରାଯିବ। ଓଡ଼ିଶାର ମୋଟ୍ ୪ ଜଣଙ୍କୁ ସାହସିକତା ପଦକ, ଦୁଇ ଜଣଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତିଙ୍କ ପଦକ ଏବଂ ୧୧ ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯାଇଛି। ପ୍ରଶଂସନୀୟ ସେବା ପାଇଁ ଓଡ଼ିଶା ପୁଲିସ ଆଇଜି ଡକ୍ଟର ସାର୍ଥକ ଷଡ଼ଙ୍ଗୀ, କମାଣ୍ଡାଣ୍ଟ ଶ୍ରୀପ୍ରସାଦ ତମାଙ୍ଗ, ଅତିରିକ୍ତ ଏସପି ଶୁଭନାରାୟଣ ମୁଦୁଲି, ଡିଏସପି ପ୍ରଦୀପ କୁମାର ଆଇନ୍ଦ, ଡିଏସପି ପ୍ରଣୀତା କୁମାରୀ ରାୟ, କମାଣ୍ଡାଣ୍ଟ ଅଶୋକ କୁମାର ମହାନ୍ତି, ଇନ୍ସପେକ୍ଟର ଅରୁଣ କୁମାର ନାୟକ, ମହମ୍ମଦ ହଫିଜ୍, ହାବିଲଦାର ଲତା ନାୟକ, ଏଏସଆଇ ନିଗମାନନ୍ଦନ ମହାପାତ୍ର, ଇନ୍ସପେକ୍ଟର ଲକ୍ଷ୍ମୀନାରାୟଣ ମୁଦୁଲି ପଦକ ପାଇବାକୁ ମନୋନୀତ ହୋଇଥିବାବେଳେ ବିଶିଷ୍ଟ ସେବା ପାଇଁ ଏଡିଜି ପ୍ରତୀକ ମହାନ୍ତି, ଡିସିପି ପ୍ରମୁଖ କୁମାର ସିଂ ପଦକ ପାଇବାକୁ ମନୋନୀତ ହୋଇଛନ୍ତି। ସେହିପରି ସାହସିକତା ପଦକ ପାଇଁ ଡିଏସପି ଅତୁଲ କୃଷ୍ଣ ଦାସ, ଏଏସଆଇ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କନଷ୍ଟେବଲ ଥବିର ମାଝୀ ଓ ଘନଶ୍ୟାମ ସାହୁ ମନୋନୀତ ହୋଇଛନ୍ତି। ସେହିପରି ଅଗ୍ନିଶମ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ରାଜ୍ୟର ମୋଟ୍ ୪ଜଣଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ଜଣଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତିଙ୍କ ପଦକ ଏବଂ ୩ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯିବ। ହୋମ୍‌ଗାର୍ଡ ଏବଂ ସିଭିଲ୍ ଡିଫେନ୍ସ କ୍ଷେତ୍ରରେ ଜଣଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତିଙ୍କ ପଦକ ଓ ୨ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି।

**ଅଗ୍ନିଶମରୁ ୪, ହୋମ୍‌ଗାର୍ଡ ଏବଂ ସିଭିଲ୍ ଡିଫେନ୍ସରୁ ୩ ଜଣଙ୍କୁ ପ୍ରଦାନ କରାଯିବ**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶୁଭାଂଶୁ ଶୁକ୍ଳାଙ୍କୁ...

ପକ୍ଷରୁ ଆଜି ଏହି ଘୋଷଣା କରାଯାଇଛି। ୫ ଜଣଙ୍କୁ ପଦ୍ମଭିଭୂଷଣ ସହିତ ୧୩ ଜଣଙ୍କୁ ପଦ୍ମଭୂଷଣ ଏବଂ ୧୧୩ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିବାକୁ ଘୋଷଣା କରାଯାଇଛି। ରାଜନୀତି, ସମାଜସେବା, କଳା, ସିନେମା, ସାହିତ୍ୟ, କ୍ରୀଡ଼ା, ବିଜ୍ଞାନ ଭଳି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୨୬ ବର୍ଷ ପାଇଁ ମୋଟ୍ ୧୩୧ ଜଣଙ୍କୁ ପଦ୍ମ ପୁରସ୍କାର ଦେବାଲାଗି ଘୋଷଣା କରାଯାଇଛି। ଏମାନଙ୍କ ମଧ୍ୟରେ ୧୯ ଜଣ ମହିଳା ରହିଥିବା ବେଳେ ୬ ଜଣ ବିଦେଶୀ ରହିଛନ୍ତି। ୧୬ ଜଣଙ୍କୁ (ମରଣୋତ୍ତର) ପଦ୍ମ ପୁରସ୍କାର ଲାଗି ତାଲିକାଭୁକ୍ତ କରାଯାଇଛି। ଏହାସହିତ ଓଡ଼ିଶାର ୪ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ଦେବାକୁ ମଧ୍ୟ ଘୋଷଣା କରାଯାଇଛି। ତେବେ ଏଥର ପଦ୍ମ ପୁରସ୍କାରର ବିଶେଷତ୍ୱ ହେଲା ଯେ ନିରବତା ସହିତ ନିଜନିଜ କ୍ଷେତ୍ରରେ ଜାତୀୟ ବିକାଶରେ ଉଲ୍ଲେଖନୀୟ ଅବଦାନ ରଖିଥିବା ୪୫ ଜଣଙ୍କୁ ପଦ୍ମ ପୁରସ୍କାର ମିଳିବ। ସମାଜ ସେବା, ସ୍ୱଦେଶୀ କଳା, ସ୍ୱାସ୍ଥ୍ୟ ସେବା, ଶିକ୍ଷା ଏବଂ ଐତିହ୍ୟ ସୁରକ୍ଷା କ୍ଷେତ୍ରରେ ଏମାନଙ୍କର ଅବଦାନ ଉଲ୍ଲେଖନୀୟ ରହିଛି।

ପଦ୍ମଭୂଷଣ ପୁରସ୍କାର ପାଇବା ଲାଗି ମନୋନୀତ ୧୩ ଜଣଙ୍କ ମଧ୍ୟରେ ବିଶିଷ୍ଟ ଗାୟିକା ଅଲ୍‌କା ୟାଗ୍‌ନିକ, ମାଲାୟଲମ୍ ଚଳଚ୍ଚିତ୍ରର ସୁପରଷ୍ଟାର ମାମୁଟ୍ଟୀ (ମହମ୍ମଦ କେପି ଇସ୍ମାଇଲ), ଶିଳ୍ପପତି ଉଦୟ କୋଟାକ୍, ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଭଗତ ସିଂହ କୋଶିଆରୀ, ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନ (ମରଣୋତ୍ତର), ସମାଜସେବୀ ଭି ନାଟେସନ, ଟେନିସ ତାରକା ବିଜୟ ଅମୃତ୍‌ରାଜ, ବିଜ୍ଞାପନ କଳା ବିଶେଷଜ୍ଞ ପୀୟୂଷ ପାଣ୍ଡେ, ମେଡିସିନରେ କେ. ଆର, ପଲାନିସ୍ୱାମୀ ଓ ଡ.ନୋରି ଦତ୍ତାତ୍ରେୟୁଡୁ, ସମାଜସେବୀ ଏସଥେକ ଏମ ମେଇଲାନାନନ୍ଦନ, କଳା ପାଇଁ ଏସ୍ ଆର୍ ଗଣେଶ ଓ ରାଜନେତା ବିଜୟ କୁମାର ମାଲହୋତ୍ରା ସେହିଭଳି ବିଭିନ୍ନ କ୍ଷେତ୍ର ଲାଗି ୧୧୩ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବ। ସେମାନଙ୍କ ମଧ୍ୟରେ ଅଛନ୍ତି କ୍ରିକେଟର ରୋହିତ ଶର୍ମା, ହରମନପ୍ରୀତ କାଉର ଭୁଲ୍ଲାର, ମହିଳା ହକି ଖେଳାଳି ସବିତା ପୁଣିଆ, ଅଭିନେତା ପ୍ରସନଜିତ ଚାଟାର୍ଜୀ, ଶାସ୍ତ୍ରୀୟ ସଙ୍ଗୀତ ପାଇଁ ତ୍ରିପ୍ତି ମୁଖାର୍ଜୀ, ତରୁଣ ଭଟ୍ଟାଚାର୍ଯ୍ୟ ଏବଂ ପୋଖିଲା ଲେକଥେପି ପ୍ରମୁଖ ରହିଛନ୍ତି।

ସୂଚନାଯୋଗ୍ୟ ଯେ ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ପଦ୍ମ ପୁରସ୍କାର ଘୋଷଣା କରାଯାଇଥାଏ। ଆସନ୍ତା ମାର୍ଚ୍ଚ କିମ୍ବା ଏପ୍ରିଲରେ ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ପଦ୍ମ ପୁରସ୍କାର ପ୍ରଦାନ କରିବେ।

#### ସେନାର ତିନି ଅଧିକାରୀଙ୍କୁ କୀର୍ତ୍ତି ଚକ୍ର
#### ୧୩ ଜଣଙ୍କୁ ଶୌର୍ଯ୍ୟ ଚକ୍ର, ୯୮୨ ପୁଲିସଙ୍କୁ ସେବା ମେଡାଲ୍

ସେହିପରି ସେନାର ତିନି ଅଧିକାରୀଙ୍କୁ କୀର୍ତ୍ତି ଚକ୍ର ଏବଂ ୧୩ ଜଣଙ୍କୁ ଶୌର୍ଯ୍ୟ ଚକ୍ର ପ୍ରଦାନ କରାଯିବାକୁ ଘୋଷଣା ହୋଇଛି। ଚଳିତ ଥର ପୁଲିସ, ଅଗ୍ନିଶମ ବାହିନୀ, ଗୃହରକ୍ଷୀ, ବେସାମରିକ ପ୍ରତିରକ୍ଷା (ଏଚଜି ଏବଂ ସିଡି) ଏବଂ ସଂଶୋଧନ ସେବାର ମୋଟ ୯୮୨ ଜଣ କର୍ମଚାରୀଙ୍କୁ ସାହସିକତା ଏବଂ ସେବା ପଦକ ପ୍ରଦାନ କରାଯିବ। ଏହା ମଧ୍ୟରେ ୧୨୫ ବୀର୍‌ତା ପଦକ ସାମିଲ ରହିଛି। ଜମ୍ମୁ-କଶ୍ମୀର ଅପରେସନ ଥିଏଟରରେ ନିୟୋଜିତ କର୍ମଚାରୀଙ୍କୁ ସର୍ବାଧିକ ୪୫ଟି ସାହସିକତା ପଦକ ଦିଆଯିବ। ସେହିପରି ମାଓବାଦୀ ପ୍ରଭାବିତ ଅଞ୍ଚଳରୁ ୩୫ ଜଣ ଏବଂ ପୂର୍ବୋତ୍ତର କ୍ଷେତ୍ରରେ ମୁତୟନ ୫ ଜଣ ସୁରକ୍ଷାକର୍ମୀଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି। ଅଗ୍ନିଶମ ବାହିନୀର ଉଦ୍ଧାର କାର୍ଯ୍ୟରେ ସାମିଲ ଚାରି ଜଣଙ୍କୁ ମଧ୍ୟ ବୀର୍‌ତା ପଦକ ପାଇଁ ଚୟନ କରାଯାଇଛି।

### ୪ ଓଡ଼ିଆଙ୍କୁ...

ଲେଖାଏଁ ପ୍ରତିଭାବାନ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନୀତ କରିବା ପାଇଁ କେନ୍ଦ୍ର ସରକାର ମନୋନୀତ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବ୍ଲକ୍ ହଳଦା ଗ୍ରାମପଞ୍ଚାୟତ ନୂଆଗାଁରେ ଜନ୍ମିତ ଚରଣ ହେମ୍ବ୍ରମ୍ ହେଉଛନ୍ତି ଜଣେ ସାନ୍ତାଳି ଭାଷାବିତ୍। ଆଦିବାସୀ ସାହିତ୍ୟ ଓ ସଂସ୍କୃତିର ଗବେଷକ ତଥା ସଂରକ୍ଷକ। ସୁପରିଚିତ ସାନ୍ତାଳି ଲେଖକ ଏବଂ ଶିକ୍ଷା ସଂସ୍କାରକ। ସେ ୧୫ଶହରୁ ଅଧିକ ଇତୁନ୍ ଅସ୍ରା କେନ୍ଦ୍ର ଜରିଆରେ ଆଦିବାସୀ ପରମ୍ପରାକୁ ସୁରକ୍ଷା ଦେଇଛନ୍ତି। ଆଦିବାସୀ ଯୁବବର୍ଗଙ୍କୁ ସଶକ୍ତ କରିବା ସହିତ ଆଦିବାସୀ ଐତିହ୍ୟର ସଂରକ୍ଷଣ କ୍ଷେତ୍ରରେ ଯୋଗଦାନ ରଖିଛନ୍ତି। ସେହିପରି ମହେନ୍ଦ୍ର କୁମାର ମିଶ୍ର ଜଣେ ସାହିତ୍ୟିକ ଓ ଶିକ୍ଷାବିତ୍ ଭାବେ ୨୫ରୁ ଅଧିକ ପୁସ୍ତକ ଲେଖିବା ସହ ୧୦୦ରୁ ଅଧିକ ଗବେଷଣା ସନ୍ଦର୍ଭ ପ୍ରସ୍ତୁତ କରିଛନ୍ତି। ଆଦିବାସୀ ଭାଷା ଓ ସାହିତ୍ୟର ପ୍ରଚାରପ୍ରସାର ଦିଗରେ ସେ ଉଲ୍ଲେଖନୀୟ କାର୍ଯ୍ୟ କରିବା ସହିତ ଆଗାମୀ ପିଢ଼ି ପାଇଁ ସଂରକ୍ଷିତ ରଖିବାକୁ କାର୍ଯ୍ୟରତ ଅଛନ୍ତି।

କଳାରେ ପଦ୍ମଶ୍ରୀ ପାଇଁ ମନୋନୀତ ଗଞ୍ଜାମ ଜିଲ୍ଲାର ବୟୋଜ୍ୟେଷ୍ଠ ପ୍ରହ୍ଲାଦ ନାଟକ କଳାକାର ସୀମାଞ୍ଚଳ ପାତ୍ର ଦୀର୍ଘ ୮୦ ବର୍ଷରୁ ଅଧିକ ସମୟ ଧରି ଦକ୍ଷିଣ ଓଡ଼ିଶାର ପାରମ୍ପରିକ ଲୋକମଞ୍ଚ ପରମ୍ପରା ପ୍ରହ୍ଲାଦ ନାଟକର ପ୍ରଚାରପ୍ରସାର ଏବଂ ସଂରକ୍ଷଣ ଦିଗରେ ନିରନ୍ତର ପ୍ରୟାସ କରୁଛନ୍ତି। ସେ ନିଜର ବ୍ୟକ୍ତିଗତ ସଞ୍ଚିତ ଅର୍ଥରୁ ସିଂହଭାଗ ଏହି କଳାର ସଂରକ୍ଷଣ ପାଇଁ ବିନିଯୋଗ କରିଛନ୍ତି। ସେହିପରି ବୁଣାକାର ଶରତ କୁମାର ପାତ୍ର ଇକ୍କତ ବୟନ ଶୈଳୀ ଏବଂ ନବସୃଜନ ପାଇଁ ପରିଚିତି ହାସଲ କରିଛନ୍ତି। ସେ ୫୦ରୁ ଅଧିକ ପ୍ରାକୃତିକ ରଙ୍ଗ ଉଦ୍ଭାବନ କରିଛନ୍ତି ଏବଂ ପାରମ୍ପରିକ ପ୍ରାକୃତିକ କପଡ଼ା ରଙ୍ଗ ପ୍ରକ୍ରିୟାର ପୁନରୁଦ୍ଧାର କରିଛନ୍ତି। ଶତାଧିକ ଅବହେଳିତ ବୁଣାକାରଙ୍କୁ ତାଲିମ ଦେଇ ବୟନ ଶିଳ୍ପର ପୁନରୁଦ୍ଧାର ଦିଗରେ ଯୋଗଦାନ ଦେଇଛନ୍ତି।

ପଦ୍ମ ବିଜେତାଙ୍କୁ ରାଜ୍ୟପାଳ ଡକ୍ଟର୍ ହରିବାବୁ କମ୍ଭମପାଟି ଅଭିନନ୍ଦନ ଜଣାଇ ଜାତୀୟ ସ୍ତରରେ ଓଡ଼ିଶାର କଳାର ପରିଚୟ ସୁଦୃଢ଼ ହେବା ସହ ଜ୍ଞାନ ଏବଂ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ହୋଇଥିବା କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଉପଲବ୍ଧ ଓଡ଼ିଶାର କଳା ଓ ସଂସ୍କୃତିକୁ ଜାତୀୟ ସ୍ତରରେ ନୂତନ ପରିଚୟ ପ୍ରଦାନ କରିଥିବା କହିଛନ୍ତି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇ ସାହିତ୍ୟ, ଶିକ୍ଷା ଓ କଳା ଜଗତକୁ ସମୃଦ୍ଧ କରିବାରେ ଅବଦାନ ଅତୁଳନୀୟ ବୋଲି କହିବା ସହ ସମସ୍ତଙ୍କ ସଫଳତା କାମନା କରିଛନ୍ତି। ଅନୁରୂପ ଭାବେ ଓଡ଼ିଶାର ପ୍ରତିଭାବାନ ବଣମଲ୍ଲିଙ୍କୁ ନିରନ୍ତର ସମ୍ମାନିତ କରୁଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, କଳା, ସାଧାରଣ ବ୍ୟାପାର, ସାହିତ୍ୟ ଓ ଶିକ୍ଷା, ଔଷଧ, ସମାଜସେବା, ବାଣିଜ୍ୟ ଓ ଉଦ୍ୟୋଗ, କ୍ରୀଡ଼ା, ବିଜ୍ଞାନ ଓ ଇଂଜିନିୟରିଂ, ପ୍ରଶାସନିକ ସେବା ପରି ବିଭିନ୍ନ କ୍ଷେତ୍ରରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।

### ନିର୍ଦ୍ଧାରିତ ସମୟରେ...

କାମ ଅଧୁରା ରହିଛି, ତାହା ଆସନ୍ତା ୬ ମାସ ମଧ୍ୟରେ ଶେଷ କରନ୍ତୁ। ଆମକୁ ସବୁ ଜିଲ୍ଲା ପରିଷଦ ଆସନ ଜିଣିବାକୁ ପଡ଼ିବ ବୋଲି ସେ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ।

ରାଜ୍ୟ ବିଜେପି ସଭାପତିଙ୍କ ଉପରୋକ୍ତ ବୟାନକୁ ନେଇ ସାଧାରଣରେ ଚର୍ଚ୍ଚା, ଆଲୋଚନା ଆରମ୍ଭ ହୋଇଥିବା ବେଳେ ରବିବାର ଏନେଇ ପ୍ରତିକ୍ରିୟା ରଖିଛନ୍ତି ମୁଖ୍ୟ ନିର୍ବାଚନ କମିଶନର। ସେ କହିଛନ୍ତି ଯେ ନିର୍ଦ୍ଧାରିତ ସମୟରେ ପଞ୍ଚାୟତ ନିର୍ବାଚନ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟବ୍ୟାପୀ ସବଡିଭିଜନ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଗତ ୧୦ ଦିନ ଭିତରେ ଜିଲ୍ଲପାଳଙ୍କ ସହ ବୈଠକ ହୋଇଛି। ବୁଥ, ବାଲଟ ବକ୍ସ ତଥା ଇଭିଏମ ସହ ଯାହା ଯାହା ଆବଶ୍ୟକ, ତାହାକୁ ମହଜୁଦ ରଖିବା ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ଆମେ ନିର୍ଦ୍ଦେଶ ଦେଇଛୁ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

ଅପରପକ୍ଷେ ମନମୋହନଙ୍କ ବୟାନ ଏବଂ ନିର୍ବାଚନ କମିଶନଙ୍କ ଟିପ୍ପଣୀ ଉପରେ ପ୍ରତିକ୍ରିୟା ରଖିଛନ୍ତି ବିଜେଡିର ବରିଷ୍ଠ ବିଧାୟକ ଡ. ଅରୁଣ ସାହୁ। ପଞ୍ଚାୟତ କି ପୌର ନିର୍ବାଚନ, ରାଜ୍ୟ ସରକାର ଏଥିପାଇଁ ବଜେଟ ଆଣନ୍ତି। ନିର୍ବାଚନ ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ବିଧିବଦ୍ଧ ଭାବେ ନିର୍ବାଚନ କମିସନଙ୍କୁ ଜଣାନ୍ତି। ମାତ୍ର ପ୍ରଥମ ଥର ଦେଖାଗଲା ଯେ ନିର୍ବାଚନ କମିସନର ନ କହୁଣୁ ବିଜେପି ଅଫିସରେ ଏହା ଘୋଷଣା ହେଉଛି। ଏହା କି ପ୍ରକାରର ସାମ୍ବିଧାନିକ ବ୍ୟବସ୍ଥା? ନିର୍ବାଚନ ଆଗୁଆ ହେବ ବୋଲି ବିଜେପି କହୁଛି, ମାତ୍ର ଆଜି ନିର୍ବାଚନ କମିସନର ମନା କରିଛନ୍ତି। ଏହା କେତେ ଉଚିତ ତଥା ଅନୁଚିତ ସେନେଇ ସରକାର ଉତ୍ତର ରଖନ୍ତୁ ବୋଲି ସେ ଦାବି କରିଛନ୍ତି।

### ଅଫେରା ରାଇଜରେ...

ଅଭିଜିତଙ୍କୁ ବଞ୍ଚାଇ ପାରି ନଥିଲେ। ଆଜି ସକାଳ ପ୍ରାୟ ୯ଟା ୨ମିନିଟ୍‌ରେ ତାଙ୍କର ମୃତ୍ୟୁ ଘଟିଥିବା ଏମ୍‌ସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ପୂରା ସଂଗୀତ ଜଗତ ସ୍ତବ୍ଧ ହୋଇପଡ଼ିଛି। ଓଡ଼ିଆ ଆଲବମ୍, ସିନେମା ସମେତ ବିଭିନ୍ନମହଲରେ ଶୋକର ଛାୟା ଖେଳିଯାଇଛି। ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଶୋକ ପ୍ରକାଶ କରିଛନ୍ତି। ଆଜି ରାତିରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି।

୧୯୭୧ ମସିହାରେ ସମ୍ବଲପୁରରେ ଜନ୍ମିତ ଅଭିଜିତଙ୍କର ପିଲାଟି ଦିନରୁ ସଙ୍ଗୀତ ପ୍ରତି ଅହେତୁକ ଦୁର୍ବଳତା ରହିଥିଲା। ଏହା ତାଙ୍କୁ ପରବର୍ତ୍ତୀ ସମୟରେ ଓଡ଼ିଶା ସଙ୍ଗୀତ ଜଗତରେ ଏକ ପ୍ରତିଷ୍ଠିତ ସଂଗୀତଜ୍ଞ ଭାବେ ସୁନାମ ଅର୍ଜନ କରିବାରେ ପ୍ରେରଣା ଦେଇଥିଲା। ଓଡ଼ିଆ ସିନେମା ଏବଂ ଆଲବମ୍‌ରେ ତାଙ୍କ ସ୍ୱତନ୍ତ୍ର ଛାପ ଦେଖିବାକୁ ମିଳେ। ମେଲୋଡି-କିଙ୍ଗ୍ ଭାବେ ଅଭିଜିତ ଦର୍ଶକଙ୍କ ପ୍ରିୟ ପାଲଟି ଯାଇଥିଲେ। ଏପରିକି, ସମସ୍ତେ ତାଙ୍କୁ ଆପଣାପଣରେ ଦାଦା ବୋଲି ସମ୍ବୋଧାନ କରିଥା'ନ୍ତି। ୩ ଦଶନ୍ଧି ଧରି ଓଡ଼ିଶା ସଙ୍ଗୀତ ଜଗତରେ ସେ ବେଶ୍ ଲୋକପ୍ରିୟ ଓ ଚଳଚଞ୍ଚଳ ଥିଲେ। ଖାଲି ଜଣେ ସଫଳ ସଙ୍ଗୀତଜ୍ଞ ନୁହେଁ, ଜଣେ ଭଲ ମଣିଷ ଭାବେ ମଧ୍ୟ ଓଲିଉଡ୍ ଜଗତରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି।

୧୯୯୧ମସିହାରେ ପ୍ରଥମଥର ସଙ୍ଗୀତ ଜଗତରେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ ଅଭିଜିତ୍। ତାଙ୍କ ନିର୍ଦ୍ଦେଶିତ ପ୍ରଥମ ସମ୍ବଲପୁରୀ ଆଲବମ୍ ଥିଲା ଦକ୍ସି ଗଲା। ଏହାପରେ ସେ ଓଡ଼ିଆ କଥାଚିତ୍ର ଜଗତରେ କାର୍ଯ୍ୟ କରିଥିଲେ। ୨୦୦୦ ମସିହାରେ ସେ ଓଡ଼ିଆ କଥାଚିତ୍ର ଜଗତରେ ସଙ୍ଗୀତ ନିର୍ଦ୍ଦେଶନାରେ ପାଦ ଥାପିଥିଲେ। ତାଙ୍କର ପ୍ରଥମ କଥାଚିତ୍ର କାଶିଆ କପିଳା ତାଙ୍କୁ ଓଡ଼ିଆ ସିନେମା ଜଗତରେ ସ୍ୱତନ୍ତ୍ର ପରିଚୟ ଦେବାରେ ସହାୟକ ହୋଇଥିଲା। ଏହା ପରଠାରୁ ସେ ଆଉ ପଛକୁ ଫେରିନାହାନ୍ତି। ଗୋଟିଏ ପରେ ଗୋଟିଏ ହିଟ୍ ଗୀତ ଦର୍ଶକଙ୍କୁ ଭେଟି ଦେଇଥିଲେ। "ରଖିବ ଯଦି ସେ ମାରିବ କିଏ", "ମୋ ସୁନା ପୁଅ, ମୁନ୍ନା: ଏ ଲଭ ଷ୍ଟୋରୀ", "ତୋ ବିନା ଭଲ ଲାଗେନା", "ଶୁଭ ବିବାହ", "ଶଶୁର ଘର ଜିନ୍ଦାବାଦ୍", "ଓମ୍ ନମଃ ଶିବାୟ", "ବାଲୁଙ୍ଗା ଟୋକା", "ତୁ ଥା ମୁଁ ଯାଉଛି ରଷି", "କିଛି ଖଟା କିଛି ମିଠା", "ମାଟ୍ରିକ ଫେଲ୍", "ରଙ୍ଗିଲା ଟୋକା", "ଡାହା ବାଲୁଙ୍ଗା", "ପୁଣି ଦେଖା ହେବ ଆରଜନମରେ", "ଇସ୍କ ତୁ ହି ତୁ", "ଲଭ ଷ୍ଟେସନ୍" ଆଦି ୫୦ରୁ ଉର୍ଦ୍ଧ୍ୱ ଓଡ଼ିଆ ସିନେମାରେ ତାଙ୍କ ସଙ୍ଗୀତ ଦର୍ଶକଙ୍କ ମନକୁ ଛୁଇଁଛି। ଖାଲି ସେତିକି ନୁହେଁ, ଓଡ଼ିଆ ଆଧୁନିକ ଆଲବମ୍, ଭଜନ, ସମ୍ବଲପୁରୀ ଆଲବମ୍, ଓଡ଼ିଆ ଧାରାବାହିକ ଆଦିରେ ସେ ୭୦୦ରୁ ଅଧିକ ଗୀତ ତିଆରି କରିଛନ୍ତି। କଥାଚିତ୍ର ଓ ଆଲବମ୍ ବ୍ୟତୀତ ଅଭିଜିତ ଦୂରଦର୍ଶନରେ ମଧ୍ୟ କାର୍ଯ୍ୟ କରିଛନ୍ତି।

#### ■ ସଙ୍ଗୀତ, ସିନେମା ଓ ସଂସ୍କୃତି ପାଇଁ ଏକ ଅପୂରଣୀୟ କ୍ଷତି

ବିଶିଷ୍ଟ କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମ୍‌ଦାରଙ୍କ ବିୟୋଗ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ। ତାଙ୍କର ବିୟୋଗ ଆମ ସଙ୍ଗୀତ, ସିନେମା ଓ ସଂସ୍କୃତି ପାଇଁ ଏକ ଅପୂରଣୀୟ କ୍ଷତି। ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ଓଁ ଶାନ୍ତି।

- ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ

#### ■ ଅଭିଜିତଙ୍କ ଅବଦାନ ସଦା ସ୍ମରଣୀୟ

ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା ଗୀତିକାର ଅଭିଜିତ୍ ମଜୁମ୍‌ଦାରଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଓଡ଼ିଆ ସଙ୍ଗୀତ ଜଗତ ପ୍ରତି ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ରହିବ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରୁଛି।

- ନବୀନ ପଟ୍ଟନାୟକ,
ବିରୋଧୀ ଦଳ ନେତା

#### ■ ଓଡ଼ିଆ ଶ୍ରୋତାଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ

ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ୍ ମଜୁମ୍‌ଦାରଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ନିଜର ନିଆରା ସଙ୍ଗୀତ ଶୈଳୀ ମାଧ୍ୟମରେ ସେ ଦୀର୍ଘ ଦଶନ୍ଧି ଧରି ଓଡ଼ିଆ ଶ୍ରୋତାଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ। ତାଙ୍କର ଅକାଳ ବିୟୋଗ ଓଡ଼ିଆ କଳା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି।

- ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ

**AFFIDAVIT**

By virtue of an affidavit sworn before Executive Magistrate, Nuapada, Date: 04.09.2025, I, Smt. Damayanti Chandrakar, At-Moulimunda, P.O./P.S. Komakhan, Dist.-Mahasamund (C.G.) hereby declare that my son's name has been wrongly recorded as "FAISAL CHANDRAKAR" in his Birth Certificate instead of the correct name "RUDRA CHANDRAKAR". Henceforth he shall be known as "RUDRA CHANDRAKAR" for all purposes.

Sd/- Damayanti Chandrakar

**NOTICE**

By virtue of an affidavit sworn before The Executive Magistrate, Sukruli, Mayurbhanj, dated 22.01.2026, I, Gomia Soy, Address Village-Kasia, PO-Singada, PS-Raruan, Dist-Mayurbhanj, Pin-757039 declare that I have changed my name from Gamian Saye to Gomia Soy. Henceforth, I shall be known as **Gomia Soy** for all purposes.

# ବୌଦ୍ଧରେ ମହିଳାଙ୍କୁ ଗଣଦୁଷ୍କର୍ମ; ଚାପିଦେବାକୁ ଉଦ୍ୟମ

ବୌଦ୍ଧ, ୨୫ ।୧(ସମିସ)

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବୌଦ୍ଧ ଥାନା ବନ୍ଧାପଥର ଗ୍ରାମରେ ଗତ ୧୭ ତାରିଖରେ ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି । ଏହି ଘଟଣା ଜିଲ୍ଲାରେ ଆଲୋଡନ ସୃଷ୍ଟି କରିଛି । ଏହି ଘଟଣାକୁ ଶାସକ ଦଳ ଓ ପୁଲିସ ଚପାଇବାକୁ ଉଦ୍ୟମ କରୁଥିବା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି । ଏନେଇ ରବିବାର ବିଜେଡିର ମହିଳା ସଭାନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ଏକ ଟିମ୍ ବୌଦ୍ଧ ଜିଲ୍ଲା ଗସ୍ତ କରି ଘଟଣାର ଖୋଳତାଡ କରିଛି । ଟିମ୍ ପ୍ରଥମେ ବୌଦ୍ଧ ମେଡିକାଲରେ ସମ୍ପୃକ୍ତ ମହିଳାଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ । ସେ କିନ୍ତୁ ଡାକ୍ତରଖାନାରୁ ଡିସର୍ଚାଜ ହୋଇସାରିଥିଲେ । ଟିମ୍ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଭେଟିବା ପାଇଁ କାର୍ଯ୍ୟାଳୟକୁ ଯାଇଥିଲେ । ସେ କିନ୍ତୁ ନଥିଲେ । ଏଣୁ ଏହି ଟିମ୍ ଅନ୍ୟ ଜଣେ ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିଲା । ସେହିଭଳି ଏସ୍‌ପି ରାହୁଲ ଗୋଏଲଙ୍କୁ ଭେଟି ଆଲୋଚନା କରିଛି । ଏହି ଘଟଣାରେ ସମସ୍ତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛି । ଏହି ଘଟଣାରେ ୪ ଜଣ ଅଭିଯୁକ୍ତ ଥିବା ବେଳେ କାହା ଚାପରେ କାହିଁକି ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି ବୋଲି ଟିମ୍ ଏସ୍‌ପିଙ୍କୁ ପ୍ରଶ୍ନ କରିଥିଲା । ଅନ୍ୟ ଅଭିଯୁକ୍ତଙ୍କୁ କାହା ଚାପରେ ବାଦ ଦିଆଗଲା ବୋଲି ଶ୍ରୀମତୀ ଛୁରିଆ ପ୍ରଶ୍ନ କରିଥିଲେ । ଏହି ଘଟଣାରେ ଦୀର୍ଘ ୮ ଦିନ ହେବ କାହିଁକି ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ ବୋଲି ମଧ୍ୟ ପ୍ରଶ୍ନ କରିଥିଲେ । ତେବେ ସମ୍ପୃକ୍ତ ମହିଳା ଜଣକ ସଖି ସେଣ୍ଟରରେ ଥିବା ଖବର ପାଇ ଟିମ୍ ତାଙ୍କୁ ଭେଟିବାକୁ ଯାଇଥିଲା । ତାଙ୍କୁ କିନ୍ତୁ ଭେଟିବାକୁ ଦିଆଯାଇ ନ ଥିଲା । ଏହାପରେ ସର୍କିଟ ହାଉସରେ ଏକ ସାମ୍ବାଦିକ ସମ୍ମିଳନୀ କରି ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । ବୌଦ୍ଧ ଜିଲ୍ଲାରେ ଆଇନ ଶୃଙ୍ଖଳା ଭୁଷୁଡି ପଡଛି । ଲୁଟ୍, ବଳାତ୍କାର, ନିଶା କାରବାର ବଢ଼ି ଚାଲଛି । ଏଥିରେ ପୁରାମାତ୍ରାରେ ଶାସକ ଦଳର ହାତ ରହୁଛି । ଏଣୁ ପ୍ରଶାସନ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଥିବା ଶ୍ରୀ ଅମାତ ଅଭିଯୋଗ କରିଥିଲେ । ସମ୍ମିଳନୀରେ ଉପସ୍ଥିତ ଶ୍ରୀମତି ଛୁରିଆ କହିଥିଲେ ଯେ, ବୌଦ୍ଧ ଏକ କଳା, ସଂସ୍କୃତି, ଶାନ୍ତି ପ୍ରିୟ ଜିଲ୍ଲା । ଆଜି ଶାସକ ଦଳ ଯୋଗୁଁ ଏ ସହର ବା ଜିଲ୍ଲା ଅଶାନ୍ତ ପାଲଟିଥିବା ସେ ଅଭିଯୋଗ କରିଥିଲେ । ୧୭ ତାରିଖରେ ମହିଳାଙ୍କୁ ଗଣବଳାତ୍କାର ହୋଇଥିବା ଲୋକେ କହୁଥିବା ବେଳେ କାହିଁକି ପୁଲିସ ୧୯ ତାରିଖରେ ମାମଲା ରୁଜୁ କରିଲା ବୋଲି ସେ ପ୍ରଶ୍ନ କରିଛନ୍ତି । ଏତଲାରେ ଅଭିଯୁକ୍ତ ବିଧାୟକଙ୍କ ପାଖ ଲୋକ ହୋଇଥିବାରୁ ପୁଲିସ ଗିରଫ କରୁ ନ ଥିବା ସେ ଅଭିଯୋଗ କରିଥିଲେ । ତୁରନ୍ତ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ନ କଲେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ । ସମ୍ପୃକ୍ତ ମହିଳାଙ୍କୁ ସୁରକ୍ଷା ଦିଆଯାଉ ବୋଲି ସେ ଦାବି କରିଛନ୍ତି । ଜିଲ୍ଲାପରିଷଦ ଅଧକ୍ଷା ପ୍ରଭାସିନୀ ଦାସ, ଦୀପ୍ତିପ୍ରଭା ସ୍ୱାଇଁ, ଅବକାଶ ସାହୁ ଉପସ୍ଥିତ ଥିଲେ ।



ସ୍ନେହାଙ୍ଗିନୀ, ଅମାତଙ୍କ ସାମ୍ବାଦିକ ସମ୍ମିଳନୀ

## ରତ୍ନମୁଦ ପାଇଁ କଳସ ଶୋଭାଯାତ୍ରା

ବିରମହାରାଜପୁର, ୨୫ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କମଲପୁର ଗୁପ୍ତେଶ୍ୱର ବାବାଙ୍କ ନୂତନ ମନ୍ଦିର ନିର୍ମାଣ ଅବସରରେ ରତ୍ନମୁଦ ପାଇଁ କଳସ ଶୋଭାଯାତ୍ରା କରାଯାଇଛି । ବଳରାମ ପଣ୍ଡା ପୂଜା ଦାୟିତ୍ୱରେ ଥିଲେ । ରମେଶଚନ୍ଦ୍ର ପଣ୍ଡା ଓ ତାଙ୍କ ପତ୍ନୀ ନିରୁପମା ପଣ୍ଡା କର୍ତ୍ତା ଥିଲେ । ଜଗଦୀଶ ଶର୍ମା, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ମୋହନ ମେହେର, ଲକ୍ଷ୍ମଣ ମେହେର, କୃଷ୍ଣ ବିଶ୍ୱାଳ, ପ୍ରହଲ୍ଲାଦ ଅଗ୍ରୱାଲା, ଗୁରୁ ମେହେର, ଗୌତମ ପଣ୍ଡା, ଗୁପ୍ତେଶ୍ୱର ରଣା, ଦୂତିଆ ମେହେର, ଥବୀର ମେହେର, ଦାଶରଥି ସାହୁ, ରୋହିତ ବିଶ୍ୱାଳ, ବିକ୍ରମ ମେହର, ଅଭିଷେକ ମେହେର, ଜଗଦୀଶ ମେହେର, ନାରାୟଣ ମହାକୁର, ଲମ୍ବୋଦର ବିଶ୍ୱାଳ, ସେବକ ସାହୁ ପ୍ରମୁଖ ଏହି ଶୋଭାଯାତ୍ରାରେ ସାମିଲ ଥିଲେ ।

## ଶିକ୍ଷାର ବିକାଶ ପାଇଁ ବୈଠକ ଡାକିଲେ ସରପଞ୍ଚ



ଡୁଙ୍ଗୁରିପାଲି, ୨୫ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସମଲେଇଚୁଆଁ ସରପଞ୍ଚ ବିଭୁଦତ୍ତ ରାଜହଂସ ନିଜ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଏକ ବୈଠକ କରିଛନ୍ତି । ପଞ୍ଚାୟତର ବିଭିନ୍ନ ଗ୍ରାମରେ ଶୈକ୍ଷିକ, ସହ ଶୈକ୍ଷିକ ଓ ଢାଞ୍ଚାଗତ ବିକାଶ ପାଇଁ ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସ୍ୱତନ୍ତ୍ର ବୈଠକ ଡାକି ଆଲୋଚନା କରିଛନ୍ତି ।

ବିଦ୍ୟାଳୟଗୁଡିକରେ ପାଠପଢ଼ାର ଉନ୍ନତି, ଖେଳ, ବକ୍ତୃତା, ଗୀତ, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, କୁଇଜ, ସଙ୍ଗୀତ, ନୃତ୍ୟ, ଅଭିନୟ ସହ ଶୈକ୍ଷିକ କାର୍ଯକଳାପର ଉନ୍ନତି, ବିଦ୍ୟାଳୟ ସଂଯୋଗୀକରଣ ରାସ୍ତା, ବିଦ୍ୟାଳୟ କୋଠରୀ, ବିଦ୍ୟାଳୟ ବଗିଚା, ଜଳ ଯୋଗାଣ, ଆବର୍ଜନା ବିନିଯୋଗ, ବର୍ଜ୍ୟଜଳ ନିଷ୍କାସନ, ଶୌଚାଳୟ ନିର୍ମାଣ, ବିଦ୍ୟାଳୟ ଖେଳ ପଡ଼ିଆର ଉନ୍ନତି, ଆସ ସ୍କୁଲ ଯିବା ଅଭିଯାନ, ଉଲ୍ଲାସ କାର୍ଯ୍ୟକ୍ରମ, ରାଜ୍ୟ ଓ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟରେ ନାମ ଲେଖା ପାଇଁ ସଚେତନତା ସୃଷ୍ଟି, ବିଦ୍ୟାଳୟ ପ୍ରାଚୀରର ସୁଦୃଢ଼ୀକରଣ, ଉନ୍ନତ ମଧ୍ୟାହ୍ନ ଭୋଜନ ପ୍ରଦାନ, ବିଦ୍ୟାଳୟ ସହ ପୁରାତନ ଛାତ୍ରଛାତ୍ରୀଙ୍କୁ ଯୋଡିବା ସମ୍ପର୍କିତ ବିଭିନ୍ନ ଆଲୋଚନାରେ ସମସ୍ତେ ଭାଗ ନେଇ ସୁଚିନ୍ତିତ ମତାମତ ଦେଇଥିଲେ । ସମଲେଇଚୁଆଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ମେହେର, ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ବେହେରା, ଅଇଁଲାସାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟପ୍ରକାଶ ସେଟ, ତିତେରକୁନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ ବେହେରା, ପାଙ୍କେଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସର୍ବେଶ୍ୱର ସେଠୀ, ଠେଙ୍ଗାନାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୀତାରାମ ଆଡବାଙ୍କ, ସାଲେପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ଆଡବାଙ୍କ, ସାଧପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୋଭାବତୀ ସେଠୀ ଆଲୋଚନାରେ ଅଂଶ ଗ୍ରହଣ କରି ନିଜ ମତାମତ ପ୍ରଦାନ କରିଥିଲେ । ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରାଧେଶ୍ୟାମ ରଥ ସଭା ସଂଯୋଜନା କରିଥିଲେ । ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗମ୍ଭାରୀ ଗୋରାରେ ମାସେ ହେଲା ନଳକୂପ ଅଚଳ

ଶଗଡ଼ା, ୨୫ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବିଳାସପୁର ପଞ୍ଚାୟତ ଗମ୍ଭାରୀଗୋରା ଗାଁରେ ଥିବା ଏକମାତ୍ର ନଳକୂପ ମାସରୁ ଅଧିକ ହେବ ଅଚଳ ହୋଇପଡ଼ିଛି । ଗାଁରେ ଥିବା ଗୋଟିଏ ୱାର୍ଡର ପାଖାପାଖି ୨୫୦ଜଣ ଲୋକ ବସବାସ କରୁଥିବା ବେଳେ ପିଇବା ପାଣି ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନଳକୂପର ପାଇପ ଫାଟି ଯାଇଥିବାରୁ ପାଣି ଆସୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି । ବର୍ତ୍ତମାନ ଖରା ଆରମ୍ଭ ନ ହେଉଣୁ ଜଳକଷ୍ଟ ଦେଖା ଦେଇଥିବା ବେଳେ ଆଗକୁ ପରିସ୍ଥିତି ଅସମ୍ଭାଳ ହେବ ବୋଲି ଲୋକଙ୍କ ମଧ୍ୟରେ ଆଶଙ୍କା ଦେଖା ଦେଇଛି ।

ଅନ୍ୟପଟେ ଗ୍ରାମବାସୀ ମଧ୍ୟ ମେଗା ପାନୀୟ ଜଳ ପ୍ରକଳ୍ପରୁ ବଞ୍ଚିତ ଥିବା ବେଳେ ଏ ଦିଗରେ ଜଳ ଓ ପରିମଳ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି । ପିଇବା ପାଣି ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଆବଶ୍ୟକତା ସହ ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ଅଚଳ ନଳକୂପ ତୁରନ୍ତ ମରାମତି କରି ଲୋକଙ୍କ ପାଣି ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଗଧାପାଲି ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଡୁଙ୍ଗୁରିପାଲି, ୨୫ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଧାପାଲି ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ୩୪ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ତମାମୁରା ସରପଞ୍ଚ ମିତା ତ୍ରିପାଠୀ, ବିଦ୍ୟାଳୟର ପୂର୍ବତନ ସମ୍ପାଦକ ସଦାନନ୍ଦ ସାହୁ, ପରିଚାଳନା କମିଟି ସଭାପତି ଦିଲ୍ଲୀପ ପାତ୍ର, ହରିପ୍ରିୟା ପଧାନ ଓ ପ୍ରକାଶ ଚନ୍ଦ୍ର ପଧାନପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଏବଂ ଟ୍ରଫି ସହ ପୁରସ୍କୃତ କରଯାଇଥିଲା । ବାଳକ ବିଭଗରେ ଦଶମ ଶ୍ରେଣୀ ଛାତ୍ର ରାଜେନ୍ଦ୍ର ସରାଫ ଓ ବାଳିକା ବିଭାଗରେ ଦଶମ ଶ୍ରେଣୀ ଛାତ୍ରୀ କୁମାରୀ ଜ୍ୟୋସ୍ନାରାଣୀ ପାଣ୍ଡେ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଛନ୍ତି । ପ୍ରଧାନ ଶିକ୍ଷକ ସଦାନନ୍ଦ ପଧାନ ସଭାପତିତ୍ୱ କରିଥିଲେ । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଜିତାଣୁ ପଧାନ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂସ୍କୃତ ଶିକ୍ଷକ ସୀତାରାମ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ । ଛାତ୍ରୀ ଅଳିଭା ବାରିକଙ୍କ ନେତୃତ୍ୱରେ ସ୍ୱାଗତ ସଙ୍ଗୀତ ଗାନ କରଯାଇଥିଲା । ବରିଷ୍ଠ ଶିକ୍ଷକ ରାଜକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ଶୋଭାଚନ୍ଦ୍ର ବାରିକ, ଦେବୀ ପଧାନ, ଗୋବିନ୍ଦ ବିଶ୍ୱାଳ ସହଯୋଗ କରିଥିଲେ ।

## ମାୟାବର୍ହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଡୁଙ୍ଗୁରିପାଲି, ୨୫ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ମାୟାବର୍ହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବଡ଼କର୍ଲେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ କ୍ରୀଡା ଶିକ୍ଷକ ସାରଥୀ ଥପା ଯୋଗଦେଇ କ୍ରୀଡାର ବିକାଶ ବିନା ଶିକ୍ଷାର୍ଥୀର ସର୍ବାଙ୍ଗୀନ ବିକାଶ କଳ୍ପନା କରାଯାଇ ନ ପାରେ ବୋଲି କହିଥିଲେ । ତେଣୁ ପାଠ ସହିତ କ୍ରୀଡା କ୍ଷେତ୍ରରେ ମଧ୍ୟ ଛାତ୍ରଛାତ୍ରୀ ଆଗକୁ ବଢ଼ିବାକୁ ସେ ପ୍ରେରଣା ଦେଇଥିଲେ । ମୁଖ୍ୟବକ୍ତା ଭାବେ ସହଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କ୍ରୀଡା ଶିକ୍ଷକ ବିଭୀଷଣ ଷାଣ୍ଢ ଯୋଗଦେଇ ବାର୍ଷିକ କ୍ରୀଡା ଉତ୍ସବର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ । ଶାରୀରିକ ଶିକ୍ଷା ଶିକ୍ଷକ ଚୈତନ୍ୟ ବାରିକ ଙ୍କ ତତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୌଡ଼, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଗୋଲାଫିଙ୍ଗା, ପୁଚି, ଦୌଡ଼ି ଟଣା, ମ୍ୟୁଜିକ ଚେୟାର ପରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ମୌନାବତୀ ଜାଲ ସଭାପତିତ୍ୱ କରିଥିଲେ । ଶିକ୍ଷକ ବିନୋଦ ବେହେରା, ସଦାନନ୍ଦ ପଧାନ, ଦୟାସାଗର ପଧାନ, ସୁଶୀଲ ଭୋଇ, ଅବିନାଶ ମହାପାତ୍ର, ଶିକ୍ଷୟିତ୍ରୀ ତୋଷମତି ଭୋଇ, ରାଜଲକ୍ଷ୍ମୀନାଥ ସହାଦେଓ, ଲକି ସାହୁ, ତୃପ୍ତିମୟୀ ପୂଜାରୀ, ଚନ୍ଦ୍ରମା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ପରାକ୍ରମ ଦିବସ ପାଳିତ

ବୌଦ୍ଧ, ୨୫ ।୧(ସମିସ): ବୌଦ୍ଧ ସହର ମର୍ଜାକୁଦ ବ୍ରିଜ ଛକଠାରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ପରାକ୍ରମ ଦିବସ ପାଳିତ ହୋଇଛି । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତୀ ବଳିଆର୍ ସିଂ ଓ ମାଇଁ ଭାରତର ସଂଯୋଜକ ଆସମାନ୍ ମହାକୁଡଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ତହସିଲଦାର ଅନୀତା କୁମାରୀ ସାହୁ ଯୋଗ ଦେଇଥିଲେ । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ ।

## ଶ୍ରୀରାମଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ବୌଦ୍ଧ, ୨୫ ।୧(ସମିସ): ବୌଦ୍ଧ ବ୍ଲକ ବାଉଁଶୁଣୀ ଡେଲି ମାର୍କେଟଠାରେ ଶ୍ରୀରାମଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମନ୍ଦିରର ନିର୍ମାତା ବୃନ୍ଦାବନ ମେହେର ଓ ତାଙ୍କ ପତ୍ନୀ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ନିରଞ୍ଜନ ମିଶ୍ର ପୂଜା କାର୍ଯ୍ୟ ତୁଲାଇ ଥିଲେ । ଲଛମନ ଦାଶ ମହାରାଜଙ୍କ ତତ୍ତ୍ୱାବଧାନରେ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଉଦ୍‌ଯାପିତ

କଣ୍ଟାମାଳ, ୨୫ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାପୀଠର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଯାଜ୍ଞସେନୀ ଖେତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ମୁଖ୍ୟବକ୍ତା ଭାବେ କଣ୍ଟାମାଳ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଳି, ବିଶିଷ୍ଟ ସାହିତ୍ୟକାର, ହରିହର ପ୍ରଧାନ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଭୁବନେଶ୍ୱର ବସ୍ତିଆ, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ନରେନ୍ଦ୍ର ପ୍ରଧାନ, ବିଜିତ ପ୍ରଧାନ ଯୋଗ ଦେଇଥିଲେ । ଶିକ୍ଷକ ଅଜୟ ସାହୁ, ବିଶ୍ୱଜିତ ବାରିକ, ପଞ୍ଚାନନ ପ୍ରଧାନ, ସୁବାଷ ଚନ୍ଦ୍ର ପୁଜାହାରୀ, ବିଭୁତି ଭୂଷଣ କାହଁର, ଆରତୀ ନାୟକ, ଶୁକଦେବ ବଗର୍ତ୍ତୀ, ପ୍ରବେଶ ସାହୁ, ମନୋରଞ୍ଜନ ବାରିକ ପ୍ରମୁଖ ସହଯୋଗ କରିଥିଲେ ।

## ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା

ମନମୁଣ୍ଡା, ୨୫ ।୧(ସମିସ): ମନମୁଣ୍ଡା ସଦର ଦେଉଳିରେ ୧୬ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ନାମଯଜ୍ଞ କମିଟି ସଭାପତି ଝସକେତନ ଭୋଇ, ସମ୍ପାଦକ ତିଲେଶ୍ୱର ମେହେର, କମିଟି ସଦସ୍ୟ ସଙ୍କୀର୍ତ୍ତନ ବେହେରା, ଦୁର୍ଲଭ ନାଏକ, ଘାସି ମେହେର, ବିବେକା ମେହେର, କେଶବ ମେହେର, ଭୀଷ୍ମ ମେହେର, ହୟଗ୍ରିବ ପାଢ଼ୀ, ଉମେଶ ମେହେର, ଭାରତୀ ମେହେର ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରୁଛନ୍ତି ।

## ରାଜେନ୍ଦ୍ର ମିଶ୍ରଙ୍କ ସ୍ମୃତିଚାରଣ

ଡୁଙ୍ଗୁରିପାଲି, ୨୫ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଆରଏମସିଠାରେ ଜିଲ୍ଲା କଂଗ୍ରେସ କୋଷାଧକ୍ଷ ରାଜେଶ ମିଶ୍ରଙ୍କ ବିୟୋଗରେ ଏକ ଶୋକସଭା ଆୟୋଜନ କରାଯାଇଥିଲା । ବ୍ଲକ କଂଗ୍ରେସ ସଭାପତି ଚିତ୍ତରଞ୍ଜନ ମିଶ୍ର ଅଧ୍ୟକ୍ଷତା କରିଥିଲେ । ଏହି ସଭାରେ ଜିଲ୍ଲା କଂଗ୍ରେସ କମିଟି ଉପାଧ୍ୟକ୍ଷ ଭୀଷ୍ମ ଦେବ ମଲ୍ଲିକ, ଜିଲ୍ଲା କଂଗ୍ରେସ ଅଦିବାସୀ ସଭାପତି ଶ୍ୟମସୁନ୍ଦର ଭୋଇ, ସଧାରଣ ସମ୍ପାଦକ ସୁରୁବାବୁ ନନ୍ଦ, ତ୍ରିବେଦୀ, ଚୌବର୍ଗ ଭୋଇ, ବୀରେନ୍ଦ୍ର ଯୁଆଡ଼ି, ରାଜେନ୍ଦ୍ର ବାଗ, ଶତ୍ରୁଘନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## କେନଝିରିଆପାଲିରେ ଜାତୀୟ ବାଳିକା ଦିବସ

ବୀରମହାରାଜପୁର, ୨୫ ।୧(ସମିସ): କେନଝିରିଆପାଲି ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠରେ ଜାତୀୟ ବାଳିକା ଦିବସ ପାଳିତ ହୋଇଛି । କେନଝିରିଆପାଲି ଆରୋଗ୍ୟ ମନ୍ଦିର ସ୍ୱାସ୍ଥ୍ୟ କେନ୍ଦ୍ରର ସିଏଚଓ ଅଞ୍ଜଳି ବାଗ ଯୋଗ ଦେଇଥିଲେ । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ ପାତ୍ର ଅଧ୍ୟକ୍ଷତା କରିଥିଲେ । ଶିକ୍ଷକ ଜଗଦୀଶ ପ୍ରଧାନ, ମୀନକେତନ ରଣା, ଗୌରୀଶଙ୍କର ପୂଜାହାରୀ, ସତ୍ୟନାରାୟଣ ରାଜହଂସ, ଚିତ୍ତରଞ୍ଜନ ପଧାନ, ସରୋଜ ଭୁକ୍ତା ପ୍ରମୁଖ ସହଯୋଗ କରିଥିଲେ । ସରସ୍ୱତୀ ନାଗ ଧନ୍ୟବାଦ ଅର୍ପଣ କରିଥିଲେ ।

## ୱାର୍ଲ୍ଡ ଏକ୍ସସେଲେନ୍ ବୁକ୍ ଅଫ୍ ରେକର୍ଡସରେ ଚିତ୍ତରଞ୍ଜନ ବେହେରା



ବୌଦ୍ଧ, ୨୫ ।୧(ସମିସ): ବୌଦ୍ଧ ଜିଲ୍ଲା ବଘିଆପଡ଼ା ପଞ୍ଚାୟତ ମାଝିସାହି ଗ୍ରାମର ସ୍ୱର୍ଗତ ବିଶ୍ୱାମିତ୍ର ବେହେରା ଓ ସ୍ୱର୍ଗତ ପୁଷ୍ପା ବେହେରାଙ୍କ ସୁପୁତ୍ର ଚିତରଞ୍ଜନ ବେହେରାଙ୍କ ନାମ ୱାର୍ଲ୍ଡ ଏକ୍ସସେଲେନ୍ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛି । ବ୍ୟଙ୍ଗ, ସଚେତନଧର୍ମୀ କବିତା, ସ୍ତମ୍ଭ ଲେଖି ସମାଜକୁ ସେ କିଛି ବାର୍ତ୍ତା ଦେବା ପାଇଁ ସବୁବେଳେ ଚେଷ୍ଟା ଜାରି ରଖିଛନ୍ତି । ଏଥିପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି ।

## ବୀରମହାରାଜପୁରରେ ମନ୍ କି ବାତ୍ କାର୍ଯ୍ୟକ୍ରମ

ବୀରମହାରାଜପୁର, ୨୫ ।୧(ସମିସ): ବୀରମହାରାଜପୁର କଲ୍ୟାଣ ମଣ୍ଡପରେ ୧୩୦ତମ ମନ୍ କି ବାତ ଅନୁଷ୍ଠିତ ହୋଇଥିଲା । ସୁବର୍ଣ୍ଣପୁର ଜିଲ୍ଲା ବିଜେପି ସଭାପତି ବେଣୁଧର ଦାସ ଅଧ୍ୟକ୍ଷତା କରିଥିଲେ । ଏଥିରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଳା ଅତିଥି ଭାବେ ଯୋଗ ଦେଇଥିଲେ । ରଶ୍ମିତା ଷଡ଼ଙ୍ଗୀ, ନଳିନୀ ପଣ୍ଡା, ସବିତା ପଣ୍ଡା, ସନ୍ତୋଷ ଭୋଇ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ଉଷାକୁମରି, ବିଜୟ ମହାକୁର, ଅଶୋକ ପୁଝାରୀ, ଅଶୋକ ପୃଷ୍ଟି, ରାଧାକାନ୍ତ ମହାକୁର, ରାମଶଙ୍କର ଭୋଇ, ବିବେକାନନ୍ଦ ମିଶ୍ର, ଏକଲବ୍ୟ ବେହେରା, ପ୍ରଭାସ ପଣ୍ଡା, ସୋମିତ୍ର ପଧାନ, ସତ୍ୟବ୍ରତ ମିଶ୍ର, ବିପିନ ପଣ୍ଡା, ପଦାର୍ଥ ଜଗଦଳା, ରାଧାଚରଣ ମେହେର, ଗୌର ଜଗଦଳା, ପଙ୍କଜ ମେହେର, ସୁମନ୍ତ ଜଗଦଳା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ରାଧାକାନ୍ତ ବାଗ ଓ ଶିବ ପ୍ରସାଦ ଅଗ୍ରୱାଲା ଦଳରେ ସାମିଲ ହୋଇଥିଲେ ।

## 'ହେ ମଣିଷ କାନ୍ଦିବ ଆସ' ମଞ୍ଚସ୍ଥ

ଜହ୍ନାପଙ୍କ, ୨୫ ।୧(ସମିସ): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଲୋକକଳା ଗାଁ ନାରାୟଣନଗରରେ ଶ୍ରୀଜଗନ୍ନାଥ ଓ ଶ୍ରୀରାମଙ୍କ ଯୁଗ୍ମ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ ଚାଲିଛି । ଏହି ଅବସରରେ ଅଶୋକ ପାତ୍ରଙ୍କ ନିର୍ଦ୍ଦେଶନାରେ 'ହେ ମଣିଷ କାନ୍ଦିବ ଆସ' ମଞ୍ଚସ୍ଥ ହୋଇଛି । ମନ୍ଦିର କମିଟିର ଉପଦେଷ୍ଟା ଭୋଳାଗିରି ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୌଦ୍ଧ ଜିଲ୍ଲା ବିଜେପି ସଭାପତି କୃଷ୍ଣଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ରାଧାନଗର ସରପଞ୍ଚ ଗଣେଷ ବେହେରା, ଉପେନ୍ଦ୍ର ମେହେର, ଯୁଗଳକିଶୋର ସାହୁ, ଗୁରୁ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ । ବିଜୟ ସାହୁ ମଞ୍ଚ ପରିଚାଳନା । ଜଗନ୍ନାଥ ସାହୁ, ପିତାମ୍ବର ମେହେର, ନେପାଳ ମେହେର, ଡମ୍ବରୁ ମେହେର, ଜିତେନ୍ ମେହେର, ପ୍ରଫୁଲ ମେହେର, ସୁନୀଲ ମେହେର, ନରେନ୍ଦ୍ର ମେହେର, ବୃନ୍ଦାବନ ରାଉତ, ରବି ମେହେର, ସହଦେବ ମେହେର, ମନ୍ତ୍ରୀ ମେହେର, ଲକ୍ଷ୍ମଣ ମେହେର, ହାଡୁ ମେହେର, ଫକୀର ମେହେର, ଶୁକ୍ର ମେହେର, ଡିଲେ ସାହୁ, ସୁଦାମ ମେହେର, ହରି ମେହେର ପ୍ରମୁଖ ଅଭିନୟ କରିଥିଲେ ।

## ମାସିକ ସାହିତ୍ୟ ଆଲୋଚନା ଚକ୍ର

ବୌଦ୍ଧ, ୨୫ ।୧(ସମିସ): ବନ୍ଧାପଥରସ୍ଥିତ ବାବା ସିଦ୍ଧେଶ୍ୱର ମନ୍ଦିର ପରିସର କଲ୍ୟାଣ ମଣ୍ଡପରେ ବୌଦ୍ଧ ଜିଲ୍ଲା କଳଚରାଲ ଏକାଡେମୀର ମାସିକ ସାହିତ୍ୟ ଆଲୋଚନାଚକ୍ର ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ଧ୍ରୁବ ଚରଣ ଘିବେଲା ସଭାପତିତ୍ୱ କରିଥିଲେ । ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ସଂସ୍କୃତ ଅଧାପକ ପ୍ରତାପ ରଥ, ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ମଧୁସୂଦନ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ ।

କବି ରାଧା ମୋହନ ମହାଣା, ଟଙ୍କଧର ସାହୁ, ତପନ ନାୟକ, କାର୍ତ୍ତିକେଶ୍ୱର ନାୟକ, ନାଦୁଲେନ୍ଦୁ ମହାନ୍ତି, ଶୁକଦେବ ପ୍ରଧାନ, ରଶ୍ମିତା ବେହେରା, ବାଞ୍ଛାନିଧି ହୋତା, ଦିଲ୍ଲୀପ ପ୍ରଧାନ, ଅନିତା ପ୍ରଧାନ, ରାଜକୁମାର ପ୍ରଧାନ, ପ୍ରତାପ ରଥ, ଧ୍ରୁବ ଚରଣ ଘିବେଲା, ଉଦିତ ରାଉଳ, ରଞ୍ଜିତ ରାଉତ, କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ କବିତା ପାଠ କରିଥିଲେ । ସମ୍ପାଦକ ରାଧାମୋହନ ମାହାଣା ପ୍ରାରମ୍ଭିକ ସୂଚନା ଦେଇଥିଲେ । କାର୍ତ୍ତିକେଶ୍ୱର ନାୟକ ଧନ୍ୟବାଦ ଦେଇଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲ୍ଲୀପ ପ୍ରଧାନଙ୍କ ଦ୍ୱାରା କାର୍ଯକ୍ରମ ପରିଚାଳିତ ହୋଇଥିଲା ।

## ଅସୁରଗଡ଼ ମହୋତ୍ସବ ଉଦ୍‌ଘାଟିତ

ମନମୁଣ୍ଡା, ୨୫ ।୧(ସମିସ): ୩ୟ ଅସୁରଗଡ଼ ମହୋତ୍ସବ ଉଦ୍‌ଘାଟିତ ହୋଇଛି । ମହୋତ୍ସବ କମିଟି ସଭାପତି ଆଶିଷ ସାହୁ ଓ ସମ୍ପାଦକ ଶିବ ନାରାୟଣ ଚୌଲିଆଙ୍କ ନେତୃତ୍ୱରେ ଦେଉଳି ମାଁ କଙ୍କାଳୀ ପୀଠରୁ ସୁବର୍ଣ୍ଣପାଲି, ମନମୁଣ୍ଡା ଦେଇ ବାସୁଦେବପାଲି ମାଁ ମାଉଳି ପୀଠ ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା ଯାଇଥିଲା । ଦେଉଳିରେ ମନମୁଣ୍ଡାର ଇଷ୍ଟଦେବୀ ମାଁ କଙ୍କାଳୀଙ୍କରେ ଦେହେରିଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ମଶାଲ ପ୍ରଜ୍ୱଳନ ସହ ଆଜ୍ଞା ମାଳ ଅଣାଯାଇଥିଲା ।

ଭାରତୀୟ ବ୍ୟାଙ୍କ ସଂଘର ବରିଷ୍ଠ ପରାମର୍ଶଦାତା ବିକାଶ ନାରାୟଣ ମିଶ୍ର, କଣ୍ଟାମାଳ ବ୍ଲକ ଅଧକ୍ଷା ସସ୍ମିତା ସେନାପତି, ମନମୁଣ୍ଡା ସରପଞ୍ଚ ସୁଶ୍ରୀ ରଞ୍ଜୁ ବେହେରା, ଶୁଣ୍ଢିପଦର ସରପଞ୍ଚ ସୁଜାତା ଭୋଇ, ବିଜେଡି ନେତା ଜାନି ସେନାପତି, ସୁଧୀର ମହାକୁଡ, ବିଜେପି ନେତା ଅନିଲ ପ୍ରଧାନ, ପୁରୋହିତ ସୁନା, ରବି ସାହୁ, କଂଗ୍ରେସ ଶ୍ରମିକ ନେତା ସରୋଜ ପ୍ରଧାନ, ରାଧେଶ୍ୟାମ ସାହୁ, ସମ୍ବିତ ନନ୍ଦ, ବିପ୍ରଚରଣ ବେହେରା, ଶିକ୍ଷକ ବିଜୟ ତ୍ରିପାଠୀ, ରାଜକୁମାର ନାୟକ, ରଞ୍ଜନ ପଟ୍ଟନାୟକ, ସୁଦାମ ମଲ୍ଲିକ, ସୁଶିଲ ମେହେର, ଶିକ୍ଷକ ଭରତ ସେନାପତି ପ୍ରମୁଖ ମଶାଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ୨୦ଟି ସାଂସ୍କୃତିକ ଦଳ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିଲେ । ଶୋଭାଯାତ୍ରାରେ ମନମୁଣ୍ଡା ସହର ଦୁଲୁକି ଉଠିଥିଲା ।



### କେନଝିରିଆପାଲି ଜ୍ୟୋତି ସ୍ପୋର୍ଟିଂ କ୍ରିକେଟ କ୍ଲବ୍ ପକ୍ଷରୁ ୧୯ତମ କ୍ରିକେଟ କପ୍

## ସୁବଳୟା ଦଳକୁ ହରାଇ ଫାଇନାଲରେ ସାମସିଙ୍ଗା

ବୀରମହାରାଜପୁର, ୨୫ ।୧(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କେନଝରିଆପାଲି ହାଇସ୍କୁଲ ପଡ଼ିଆରେ ଜ୍ୟୋତି ସ୍ପୋର୍ଟିଂ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ୧୯ତମ କ୍ରିକେଟ କପ୍ ଚାଲିଛି । ରବିବାର ପଞ୍ଚମ ଦିବସରେ ପଟି ସେମି ଫାଇନାଲ ମ୍ୟାଚ ଖେଳା ଯାଇଥିଲା । ପ୍ରଥମ ମ୍ୟାଚ୍ ହିଙ୍ଗମା ଓ ପଣ୍ଡିଆପାଲି ମଧ୍ୟରେ ହୋଇଥିଲା । ପ୍ରଥମେ ହିଙ୍ଗାମା ଦଳ ବ୍ୟାଟିଙ୍ଗ କରି ୧୦ ଓଭରରେ ୭ ଉଇକେଟ ହରାଇ ୧୧୫ରନ୍ କରିଥିଲା । ଜବାବରେ ପଣ୍ଡିଆପାଲି ଦଳ ୧୦ଓଭର ୮ଉଇକେଟ ହରାଇ ୭୪ରନ୍ କରି ପରାସ୍ତ ହୋଇଥିଲା । ଦ୍ୱତୀୟ ମ୍ୟାଚ ସାମସିଙ୍ଗା ଓ ସୁବଳୟା ମଧ୍ୟରେ ହୋଇଥିଲା । ପ୍ରଥମେ ସାମସିଙ୍ଗା ଦଳ ବ୍ୟାଟିଂ କରି ୧୦ ଓଭରରେ ୪ଉଇକେଟ ହରାଇ ୧୨୦ରନ୍ କରିଥିଲ । ଜବାବରେ ସୁବଳୟା ଦଳ ୧୦ଓଭରରେ ୮ ଉଇକେଟ ହରାଇ ୯୯ରନ୍ କରି ପରାସ୍ତ ହୋଇଥିଲା । ପ୍ରଥମ ମ୍ୟାଚର ବିଜେତା ହିଙ୍ଗମା ଓ ଦ୍ୱତୀୟ ମ୍ୟାଚର ବିଜେତା ସାମସିଙ୍ଗା ମଧ୍ୟରେ ଆଜି ଗ୍ରାଣ୍ଡ ଫାଇନାଲ ମ୍ୟାଚ ହେବ । ଅଶ୍ୱିନୀ ସାହୁଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା । କେନଝିରିଆପାଲି ଗ୍ରାମର ନାଟ୍ୟ ନିର୍ଦ୍ଦେଶକ ଉମେଶ ଦେହୁରୀ ଓ ବିମ୍ବାଧର ଦେହୁରୀ ଅତିଥି ଭାବେ ଯୋଗ ଦେଇଥିଲେ । ବାସୁଦେବ ପଧାନ, ପ୍ରବୀଣ ଦେହୁରୀ, ବେଣୁଧର ପଧାନ, ସର୍ବେଶ୍ୱର ପଧାନ, ପିଣ୍ଟୁ ମେଣ୍ଡିଲି, ଆଶୁତୋଷ ପଧାନ, ମିଥୁନ କର୍ଣ୍ଣ, ଦୀନବନ୍ଧୁ ନାଏକ, ନୟନ କର୍ଣ୍ଣ, ସାବ୍ୟକାନ୍ତ ଦେହୁରୀ, ବନ୍ତି ମେଣ୍ଡିଲି, ପ୍ରଶାନ୍ତ ପଧାନ, ରାହୁଲ ମେଣ୍ଡିଲି, ସୁଶାନ୍ତ ମେଣ୍ଡିଲି, ନୃପତି ପଧାନ, ଅଭିଷେକ କର୍ଣ୍ଣ, ଗଙ୍ଗାଧର ରଣା, ବେଦବ୍ୟାସ କର୍ଣ୍ଣ, ଝସକେତନ ରଣା ଓ ବେଣୁଧର କର୍ଣ୍ଣ ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ ।



### ■ ଗାଈକୁ ଧକ୍କା ଦେଇ ପୋଲରେ ଫସିଲା ଟ୍ରେଲର

# ଭବାନୀପାଟଣା-ରାୟଗଡ଼ା ରାସ୍ତା ଜାମ୍



ଲାଞ୍ଜିଗଡ଼, ୨୫ ।୧(ସମିସ): ଢେପଗୁଡ଼ା ଠାରେ ପୁଣି ଟ୍ରେଲର ଦୁର୍ଘଟଣା ଗ୍ରସ୍ତ ହୋଇଛି। ଭବାନୀପାଟଣା ଠାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ନମ୍ବର ରାଜ୍ୟ ରାଜପଥର ଢେପଗୁଡ଼ା ଅଣ ଓସାରିଆ ପୋଲରେ ଭାରସାମ୍ୟ ହରାଇ ଏକ ଗାଈକୁ ଧକ୍କା ଦେଇ ଦୁର୍ଘଟଣା ଶିକାର ହୋଇଛି। ସୂଚନାଯୋଗ୍ୟ ଟ୍ରଲରଟି ବିଶାଖାପାଟଣା ପଟୁ ଭବାନୀପାଟଣା ପଟେ ଯାଉଥିବା ବେଳେ ହଠାତ ସାମ୍ନାରେ ଏକ ଗାଈ ପହଞ୍ଚିଥିଲା ଫଳରେ ଭାରସାମ୍ୟ ହରାଇ ଗାଈକୁ ଧକ୍କା ଦେଇ ରାସ୍ତା ମଝିରେ ଫସି ରହିଥିଲା। ଫଳରେ ଭବାନୀପାଟଣା- ରାୟଗଡ଼ା ସଂଯୋଗ କରୁଥିବା ୬ନମ୍ବ ରାଜ୍ୟ ରାଜପଥ ରାସ୍ତାର ଦୁଇ ପାର୍ଶ୍ୱରେ ଶହଶହ ଯାନବାହାନ ଜାମ ହୋଇ ରହିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ବିଶ୍ୱନାଥପୁର ପୁଲିସ ପହଞ୍ଚିବା ପରେ ଦିର୍ଘ ୭ ଘଣ୍ଟା ପରେ ଯାତାୟତ ସ୍ୱଭାବିକ ହୋଇଥିଲା। ଏହି ଅଣ ଓସାରିଆ ପୋଲ ଯୋଗୁଁ ଦିନ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ବେଳେ ଏଥିପ୍ରତି ପୂର୍ତ୍ତ ବିଭାଗ ଦୃଷ୍ଟି ଦେଇ ନୂତନ ପୋଲ ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଆରକ୍ଷୀ ଅଧୀକ୍ଷକଙ୍କ ସଡ଼କ ସୁରକ୍ଷା ସଚେତନତା

ନୂଆପଡ଼ା, ୨୫।୧ (ସମିସ): ନୂଆପଡ଼ା ଜିଲ୍ଲା ଖରିଆରରୋଡ଼ରେ ସଡ଼କ ସୁରକ୍ଷା ପ୍ରତି ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଯୋଙ୍କ ଥାନା ଦ୍ୱାରା ଏକ ଯାତାୟାତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ନୂଆପଡ଼ା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂ ନିଜେ ଉପସ୍ଥିତ ରହି ସାଧାରଣ ଯାନଚାଳକ ଓ ଯାତ୍ରୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଅବସରରେ ସେ ନାଗରିକଙ୍କୁ ଯାତାୟାତ ନିୟମକୁ ଅନୁସରଣ କରିବା, ଦୁଇଚକିଆ ଯାନଚାଳକଙ୍କୁ ହେଲମେଟ ଓ ଚାରିଚକିଆ ଯାନଚାଳକଙ୍କୁ ସିଟ୍‌ବେଲ୍ଟ ବ୍ୟବହାର କରିବା, ସେହିପରି ମଦ୍ୟପାନ କରି ଯାନଚାଳନାକୁ ସମ୍ପୂର୍ଣ୍ଣ ଭାବେ ବର୍ଜନ କରିବା ପାଇଁ ଆହ୍ୱାନ ଜଣାଇଥିଲେ।ଜନସାଧାରଣଙ୍କ ମଧ୍ୟରେ ସକାରାରକ ସନ୍ଦେଶ ପ୍ରସାର କରିବା ନିମିତ୍ତ, କାର୍ଯ୍ୟକ୍ରମ ସମୟରେ ଯାନଚାଳକଙ୍କୁ ଫୁଲ, ଚକୋଲେଟ୍ ଏବଂ ହେଲମେଟ୍ ବଣ୍ଟନ କରାଯାଇ ସୁରକ୍ଷିତ ଯାନଚାଳନ ପ୍ରତି ପ୍ରୋତ୍ସାହିତ କରାଯାଇଥିଲା।ଏହାଦ୍ୱାରା କାର୍ଯ୍ୟକ୍ରମ ଅଧିକ ପ୍ରଭାବଶାଳୀ, ସାମାବେଶୀ ଓ ଲୋକାଭିମୁଖୀ ହୋଇଥିଲା। ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସଡ଼କ ସୁରକ୍ଷା ଅଭିଯାନରେ ନିଜସ୍ୱ ଯୋଗଦାନକୁ ଜନସାଧାରଣରେ ପ୍ରଶଂସା କରାଯାଇଛି।

### ଆଦିବାସୀଙ୍କ ନିଆରା ଉତ୍ସବ

# ତେନ୍ତୁଲିଖୁଣ୍ଟି ଗ୍ରାମରେ ପୋଢ଼ପୂଜା

କଲମପୁର, ୨୫ ।୧(ସମିସ): ଆଦିବାସୀ ପ୍ରକୃତିର ପୂଜକ, ଧରଣୀ ଦେବୀଙ୍କୁ ସେମାନେ ମାଁ ଭାବେ ପୂଜା କରି ଆସୁଥିବା ବେଳେ ଧର୍ମ ଦେବତା ତଥା ସୂର୍ଯ୍ୟ ଦେବତାଙ୍କୁ ପିତା ଭାବେ



କାହି କେଉଁ ଆବାହନ କାଳରୁ ଉପାସନା କରି ଆସୁଛନ୍ତି। ଧରତୀ ଦେବୀ ସନ୍ତୁଷ୍ଟ ହେଲେ ସେମାନଙ୍କୁ ଭଲ ଫଳ ମିଳୁଥିବାର ବିଶ୍ୱାସ ରହିଛି।ତେଣୁ ଧରତୀ ଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ପୂର୍ବରୁ ଟୋକି ବା କୁଆଁରି ଝିଅକୁ ବଳି ଦେଇ ଟୋକି ପର୍ବ ପାଳନ କରୁଥିଲେ। କିନ୍ତୁ କିଛି ଅଞ୍ଚଳ ଅନୁସାରେ ଏହି ଟୋକି ପର୍ବ ପାଳନ ପରମ୍ପରା ଭିନ୍ନ ଭିନ୍ନ ପ୍ରକାରେ ପାଳିତ ହୋଇ ଆସୁଛି। କେତେକ ଆଦିବାସୀ ବସତି ଅଞ୍ଚଳରେ ପୌଷ ମାସରେ ଟୋକି ପର୍ବ ପାଳନ ହୋଇ ଆସୁଥିବା ବେଳେ କେତେକ ଅଞ୍ଚଳରେ ପାଳନ କରାଯାଏ ନାହିଁ। କିନ୍ତୁ ଯେଉଁ ସବୁ ଆଦିବାସୀବସତି ଅଞ୍ଚଳରେ ପାଳନ କରାଯାଏ ନାହିଁ ସେଠାରେ ପୋଢ ପୂଜା କରାଯାଇ ଥାଏ।ରବିବାର ଦିନ କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ତେନ୍ତୁଲିଖୁଣ୍ଟି ଗ୍ରାମରେ ପୋଢପୂଜା ଉତ୍ସବ ପାଳନ କରାଯାଇ ଥିଲା। ଦୀର୍ଘ ଦିନର ଉଦଯୋଗ ପରେ ଆଜି ଗୁଡିରୁ ପାରମ୍ପରିକ ବାଦ୍ୟର ତାଳେ ତାଳେ ଗ୍ରାମବାସୀଙ୍କ ଗହଣରେ ପୋଢକୁ ବଳି ସ୍ଥାନକୁ ଅଣାଯାଇ ଥିଲା।ଜାନୀ ଘାସିରାମ ମାଝୀ, ପୂଜାରୀ ଖଗେଶ୍ୱର ଦଳପତି, ଗୁରୁମେ ଲକ୍ଷ୍ମୀଧର ମାଝୀଙ୍କ ତତ୍ତ୍ୱାବଧାନରେ ପର୍ବ ପାଳିତ ହୋଇଥିଲା। ଏଥିପାଇଁ ବର୍ଷ ତମାମ ତେନ୍ତୁଲିଖୁଣ୍ଟି ଗ୍ରାମରେ ଉତ୍ସବ ଲାଗି ରହିଥିଲା। ଦୀର୍ଘ ୧୨ ବର୍ଷ ପରେ ପୋଢ ପୂଜା ପର୍ବଅନୁଷ୍ଠିତ ହୋଇଛି।

# ନିଲଜୀ ଧାନମଣ୍ଡିରେ ଶ୍ରମିକଙ୍କୁ ଆକ୍ରମଣ

### ଅଖା ବସ୍ତାରେ ଧାନ ଭରିବାକୁ ନେଇ ଗଣ୍ଡଗୋଳ

ସିନାପାଲି, ୨୫ ।୧(ସମିସ)

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ନିଲଜୀ ଧାନ ମଣ୍ଡିରେ କାର୍ଯ୍ୟରତ ଶ୍ରମିକଙ୍କୁ ଆକ୍ରମଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ସିନାପାଲି ବ୍ଲକ ଅନ୍ତର୍ଗତ ସମସ୍ତ ଧାନ ମଣ୍ଡିରେ କାର୍ଯ୍ୟରତ ଶ୍ରମିକ ଏକଜୁଟ ହୋଇ ସମ୍ପୃକ୍ତ ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସିନାପାଲି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଶନିବାର ଅପରାହ୍ନ ସମୟରେ ନିଲଜୀ ଧାନ ମଣ୍ଡିରେ ପ୍ରାୟ ୩୬ ଜଣ ଶ୍ରମିକ କାର୍ଯ୍ୟ କରୁଥିଲେ।ଏହି ସମୟରେ ସ୍ଥାନୀୟ ଚାଷୀ ଅଶୋକ ପ୍ରଧାନ ନିଜ ଧାନ ଟ୍ରକ୍‌ରେ ବୋଝେଇ କରିବା ପାଇଁ କହିଥିଲେ। କିନ୍ତୁ ଉକ୍ତ ଧାନ ସବୁ ପ୍ଲାଷ୍ଟିକ ବ୍ୟାଗରେ ଥିବା ହେତୁ ଅଖା ବ୍ୟାଗରେ ଭର୍ତ୍ତି କରିବା ପାଇଁ କହିଥିଲେ। ଏଥିରେ ଉଭୟ ଚାଷୀ ଅଶୋକ ପ୍ରଧାନ ଓ ଶ୍ରମିକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଅଶୋକ ପ୍ରଧାନ ଉତକ୍ଷିପ୍ତ ହୋଇ ଶ୍ରମିକଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଶ୍ରମିକ କପିଲ ସାଙ୍କୁ ମାରିବା ପାଇଁ ଚେଷ୍ଟା କରିଥିଲେ। ଅନ୍ୟ ଶ୍ରମିକମାନେ ବୁଝାଇ ଶାନ୍ତ କରିଥିଲେ। ଉକ୍ତ ଘଟଣାକୁ ଶ୍ରମିକମାନେ ନିନ୍ଦା କରିବା ସହ ମଣ୍ଡିରେ କାର୍ଯ୍ୟକୁ ସ୍ଥଗିତ ରଖିଥିଲେ। ପରେ ସିନାପାଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ମଣ୍ଡିରେ କାର୍ଯ୍ୟରତ



ସମସ୍ତ ଶ୍ରମିକ ଏକଜୁଟ ହୋଇ ଏହାର ସମାଧାନ ନହେବା ପର୍ଯ୍ୟନ୍ତ ମଣ୍ଡି କାର୍ଯ୍ୟ କରିବୁ ନାହିଁ ବୋଲି ଆଡି ବସିଥିଲେ। ପରେ ସମସ୍ତେ ମିଶି ସିନାପାଲି ଥାନାର ଦ୍ୱାରସ୍ଥ ହୋଇଥିଲେ। ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ସବିଶେଷ ତଥ୍ୟ ମିଳିପାରି ନାହି।ସିନାପାଲି ଥାନା ଏସ୍‌ଆଇ ଜ୍ୟୋସ୍ନାରାଣୀ ଖୁଣ୍ଟିଆଙ୍କୁ ପଚାରିବାରୁ ଅଭିଯୋଗ କରିଛନ୍ତି, ହେଲେ ଏପର୍ଯ୍ୟନ୍ତ କେଶ୍ ରୁଜୁ ହୋଇ ନାହିଁ ବୋଲି ପ୍ରକାଶ କରିଥିବା ବେଳେ ସ୍ଥାନୀୟ ଯୋଗାଣ ଅଧିକାରୀ ଦେବେନ୍ଦ୍ର ସେଠିଆ ସହ ପ୍ରଶାସନିକ ଅଧିକାରୀ ପହଞ୍ଚି ଘଟଣାର ତଦନ୍ତ କରିବା ସହ ବୁଝାମଣା କରିଥିବା ଜଣାପଡ଼ିଛି।

# ସିଆରସିସି ଓ ପ୍ରେସ୍ କ୍ଲବ୍ ସଭାପତିଙ୍କୁ ସମ୍ବର୍ଦ୍ଧନା

ସିନାପାଲି, ୨୫ ।୧(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଭଟାପାଣି କ୍ଲଷ୍ଟର ଶିକ୍ଷକଙ୍କ ବଣଭୋଜି କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି।ନଙ୍ଗଲଘାଟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ଶିକ୍ଷକ ଯୋଗଦାନ କରିଥିଲେ। ଏହି ଅବସରରେ ସିନାପାଲି ପ୍ରେସ୍‌କ୍ଲବ ସଭାପତି ଅଜିତ ଯୋଷୀ ଓ ସିଆରସିସି ତରୁଣ କୁମାର ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଞ୍ଚଳରେ ଶିକ୍ଷାର ବିକାଶ ସହ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ବିଭିନ୍ନ ସୁବିଧା ଅସବିଧା ସମ୍ପର୍କରେ ଗଠନମୂଳକ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ କଳିଙ୍ଗ ହାଇସ୍କୁଲର ପ୍ରଧାନଶିକ୍ଷକ ନିରାକାର ସାହୁ, ପୋର୍ଟିପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମାହାକ୍ଷା ଗିରି, କୁଳଚନ୍ଦ୍ର ମାଝୀ, ବୌମକେଶ ସାହୁ, ପଞ୍ଚୁରାମ ମାଝୀ, ସରୋଜ ପାତ୍ରୀ, ହରେକୃଷ୍ଣ ମେହେର, ନେତ୍ରାନନ୍ଦ ନାଏକ, ମଙ୍ଗଳସିଂହ ମାଝୀ, ମୋହନ ବାଗ, କ୍ଷିରସିନ୍ଧୁ ପୋଢ଼ ପ୍ରମୁଖ ସହଯୋଗ କରିଥିଲେ।

# ଅଗ୍ନି ନିରାପତ୍ତା କର୍ମଶାଳା

ଭବାନୀପାଟଣା, ୨୫ ।୧(ସମିସ): ସ୍ଥାନୀୟ ଶାସ୍ତ୍ରିଜୀ ଶିକ୍ଷା ନିକେତନ ପରିସରରେ କଳାହାଣ୍ଡି ଘରୋଇ ବିଦ୍ୟାଳୟ ସଂଘ ତରଫରୁ ଅଗ୍ନି ନିରାପତ୍ତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍କୁଲରେ ନିଆଁ ଦ୍ୱାରା ହେଉଥିବା ବିପଦକୁ ରୋକିବା ଏବଂ ସତର୍କତା ଅବଲମ୍ବନ କରିବା, ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର, ଯାଞ୍ଚ ଏବଂ ରକ୍ଷଣାବେକ୍ଷଣ ସହ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଓ ଅଗ୍ନି ସୁରକ୍ଷା ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସୂଚନା ଅତିରିକ୍ତ ଜିଲ୍ଲା ଅଗ୍ନିଶମ ଅଧିକାରୀ ଅଜିତ କୁମାର ଗୌଡ଼ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଉପସ୍ଥିତ ସମସ୍ତ ସ୍କୁଲ କର୍ମକର୍ତ୍ତାଙ୍କୁ ଶିକ୍ଷା ଦେଇଥିଲେ। ଜିଲ୍ଲାର ୧୩ଟି ବ୍ଲକର ଶତାଧିକ ସ୍କୁଲ ଅଧ୍ୟକ୍ଷ, ନିର୍ଦ୍ଦେଶକ, ପରିଚାଳନା କମିଟି ମୁଖ୍ୟ ଓ ସମ୍ପାଦକ ଉପସ୍ଥିତ ଥିଲେ। ସଂଘର ସମ୍ପାଦକ ୟୁସୁଫ ଆବାସ ପରିଚାଳନା କରିଥିବା ବେଳେ କର୍ମଶାଳା କୁ କଳାହାଣ୍ଡି ଘରୋଇ ବିଦ୍ୟାଳୟ ସଂଘର ଚେୟାରମ୍ୟାନ ଡ଼.ଶିବରାମ ନାୟକ ସଭାପତିତ୍ୱ କରିଥିଲେ। ସଂଘର ବରିଷ୍ଠ ସଦଶ୍ୟ ମଧୁସୂଦନ ପ୍ରଧାନ, ସତ୍ୟଜିତ କର, କଲ୍ପେ ପୁରୋହିତ ସହଯୋଗ କରିଥିଲେ ଏବଂ ଦୁଷ୍ମନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ। ବନ୍ଦେ ମାତରମ୍ ଗାନ ସହ ସଭା ସାଙ୍ଗ କରାଯାଇଥିଲା।

### ବକଟପୁର ମାଁ ହିରାନୀଳାଙ୍କ ଝାମୁଯାତ୍ରା ମହୋତ୍ସବ

# ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ

ଲାଞ୍ଜିଗଡ଼, ୨୫ ।୧(ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତସ୍ଥିତ ବକଟପୁରରେ ଆରମ୍ଭ ହୋଇଛି ମାଁ ହିରାନୀଳାଙ୍କ ଝାମୁଯାତ୍ରା ମହୋତ୍ସବ। ଏହି ଅବସରରେ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବଳଭଦ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ପୋଖରୀବନ୍ଧ ସରପଞ୍ଚ ସସ୍ମିତା ମାଝୀ, ମୁଖ୍ୟବକ୍ତା ଲାଞ୍ଜିଗଡ଼ କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପ୍ରଧାନୀ, ସମ୍ମାନିତ ଅତିଥି ଭାବେ ପିଇଡବ୍ଲୁ ମିଡ଼ିଆ ଆସୋସିଏସନ କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ତୁଳ, କମିଟି ଉପସଭାପତି କର୍ଣ୍ଣ ମାଝୀ, କମିଟି ପରାମର୍ଶଦାତା କୁଳମଣି ବାଣୁଆ, ବାସମାଝୀ ପ୍ରମୁଖ ଯୋଗ ଦେଇଥିଲେ। ମାଁ ହିରାନୀଳା ଝାମୁଯାତ୍ରା ମହୋତ୍ସବ କମିଟି ସଭାପତି ରମେଶ ଚନ୍ଦ୍ର ସାହୁ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତା ବିଭିନ୍ନ ଜିଲ୍ଲାରୁ ୨୩ ଜଣ ପ୍ରତିଯୋଗି ଅଂଶ ଗ୍ରହଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୋପାଳ ଦାସ ମହାନନ୍ଦ ପରିଚାଳନା କରିଥିବା ବେଳେ କମିଟି କୋଷାଧ୍ୟକ୍ଷ ସୁଧାଂଶୁ ଶେଖର ବାରିକ ଧନ୍ୟବାଦ ଦେଇଥିଲେ। ସାଧାରଣ ସମ୍ପାଦକ ବିକ୍ରମାଦିତ୍ୟ ବାରିକ, ମୁଖ୍ୟ ପୂଜକ ଶ୍ରୀନିବାସ ନାଏକ, ବାହୁକ ଶରଦ ଗଣ୍ଡା, ସହ କୋଷାଧ୍ୟକ୍ଷ ମୁକେଶ ସାହୁ, କମିଟି ସଦସ୍ୟ ଦେବାନନ୍ଦ ସାହୁ, ଫକିର ଗଣ୍ଡା, ରିଙ୍କୁ ବାରିକ, କ୍ରିଷ୍ଣା ବାରିକ, ବାସ ମାଝୀ ଶଙ୍କର ପ୍ରଧାନୀ ଉଗ୍ରସେନ ବାଗ, ଏକଲବ୍ୟ ବେହେରା, କେଶବ ଗଣ୍ଡା ସମେତ ସମସ୍ତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ୨୭ତାରିଖ ନାଟକ ଓ ୨୮ ତାରିଖ ଦିନ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ଶ୍ରୀ ସାହୁ ସୂଚନା ଦେଇଛନ୍ତି।

# ସର୍ବଭାରତୀୟ କବୀର ଧର୍ମ ସଭାରେ ନୂଆପଡ଼ାର ପ୍ରତିନିଧି

ନୂଆପଡ଼ା, ୨୫ ।୧(ସମିସ): ସର୍ବଭାରତୀୟ ସଦଗୁରୁ କବୀର ଧର୍ମ ଦାସ ବଂଶାବଳୀ ମିଶନ କେନ୍ଦ୍ରୀୟ ଓ ରାଜ୍ୟସ୍ତରୀୟ ଏବଂ ନେପାଳ, ଭୂଟାନର ପ୍ରତିନିଧିମାନଙ୍କୁ ନେଇ ଛତିଶଗଡ଼ର ଧର୍ମନଗର ଦମାଖେଡ଼ାରେ ଗତ ଶନିବାର ଦିନ ଧର୍ମ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆପଡ଼ାର ଏକ ପ୍ରତିନିଧି ମଣ୍ଡଳୀ ଯୋଗ ଦେଇଥିଲେ। ପାଞ୍ଚ ଘଣ୍ଟା ଧରି କବୀର ସାହେବଙ୍କ ପ୍ରଚାର ପ୍ରସାର ବିଷୟରେ ଉଦିତ ମୁନି ସାହେବଙ୍କ ନେତୃତ୍ୱର ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରୁ ମହନ୍ତ ଜଗଦିଶ ଦାସ(ପୁରୀ), ପ୍ରେମଦାସ ମାନିକପୁରୀ-ନବରଙ୍ଗପୁର, ଲାଲବାହାଦୁର ଦାସ ମାନିକପୁରୀ ଓଖେମ ଦାସ ମାନିକପୁରୀ-ନୂଆପଡ଼ା, ବିଶ୍ୱାନନ୍ଦ କେରକେଟା ମୟୂରଭଞ୍ଜ, ରବି ଭଗତ ସୁନ୍ଦରଗଡ଼, ରାଜକୁମାର ଦାସ ଓ ମହିଳା ପ୍ରତିନିଧି ବବିତା ଦିଦି ପୁରୀରୁ ଯୋଗଦାନ କରିଥିଲେ।




# ‘ସମସ୍ତଙ୍କ ପାଇଁ ଶିକ୍ଷା’କୁ ନେଇ ମିନି ମାରାଥନ




ଭବାନୀପାଟଣା, ୨୫।୧ (ସମିସ): କିଟ୍ କିସ୍ ଆନୁକୂଲ୍ୟରେ ଭବାନୀପାଟଣା ସହର ମା’ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଠାରୁ ଅମଲା ଭବନ ପର୍ଯ୍ୟନ୍ତ ମିନି ମାରାଥନ ଆୟୋଜନ କରଯାଇଥିଲା। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାର ରୁପସିଂ ରାଉତ ସବୁଜ ପତାକା ଦେଖେଇ ଶୁଭାରମ୍ଭ କରିଥିଲେ। ମାଣିକେଶ୍ୱରୀ ଛକ, ଷ୍ଟେଟୁ ଛକ, ଘୋଡା ଘାଟ ଛକ ଦେଇ ଅମଲା ଭବନ ଠାରେ ପହଁଞ୍ଚିବା ପରେ ବୈଠକ ଆୟୋଜନ କରାଯାଇଥିଲା। ବୈଠକର ମୁଖ୍ୟ ଅତିଥି ବାଲ ଗୋପାଳ ସେବାନିକେତନର ପ୍ରତିଷ୍ଠାତା ହେମନ୍ତ କୁମାର ମୁଣ୍ଡ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ.ପବିତ୍ର କୁମାର ବାଗ ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ପ୍ରଥମେ କଳାହାଣ୍ଡି ଇଷ୍ଟଦେବୀ ମା’ମାଣିକେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ଉପସ୍ଥିତ ଅତିଥିଙ୍କୁ ସମ୍ବର୍ଦ୍ଧନା ଜଣାଯାଇଥିଲେ।ଶିକ୍ଷାରୁ ବଞ୍ଚିତ ଲୋକଙ୍କୁ ଶିକ୍ଷିତ କରି ପାରିଲେ ହିଁ ପ୍ରକୃତ ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶା ସ୍ୱପ୍ନ ସାକାର ହୋଇ ପାରିବ ବୋଲି ମତ ପ୍ରକାଶ କରିଥିଲେ। ପରେ ଉପସ୍ଥିତ ପ୍ରତିଯୋଗୀଙ୍କୁ ପ୍ରମାଣପାତ୍ର ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଶେଷରେ କିସ୍ କଳାହାଣ୍ଡିର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ପଧାନ ଅର୍ପଣ କରି କରିଥିଲେ।

# ଫେବୃଆରୀ ୧୦ରୁ ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ

ଭବାନୀପାଟଣା, ୨୫ ।୧ (ସମିସ) କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଛାତ୍ର କ୍ରିଡାବାସ ପଡ଼ିଆରେ ଆସନ୍ତା ଫେବୃଆରି ୧୦ ତାରିଖ ଠାରୁ ଦ୍ୱିତୀୟ ମୁଖ୍ୟମନ୍ତ୍ରୀ କପ ଫୁଟବଲ ଆରମ୍ଭ ହେବ। ଟିମ୍ ଗଠନ କରିବା ପାଇଁ ଆସନ୍ତା ଜାନୁଆରି ୨୮ ତାରିଖରେ ବାଳକ ଏବଂ ୨୯ ତାରିଖରେ ବାଳିକା ଚୟନ ପ୍ରକିୟା ଭବାନୀପାଟଣା ସ୍ଥିତ ଛାତ୍ର କ୍ରିଡାବାସ ପଡ଼ିଆ ଠାରେ ପୂର୍ବାହ୍ନ ୯ ଟାରେ ଆରମ୍ଭ ହେବ। ଚୟନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା ପାଇଁ ବୟସ ପ୍ରମାଣପତ୍ର, ଅସଲି ଜନ୍ମ ପ୍ରମାଣପତ୍ର ଏବଂ ଆଧାର କାର୍ଡ ଆବଶ୍ୟକ ହୋଇଥିବା ବେଳେ ୦୧.୦୧.୨୦୧୨ ରୁ ୩୧.୧୨.୨୦୧୪ ମଧ୍ୟରେ ସେମାନେ ଜନ୍ମ ହୋଇଥିବା ଆବଶ୍ୟକ ବୋଲି କୁହାଯାଇଛି। ପ୍ରକାଶ ଯେ, କଳାହାଣ୍ଡି ଜିଲାର ୨୮୪୭ ଜଣ ବାଳକ ଓ ବାଳିକା ଖେଳାଳି ଚୟନ ପାଇଁ ଫୁଟବଲ ଆସୋସିଏସନ ଓଡ଼ିଶା ପଞ୍ଜିକରଣ କରିଛନ୍ତି। ଓଡ଼ିଶା ସରକାର, ଫୁଟବଲ ଆସୋସିଏସନ ଓଡ଼ିଶା, କଳାହାଣ୍ଡି ଜିଲା ପ୍ରଶାସନ ଏବଂ ଜିଲା କ୍ରିଡା ସଂସ୍ଥା ଅନୁକୂଲ୍ୟରେ ଅନୁଷ୍ଠିତ ହେବ। ଏ ନେଇ କଳାହାଣ୍ଡି ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣସମ୍ପାଦକ ଜଗମୋହନ ପଟ୍ଟନାୟକ ସୂଚନା ଦେଇଛନ୍ତି।






## କଳାହାଣ୍ଡିରୁ ହାତୀର ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର ଘଟଣା

# ଘଟଣାରେ ସମ୍ପୃକ୍ତ ଜଣେ ବି ତ୍ରାହି ପାଇବେନି

**ଭବାନୀପାଟଣା, ୨୫ ।୧(ସମିସ)**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡର ବେଲଘର ରେଞ୍ଜ ଝିରିପାଣି ପଞ୍ଚାୟତର ସିମିଲିପଦର ନିକଟସ୍ଥ ମୁଣ୍ଡୁଟି ଜଙ୍ଗଲରେ ଗତ ୫ତାରିଖରେ ଏକ ହାତୀର ମୃତ୍ୟୁ ହୋଇଥିଲା। ଦୀର୍ଘ ଦିନର ବ୍ୟବଧାନ ପରେ ଖବର ପ୍ରକାଶ ପାଇବା ପରେ ଘଟଣା ସ୍ଥଳକୁ ବାଲିଗୁଡା ଡିଏଫ୍‌ଓ ଘନ ଶ୍ୟାମ ମହାନ୍ତ ଗସ୍ତକରି

**ଡେପୁଟି ରେଞ୍ଜର ଫସିଛନ୍ତି**

**ଫସିପାରନ୍ତି ଏସ୍‌ସିଏଫ୍, ୮ ସ୍କ୍ୱାଡ୍ ସଦସ୍ୟ**





ଜାଣିପାରିଥିଲେ ଯେ ହାତୀ ମରିଛି। ଆଜି କଳାହାଣ୍ଡି ଗସ୍ତରେ ଥିବା ଜଙ୍ଗଲ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କୁ ହାତୀ ମୃତ୍ୟୁ ସମ୍ପର୍କରେ ପଚାରିବାରୁ କହିଥିଲେ ହାତୀର ମୃତ୍ୟୁ ଘଟିଛି। ଯେଉଁମାନେ ଏହି ମାମଲାରେ ସମ୍ପୃକ୍ତ କେହି ରକ୍ଷା ପାଇବେନି। ତେବେ ଆରମ୍ଭରୁ ଏସସିଏଫ୍ ସୂର୍ଯ୍ୟକାନ୍ତ ବେହେରା ହାତୀ ମରିବା ଗୁଜବ ସମ୍ପୂର୍ଣ୍ଣ ଭିତ୍ତିହୀନବୋଲି କହି ଏକ ପ୍ରକାର ଦାୟିତ୍ୱହୀନ ମନ୍ତବ୍ୟ ଦେଇ ହାତୀ ମାମଲାରେ ପୂର୍ଣ୍ଣଛେଦ ଟାଣିଦେଇଥିଲେ। ଗଣମାଧ୍ୟମରେ ଖବର ପ୍ରକାଶ ବନ ବିଭାଗର ନିଦ ହଜାଇ ଦେଇଥିଲା। ପରବର୍ତ୍ତୀ ସମୟରେ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ଚାପ ପଡ଼ିବା ଦ୍ୱାରା ଡିଏଫଓ ଶ୍ରୀ ମହାନ୍ତ ହାତୀ ମୃତ ଘଟଣାର ତଦନ୍ତଭାର ପ୍ରାଣୀ ବିଭାଗ ଏସସିଏଫ୍ ମନୋରଞ୍ଜନ ବାଗଙ୍କୁ ଦିଆଯାଇଛି। ଧୀରେ ଧୀରେ ସମସ୍ତ ଘଟଣା ବାହାରକୁ ଆସିଥିଲା। ସଙ୍ଗେ ସଙ୍ଗେ ଡେପୁଟି ରେଞ୍ଜରଙ୍କ ନିଲମ୍ବନ ଆଦେଶ ଏବଂ ପରେ ପିକ୍କପ ଭ୍ୟାନ ଡ୍ରାଇଭରକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ବେଲଘର ଅଞ୍ଚଳର ଏକ ନର୍ସରୀରେ ହାତୀକୁ ୩୨ଖଣ୍ଡ କରି କାଟି ଦିଆଗଲା। କନ୍ଧମାଳ ବେଲଘରସ୍ଥିତ ନର୍ସରୀ ପାଖରେ ମୃତ ହାତୀ ଶରୀରର କିଛି ଅଂଶ ତରବରିଆଭାବେ ପୋତା ଯାଇଥିବାବେଳେ ଆଉ କିଛି ଅଂଶ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକର ତହଁସିର ଗ୍ରାମକୁ ଗାଡ଼ିରେ ଆଣି ପୋତାଯାଇଥିଲା। ଏହି ବିଭତ୍ସ କାଣ୍ଡରେ ଜେସିବି ଗାଡି ଗୋଟିଏ ବିଭାଗୀୟ ଗାଡି ଏବଂ ପିକ୍‌ଅପଭ୍ୟାନ ବ୍ୟବହୃତ ହୋଉଥିଲା। ତତସହିତ ଡେପୁଟି ରେଞ୍ଜରଙ୍କ କଥାରେ ୮ଜଣ ସ୍କ୍ୱାର୍ଡ ସଦସ୍ୟ ସାମିଲ ହୋଇଥିବା ପ୍ରକାଶ। ୮ଜଣ ସ୍କ୍ୱାର୍ଡ କର୍ମଚାରୀଙ୍କୁ ବିଭାଗ ପକ୍ଷରୁ ୧୩୫/୩ ନୋଟିସ ଜାରୀ କରାଯାଇଛି। ହାତୀ ମୃତ୍ୟୁ ଘଟଣାରେ ବନ ବିଭାଗର ଅଧିକାରୀ କର୍ମଚାରୀମାନେ ହିଁ ସାମିଲ ଅଛନ୍ତି। ଏଣୁ ତଦନ୍ତରେ ରୂପ ବଦଳୁଛି। ଆଜି ବାଲିଗୁଡା ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆରସିସିଏଫ ବିଦ୍ୟୁତ୍ ସ୍ପର୍ଶଜନିତ କାରଣରୁ ହାତୀର ମୃତ୍ୟୁ ହୋଇଥିବା ସ୍ପଷ୍ଟ କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ବଲ ବିଦ୍ୟୁତ୍ ବିଭାଗ କୋର୍ଟକୁ ଫିଙ୍ଗି ଟିକେ ଶାନ୍ତି ପାଇବେ ବୋଲି ଭାବି ଏଭଳି ଏକ କାରଣ ଦର୍ଶାଇଛନ୍ତି। ଯାହା ଜଣାପଡୁଛି ଏହି କାରଣ ପରବର୍ତ୍ତୀକାଳରେ ବନ ବିଭାଗ ଆଡକୁ ବୁମେରାଙ୍ଗ ହେବବୋଲି ଅନେକ ମତ ଦେଇଛନ୍ତି। ବନ୍ୟାପ୍ରାଣୀ ଏଏସିଏଫ୍‌ଓ କାହା ଇଙ୍ଗିତରେ କିପରି ତଦନ୍ତ କରୁଛନ୍ତି ତାହା ଆଗକୁ ଜଣାପଡ଼ିବ। ଡେପୁଟି ରେଞ୍ଜର ନିଲମ୍ବିତ ହେବାପରେ ଫେରାର ଥିବା କୁହାଯାଉଛି। ଗୋଟିଏ ପ୍ରଶ୍ନ ଯେଉଁ ଏସସିଏଫ ପ୍ରଥମରୁ ହାତୀ ମୃତ୍ୟୁ ଖବର ମିଛ ବୋଲି କହିଥିଲେ ବିଭାଗ ତାଙ୍କୁ କେଉଁ ଦୃଷ୍ଟିରେ ଏବେ ଦେଖୁଛି ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଫସିଛନ୍ତି ଡେପୁଟି ରେଞ୍ଜର ଫସିବେକି ଏସସିଏଫ ଓ ୮ଜଣ ସ୍କ୍ୱାର୍ଡ ସଦସ୍ୟ। କାରଣ ଆଜି ଭବାନୀପାଟଣାରେ ବିଭାଗୀୟ ମନ୍ତ୍ରୀ କହିଛନ୍ତି କାହାକୁ ଛଡା ଯିବନି। ଯିଏ ହାତୀ ମୃତ୍ୟୁ ମାମଲାରେ ଜଡିତ ସିଏ ଦଣ୍ଡ ପାଇବା ନିଶ୍ଚିତ।

## ହାତୀ ଶବକୁ ୩୨ ଖଣ୍ଡ କରି ପୋତିଥିଲେ ଡେପୁଟି ରେଞ୍ଜର୍

**ବାଲିଗୁଡ଼ା, ୨୫।୧ (ସମିସ):** ହାତୀର ଶବକୁ ୩୨ଖଣ୍ଡ କରି ପ୍ରଥମେ ନର୍ସରିରେ ପୋତିଥିଲେ। ପରେ ପୁଣି ଧରା ପଡ଼ିଯିବା ଆଶଙ୍କାରେ ସେଠାରୁ ଖଣ୍ଡବିଖଣ୍ଡିତ ଶବକୁ ନେଇ ନିଜ ଗାଁରେ ପୋତି ଦେଇଥିଲେ। କଳହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଅଞ୍ଚଳରୁ ଖଣ୍ଡବିଖଣ୍ଡିତ ହାତୀ ଶବ ଜବତ ଘଟଣାରେ ଏପରି ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ବିଦ୍ୟୁତ୍ ଆଘାତଜନିତ ହାତୀ ମୃତ୍ୟୁ ଘଟଣାକୁ ଚପାଇବା ତଥା ବିଭାଗୀୟ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ଫେରାର୍ ଡେପୁଟି ରେଞ୍ଜର ବିନୟ କୁମାର ବିଶି ଏପରି କାରନାମା କରିଥିଲେ। ବ୍ରହ୍ମପୁର ସର୍କଲ ଆରସିସିଏଫ୍ ବିଶ୍ୱନାଥନ ନୀଳାମ୍ବର ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଗତ ୧୯ ତାରିଖରେ ଡେପୁଟି ରେଞ୍ଜର ଶ୍ରୀ ବିଶି ନିଲମ୍ବିତ ହେବା ପରଠାରୁ ଫେରାର୍ ଅଛନ୍ତି। ତାଙ୍କ ନାମରେ ବନ୍ୟପ୍ରାଣୀ ଅପରାଧ ଆଇନ ଅନୁଯାୟୀ ମାମଲା ମଧ୍ୟ ରୁଜୁ ହୋଇଛି। ଘଟଣାରେ ବ୍ୟବହୃତ ଗୋଟିଏ ଜେସିବି, ସରକାରୀ ବୋଲେରୋ ସମେତ ପିକ୍‌ଅପ ଭ୍ୟାନ ଜବତ କରିଛି ବନ ବିଭାଗ। ଅପରପକ୍ଷେ, ଡେପୁଟି ରେଞ୍ଜରଙ୍କ ଡ୍ରାଇଭର୍ ହୃଷୀକେଶ ପଣ୍ଡାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଘଟଣାରେ ସମ୍ପୃକ୍ତ ଜେସବି ମାଲିକ, ୨୦୭ ପିକଅପ ଭ୍ୟାନ ଡ୍ରାଇଭର୍ ଓ ଛଅଜଣ ସ୍କ୍ୱାଡ୍ କର୍ମଚାରୀଙ୍କ ସମେତ ମୋଟ ୮ଜଣକୁ ନୋଟିସରେ ରଖାଯାଇଛି। ଏବେ ବି ଅଧିକ ତଦନ୍ତ ଜାରି ରହିଥିବା ଆର୍ସିସିଏଫ କହିଛନ୍ତି।

ସୂଚନାନୁଯାୟୀ, କନ୍ଧମାଳ ଜିଲ୍ଲା ବେଲଘର ରେଞ୍ଜ ଝିରିପାଣି ସେକ୍ସନ୍ ମୁଣ୍ଡୁଟି ଜଙ୍ଗଲରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଏକ ହାତୀର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଭୟରେ ଡେପୁଟି ରେଞ୍ଜର୍ ବିନୟ କୁମାର ବିଶି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରିଥିଲେ। ପ୍ରମାଣ ନଷ୍ଟ କରିବା ସହ ଅନଧିକୃତ ପରିଚାଳନା କରି ହାତୀର ମୃତଦେହକୁ ୩୨ଖଣ୍ଡ କରି ପ୍ରଥମେ ବେଲଘର କାଡାପାନା ନର୍ସରୀ ମଧ୍ୟରେ ପୋତି ଦେଇଥିଲେ। ହାତୀ ମୃତ୍ୟୁ ପରେ ସ୍କ୍ୱାଡ୍ କର୍ମଚାରୀଙ୍କୁ ଉପରିସ୍ଥ ଅଧିକାରୀଙ୍କ ଜାଣତରେ ପୋତା ଯାଉଥିବା କହି ଏପରି କରିଥିଲେ ଡେପୁଟି ରେଞ୍ଜର। କିନ୍ତୁ ଘଟଣା ପ୍ରଘଟ ଭୟରେ କାଡାପାନା ନର୍ସରୀରୁ ମୃତଦେହକୁ ପୁଣିଥରେ ନେଇ ନିଜ ଗାଁ କେସିଙ୍ଗା ଥାନା କଣ୍ଟେଶର ପଞ୍ଚାୟତର ତହଂସୀର କେନାଲ ନିକଟରେ ପୋତି ଦେଇଥିଲେ। ମୃତ ହାତୀ ଏକ ମାଈ ହାତୀ ହୋଇଥିବା ଅନୁମାନ କରାଯାଉଛି। ଫୋରେନସିକ ଲାବରୁ ରିପୋର୍ଟ ଆସିବା ପରେ ଅଧିକ ସ୍ପଷ୍ଟ ହେବ ବୋଲି ଆରସିସିଏଫ କହିଛନ୍ତି।

## ମାହେଶ୍ୱରୀ ମନ୍ଦିରର ରତ୍ନାମୁଦ ସ୍ଥାପନ



**ହରଭଙ୍ଗା, ୨୫ ।୧(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଖଣ୍ଡହତା ଠାରେ ଧୂମାଳ ସମାଜର ଧଳପୁର କେନ୍ଦ୍ର ଦ୍ୱାରା ନୂତନ ଭାବେ ନିର୍ମିତ ହୋଇଥିବା ମାଁ ମାହେଶ୍ୱରୀ ମନ୍ଦିରର ରତ୍ନମୁଦ ରବିବାର ଅନୁଷ୍ଠିତ ହୋଇଥିଲା। ମନ୍ଦିର ପ୍ରାଙ୍ଗଣରେ ନାମ ସଂକୀର୍ତ୍ତନ ଓ ହରିବୋଲ ହୁଳହୁଳିରେ ରତ୍ନମୁଦ କାର୍ଯ୍ୟ ସମାପନ ହୋଇଥିଲା। ଡୁମାଳ ଜାତି ଧଳପୁର କେନ୍ଦ୍ରର ସଭାପତି ସୂର୍ଯ୍ୟନାରାୟଣ ମହାକୁଡ଼ ମନ୍ଦିରର ମୁଣ୍ଡି ମାରିଥିଲେ। ସାକୁସିଙ୍ଗା ଗ୍ରାମର ଆମର ମହାକୁଡ଼ ଓ ସମରକଟା ଗ୍ରାମର କେଶବ ଦନ୍ତା ଦୁଇଟି ତ୍ରିଶୁଳ ମନ୍ଦିରକୁ ଦାନ କରିଥିବା ବେଳେ ଭଜମନପୁର ଗ୍ରାମର ଜୟଦେବ ଛନ୍ଦ ଘଣ୍ଟି ଦାନ କରିଥିଲେ। କର୍ଯ୍ୟକ୍ରମରେ ଡୁମାଳ ସମାଜର ସମ୍ପାଦକ ଭଗବାନ ମହାକୁଡ଼ଙ୍କ ସହ ପ୍ରମିଳ ଦନ୍ତା, ବିଜୟ ମହାକୁଡ଼, ଭାଗ୍ୟ କର୍ଣ୍ଣ, ସରସ୍ୱତୀ କର୍ଣ୍ଣ, ନୟନା ମହାକୁଡ଼ ସହଯୋଗ କରିଥିଲେ। ପୁରୋହିତ ଲଳିତ ହୋତା ପୂଜା କାର୍ଯ୍ୟ ସମପନ କରିଥିଲେ।

## ଅଡାଲ ଗ୍ରାମରେ ହିନ୍ଦୁ ସମ୍ମିଳନୀ

**ବୀରମହାରାଜପୁର, ୨୪ ।୧(ସମିସ):** ବୀରମହାରାଜପୁର ବ୍ଲକ ଖଣ୍ଡହତା ମଣ୍ଡଳର ଅଡାଲରେ ଏକ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ନାମସଂକୀର୍ତ୍ତନ୍ୟ ସହ ଏକ ନଗର ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହନୁମାନ ବାଟିକାଠାରେ ସାମୂହିକ ହନୁମାନ ଚାଳିସା ପାଠ କରାଯାଇଥିଲା। ମୁର୍ଷୁଣ୍ଡୀ ହରିହର ମଠର ମଠାଧୀସ ହର ନାରାୟଣ ଶ୍ରୀ ଚୈତନ୍ୟ ମହାରାଜ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପଶ୍ଚିମ ଓଡ଼ିଶା ପ୍ରାନ୍ତ ପ୍ରଚାର ପ୍ରମୁଖ ପ୍ରଣବ ନାୟକ, ଜିଲ୍ଲା ସଙ୍ଘ ଚାଳକ ଡା. ଦିଲ୍ଲୀପ ତ୍ରିପାଠୀ ଏବଂ ସଞ୍ଚ। ।ଳନ ସଭାପତି କ୍ଷେତ୍ରବାସୀ ସାହୁ, ମାତୃଶକ୍ତି ପଦ୍ମାଳୟା ଦାସ ପ୍ରମୁଖ ହିନ୍ଦୁତ୍ୱ ଉପରେ ବିବରଣୀ ଦେଇଥିଲେ। ଭୂଷଣ ପଧାନ, ଅଖଣ୍ଡ ପଧାନ, ମଧୁସୂଦନ କର୍ଣ୍ଣ, ରୁଦ୍ରାକ୍ଷ ପଧାନ, ପ୍ରମୋଦ ପଣ୍ଡା, ସତ୍ୟ ପଧାନ, ସୁବାଷ ପଧାନ, ଆନନ୍ଦ ବିଶ୍ୱାଳ, ରମେଶ ପଧାନ, ପମୋଦ ବେଲଘରିଆ, ବିଭୁତି ଭୂଷଣ କୁଦାଇ, ସବ୍ୟସଚି ପଧାନ, ଦିନକୃଷ୍ଣ ସଙ୍ଖୁଆ, ରଘୁନାଥ ପଧାନ, ଅକ୍ଷୟ ଖେତି, ଚିନ୍ତାମଣି ନାଏକ, ଚୈତନ୍ୟ ପଧାନ, ଟୁନା ପଧାନ, ଅରୁଣ ପଧାନ, ମୀନକେତନ ମିଶ୍ର, ଦେବାଶିଷ କର୍ଣ୍ଣ, ଶ୍ରୀମଦ ଦେହୁରୀ, ବ୍ୟାସଦେବ ସାହୁ, ବିନୋଦ ଗାଇଗରିଆ, ରିପୁନ ମହାକୁର, ବିଦ୍ୟା ଦେହୁରୀ, ଲଳିତ କର୍ଣ୍ଣ, ଆଶିଷ ସେଠୀ, ସିପୁନ୍ ପଧାନ, ଯଦୁ ଥାଟି, ରତନ ମଲ୍ଲିକ, ରାଜେଶ, ଦେବେନ୍ଦ୍ର ସେଠୀ, ପ୍ରେମାନନ୍ଦ ରଣା, ସୁଶାନ୍ତ ଦେହୁରୀ, ବିନୟ ପଧାନ, ଦୈତାରୀ କଲତା, ରାମ ପଧାନ, ଶ୍ରବଣ ପଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜିଲ୍ଲା ସଂସ୍କୃତି ପରିଷଦର କବିତା ପାଠୋତ୍ସବ




**ନୂଆପଡ଼ା, ୨୫ ।୧(ସମିସ):** ନୂଆପଡ଼ା ଜିଲ୍ଲାରେ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ସଦଭାବନା ଗୃହରେ କବିତା ପାଠୋତ୍ସବର ଆୟୋଜନ କରଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସମସ୍ତ କବି ଓ କବିୟିତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଏହା ପରେ ନେସନାଲ ହାଇସ୍କୁଲର ଛାତ୍ରୀଙ୍କ ଦ୍ୱାରା 'ବନ୍ଦେ ମୋ ମାଟି ମା' ଶୀର୍ଷକ ଉପରେ ଜାତୀୟତା ବୋଧକ ଗୀତ ପରିବେଷଣ କରାଯାଇଥିଲା।ସମାରୋହରେ ଜିଲ୍ଲାର କୋଣ ଅନୁକୋଣରୁ କବି ଏବଂ କବୟତ୍ରୀ ରାଷ୍ଟ୍ରଭକ୍ତି, ଜାତୀୟତା ଓ ସାଧାରଣତନ୍ତ୍ର ଦିବସ ଉପରେ ବିଭିନ୍ନ କବିତା ପଠନ କରିଥିଲେ। ବିଶିଷ୍ଟ କବି ସୁଶାନ୍ତ କୁମାର ମୁଣ୍ଡ ଓ କବିୟତ୍ରୀ ନିର୍ଝରଣୀ ପତି ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ନିର୍ବାହୀଅଧିକାରୀ କ୍ଷମାନିଧି ଭୋଇ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ କୁମାର ମହରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ବଢେଇ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧୀକାରୀ ସୁଖେନ୍ଦୁ ରାୟ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଖଡ଼ିଆଳରେ ମିନି ମାରାଥନ

**ନୂଆପଡ଼ା, ୨୫ ।୧(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳରେ କିଟ ଓ କିସ ପକ୍ଷରୁ ମିନି ମାରାଥନ ଆୟୋଜିତ ହୋଇଯାଇଛି। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ମିନି ମାରାଥନର ଶୁଭାରମ୍ଭ କରିଥିଲେ ।ନୂଆପଡ଼ା ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜର ଛାତ୍ର ଛାତ୍ରୀଙ୍କ ସମେତ କ୍ରୀଡାବିତ୍‌ମାନେ ମିନି ମାରାଥନରେ ସାମିଲ ହୋଇଥିଲେ। ଖଡ଼ିଆଳ ଅମ୍ବେଦକର ଛକଠାରୁ ଏହି ମିନିମାରଥନ ବାହାରି ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ମାରାଥନ ହୋଇଥିଲା। ପରେ ମହାବିଦ୍ୟାଳୟ ମିନି ଷ୍ଟାଡିୟମଠାରେ ଆୟୋଜିତ ଉଦ୍‌ଯାପନୀରେ ସମସ୍ତଙ୍କ ପାଇଁ ଶିକ୍ଷା ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀ ପାଣିଗ୍ରାହୀଙ୍କ ସମେତ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ଜିଲ୍ଲାପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀ, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ସୁମନ କୁଜୁର, କଳିଙ୍ଗ ଟିଭି ଜିଲ୍ଲା ପ୍ରତିନିଧି କୁନୁ କରୁଆଁ, ଆଦିବାସୀଯୁବନେତା କରୁଣାକର ମାଝୀ, କିସ୍ ଆଲୁମିନି ସଂଘ ସଭାପତି ସରୋଜ ଶବର ପ୍ରମୁଖ ଅତିଥି ଭାବେ ଯୋଗଦେଇ ମିନି ମାରାଥନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଦିଗାମ୍ବର ନାଏକ ସମସ୍ତ ଅତିଥିଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଡିସେମ୍ବର ମାଝୀ ଓ ପିଙ୍କି ବାଇ ମାଝୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ହେମସିଂ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ କଲେଜରେ ଜାତୀୟ ମତଦାତା ଦିବସ

**ଭବାନୀପାଟଣା, ୨୫।୧ (ସମିସ):** ସ୍ଥାନୀୟ ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ମତଦାତା ଦିବସ ପାଳିତ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ସମସ୍ତ ଛାତ୍ରଛାତ୍ରୀଙ୍କୁ ଜାତୀୟ ମତଦାତା ଦିବସର ଅଭିନନ୍ଦନ ଜଣାଇବା ସହ ଭାରତର ଗଣତନ୍ତ୍ରକୁ ସୁଦୃଢ କରିବା ପାଇଁ ମତଦାନ ଏକ ମହତ୍ ଓ ସର୍ବବୃହତ ଦାନରେ ନିଜକୁ ସାମିଲ କରି ନିଜର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବା ପାଇଁ ପ୍ରେରଣା ଦେଇଥିଲେ। ନୂଆ ମତଦାତାମାନଙ୍କୁ ମତଦାନ ପ୍ରକ୍ରିୟାର ଗୁରୁତ୍ୱ ସହ ଭାରତୀୟ ନାଗରିକର ମର୍ଯ୍ୟାଦାପୂର୍ଣ୍ଣ ଅଧିକାର ଦେଶ ଗଠନରେ ବିନିଯୋଗ କରିବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ଜାତୀୟ ସେବା ଯୋଜନା ଅଧିକାରୀ ଅଧାପକ ପ୍ରତାପ ଚନ୍ଦ୍ର ଦାଶ, ଏନ୍‌ସିସି ଅଧିକାରୀ ଅଧାପକ ସୁଶାନ୍ତ କୁମାର ଦାଶ, ଅଧାପକ ଶୁଭେନ୍ଦୁ କୁମାର ପାଢ଼ୀ, ଅନୁକୁଲ ସାହାଣି, ମାନସ ରଞ୍ଜନ ଠାକୁର ସମେତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।ଶେଷରେ ଅଧ୍ୟକ୍ଷ ଶ୍ରୀମୁଣ୍ଡ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ।






ଦେବଗଡ଼ ଜିଲ୍ଲା ବୁଡିଦୋ ଗ୍ରାମରେ ବାମଣ୍ଡା ସାହିତ୍ୟ ସଂସଦର ସାମ୍ବତ୍ସରିକ ଉତ୍ସବରେ ବୌଦ୍ଧର ସଞ୍ଜୟ ପଣ୍ଡା ସାରସ୍ୱତ କୃତୀ ପାଇଁ ବାମଣ୍ଡା ଗୌରବ ସାରସ୍ୱତ ସମ୍ମାନରେ ସମ୍ବର୍ଦ୍ଧିତ ହୋଇଛନ୍ତି।

## ପଞ୍ଚଭୂତରେ ଲୀନ ହେଲେ ଗୌରୀଶ୍ୟାମ ପଣ୍ଡା

**ତରଭା, ୨୫ ।୧(ସମିସ):** ସୁବର୍ଣ୍ଣପୁରର ବରିଷ୍ଠ ଆଇନଜୀବୀ, ଭିନ୍ନକ୍ଷମଙ୍କ ପାଇଁ କାର୍ଯ୍ୟ କରୁଥିବା ସଂଗଠନ ରେଆରର ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡାଙ୍କ ମରଶରୀର ରବିବାର ସକାଳ ୫.୩୦ରେ ତାଙ୍କର ସୋନପୁର ଘୋଡାଘାଟପଡ଼ା ସ୍ଥିତ ବାସଭବନରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସୋନପୁରର ପୂର୍ବତନ କଂଗ୍ରେସ ବିଧାୟକ ବିନୋଦ ପାତ୍ର, ପୂର୍ବତନ ଜିଲ୍ଲା ସଭାପତି ଜିତେନ୍ଦ୍ରିୟ ପଟ୍ଟନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେଠାରେ ମରଶରୀରକୁ କିଛି ସମୟ ରଖିବାପରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କୋର୍ଟକୁ ନିଆଯାଇଥିଲା ସେଠାରେ ଓକିଲ ସଂଘ ସଭାପତି ପ୍ରତାପ ପୁରୋହିତଙ୍କ ସମେତ ଉପସ୍ଥିତ ଅନ୍ୟାନ୍ୟ ଓକିଲ, କୋର୍ଟ କର୍ମଚାରୀ ଶ୍ରଦ୍ଧାସୁମନ ଅର୍ପଣ ସହ ଅଶ୍ରୁଳ ବିଦାୟ ଦେଇଥିଲେ। ରେଆର କାର୍ଯ୍ୟାଳୟରେ ସମସ୍ତ ସଦସ୍ୟ ସଦସ୍ୟା କର୍ମଚାରୀ ଶେଷ ଦର୍ଶନ କରିଥିଲେ ।ମହାନଦୀ ଗୋକର୍ଣ୍ଣେଶ୍ୱର ଘାଟରେ ଶହ ଶହ ଲୋକଙ୍କ ଗହଣରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଅର୍କତେଶ ମୁଖାଗ୍ନି ପ୍ରଦାନ କରିଥିଲେ।



ଆଦରଣୀୟ ଗୌରୀଶ୍ୟାମ ପଣ୍ଡାଙ୍କ ବିୟୋଗରେ ଆମେ ଗଭୀର ମର୍ମାହତ। ସେ ଜଣେ ଦୃଢ଼ମନା, ସ୍ପଷ୍ଟବାଦୀ ଓ ନିର୍ଭୀକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି ସୋନପୁର ଜିଲ୍ଲା ଆଇନଜୀବୀ ସଂଘ ସଦସ୍ୟ ସନ୍ତୋଷ କୁମାର ମେହେର କହିଛନ୍ତି।

ତରଭା ମୋର ମାମୁଁ ଘର ସମ୍ପର୍କକୁ ନେଇ ଆମେ ତାଙ୍କୁ ଦାଦା ଭାବେ ସମ୍ମାନ ଦେଉଥିଲୁ ।ସେ ଜଣେ ସ୍ପଷ୍ଟବାଦୀ ନିର୍ଭୀକ ବ୍ୟକ୍ତିଥିଲେ ବୋଲି ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସୋନପୁର ଘୋଡ଼ାଘାଟପଡ଼ା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସୂର୍ଯ୍ୟନାରାୟଣ ସରାଫ କହିଛନ୍ତି।

## ବିକାଶ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ



**ଭବାନୀପାଟଣା, ୨୫ ।୧(ସମିସ):** ବିକାଶ ଆବାସିକ ବିଦ୍ୟାଳୟ ଓ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଲାଗି ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ 'ଲମହେ' ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ନିର୍ଦ୍ଦେଶକ ଡି.ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି.ରାମ କୁମାର, ଶିକ୍ଷା ପ୍ରଭାରୀ ଡି.ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି.ପଦ୍ମିନୀ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତି ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ଜେନେରାଲ ମ୍ୟାନେଜର ଗୁପ୍ତେଶ୍ୱର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ଅତିଥିଗଣ ବକ୍ତବ୍ୟରେ ଉଚ୍ଚ ଅଭିଳାଷ ପୋଷଣ କରି ନିଜ ନିଜ ଲକ୍ଷ୍ୟସ୍ଥଳରେ ଅଗ୍ରସର ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।ଉତ୍ସବରେ ଲକ୍ଷ୍ମୀ ବିକାଶ ଗ୍ରୁପର ଉଭୟ ସିବିଏସଇ ଓ ସିଏଚଏସଇ ର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ମନୋରଞ୍ଜନ ଧର୍ମି କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଚୋରା ମାଫିଆଙ୍କ କରିଡ଼ର ପାଲଟିଛି ସିଂଘାରିଘାଟି ରାସ୍ତା

**କଲମପୁର, ୨୫ ।୧(ସମିସ)**

କଳାହାଣ୍ଡି ଜିଲ୍ଲା ସିଂଘାରିଘାଟି ରାସ୍ତା ଚୋରା ମାଫିଆଙ୍କ କରିଡ଼ର ପାଲଟିଛି। କଲମପୁର ଠାରୁ ଥୁଆମୂଳରାମପୁର ବ୍ଲକ ସହିତ ସଂଯୋଗ କରୁଥିବା ଏକମାତ୍ର ନିର୍ଭରଯୋଗ୍ୟ ରାସ୍ତା ବିଭିନ୍ନ କାରଣରୁ ସର୍ବଦା ଚର୍ଚ୍ଚାରେ ରହି ଆସିଛି। କେତେବେଳେ ରାସ୍ତାର ଦୟନୀୟ ଅବସ୍ଥା ନେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ କେତେବେଳେ ରାସ୍ତା କାମରେ ଠିକାଦାର ଓ ଯନ୍ତ୍ରୀଙ୍କ ଦୁଧିଆଳୀ ଗାଇ ପାଲଟି ଥିବା ନେଇ ଚର୍ଚ୍ଚାରେ ରହି ଆସିଛି। ଦୀର୍ଘ ବର୍ଷ ହେଲା ଏହି ରାସ୍ତାରେ ସ୍ୱଭାବିକ ଭାବେ ଆଜି ପର୍ଯ୍ୟନ୍ତ ଭାରିଯାନ ଚଳାଚଳ କରି ପାରି ନାହିଁ। କିନ୍ତୁ ପ୍ରତିବର୍ଷ ଏହି ରାସ୍ତା ଧର୍ମକୁ ଆଖିଠାର ସଦୃଶ୍ୟ ମରାମତି ହୋଇ ଚାଲିଛି, ପୂର୍ତ୍ତ ବିଭାଗ ଅଧିନରେ ଏହି ରାସ୍ତା ରହିଥିବା ବେଳେ ସର୍ବଦା ଦୁର୍ଘଟଣା ଲାଗି ରହିଛି, ବିପଦପୂର୍ଣ୍ଣ ରାସ୍ତାରେ ଲୋକେ ଜୀବନକୁ ବାଜି ଲଗାଇ ଯିବା ଆସିବା କରୁଛନ୍ତି। ବିଭାଗ କହିଛି ଏହି ରାସ୍ତା ଭାରିଯାନ ଯାତାୟାତ ପାଇଁ ବିପଦ ରହିଛି, ଏହା ଜାଣିବା ସତ୍ତ୍ୱେ ମଧ୍ୟ ବିଭାଗ ଲୋକଙ୍କ ନିମନ୍ତେ କୌଣସି ବ୍ୟବସ୍ଥା କରୁନାହାନ୍ତି, ଏପରିକି ସୂଚନା ଫଳକ ଲଗାଇବାକୁ ମଧ୍ୟ ସେ ଉଚିତ ମନେ କରି ନାହାନ୍ତି। ଏଥିପାଇଁ ଗତ ରାତିରେ ଏକ ମକା ବୋଝେଇ ପିକଅପ ଦୁର୍ଘଟଣା ଗ୍ରସ୍ତ ହୋଇ ଶହେ ଫୁଟ ଗର୍ତ୍ତ ଭିତରେ ପଡ଼ି ଯାଇଥିଲା। ଏହି ଦୁର୍ଘଟଣା ପ୍ରଥମ ଘଟଣା ନୁହେଁ, ଏପରି ଘଟଣା ଅନେକ ଥର ଏହି ରାସ୍ତାରେ ଘଟି ସାରିଛି। ଏହି ଦୁର୍ଘଟଣା ଅନେକ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି, ଏହି ରାସ୍ତା ଚୋରା ମାଫିଆ ମାନଙ୍କ ଭୂସ୍ୱର୍ଗ ପାଲଟିଛି, ଏହି ରାସ୍ତା ଦେଇ ଦୈନିକ ଶହ ଶହ ଟ୍ରାକ୍ଟର, ହାଇୱା। ଯୋଗେ ବାଲି ଚୋରା ଚାଲାଣ ହେଉଛି, ଅଧିକ ଉପାର୍ଜନ ନିମନ୍ତେ ଗାଡି ମାଲିକମାନେ ଏହି ପଥକୁ ସୁବିଧା ଜନକ ପଥ ଭାବେ ବାଛି ନେଇଛନ୍ତି। କାରଣ ଏହି ଘାଟି ରାସ୍ତାର ପୂର୍ବ ପାଶ୍ୱର୍ରେ ଥୁଆମୂଳ ରାମପୁର ଥାନା ରହି ଥିବା ବେଳେ ପଶ୍ଚିମ ପାର୍ଶ୍ୱରେ କଲମପୁର ଥାନା ରହିଛି। କୌଣସି ଘଟଣା ଘଟିଲେ ଉଭୟ ଥାନା ପୁଲିସ କାଦୁଅ ଫିଙ୍ଗାରେ ବ୍ୟସ୍ତ ହୋଇ ଘଟଣାସ୍ଥଳକୁ ଆସନ୍ତି ନାହିଁ।ଏତଦବ୍ୟତୀତ ଏହି ରାସ୍ତା ଦେଇ ଚୋରା ଦେଶୀ ବିଦେଶୀ ହାତରନ୍ଧା ମଦ ବିଭିନ୍ନ ସ୍ଥାନକୁ ଚାଲାଣ ହୋଇ ଆସୁଛି। ଏଥି ସହିତ ଗଞ୍ଜେଇ ମଧ୍ୟ ବିଭିନ୍ନ ଯାନ ବାହନରେ ଚାଲାଣ ହେଉଛି। ଏଥିପାଇଁ ବନ୍ୟ ପ୍ରାଣୀ ମଧ୍ୟ ସୁରକ୍ଷିତ ନୁହନ୍ତି, ସବୁ ଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ବିଭିନ୍ନ କିସମର ଜଙ୍ଗଲଯାତ ଦ୍ରବ୍ୟ ମଧ୍ୟ ଚୋରା ଚାଲାଣ ହେବା ସହିତ ଥୁଆମୂଳ ରାମପୁର ବ୍ଲକ ଅଞ୍ଚଳର ନୀରିହ ଗରିବ ଆଦିବାସୀଙ୍କ ରାସନ ସାମଗ୍ରୀ ମଧ୍ୟ ଏହି ପଥ ଦେଇ ଚୋରା ଚାଲାଣ ହେଉଛି। ବିଡ଼ମ୍ବନା ଯେ ପୋଲିସ ସହିତ ଯାହାଙ୍କର ଯୋଗାଯୋଗ ନାହିଁ ସେସବୁ ଘଟଣା ପାଖରେ ପୁଲିସ ଉପସ୍ଥିତ ରହୁଥିବା ବେଳେ ଅନ୍ୟ ସମୟରେ ପୁଲିସକୁ ଯେତେ ସୂଚନା ଦେଲେ ବି ପହଞ୍ଚି ପାରେ ନାହିଁ ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏହାର ନିଚ୍ଛକ ଉଦାହରଣ ଦେଇ ଲୋକେ କହିଛନ୍ତି ଯେ ଗତ ଶନିବାର ରାତିରୁ ଗାଡି ଦୁର୍ଘଟଣା ଗ୍ରସ୍ତ ହେଲା, କିନ୍ତୁ ରବିବାର ସଂଧ୍ୟା ପର୍ଯ୍ୟନ୍ତ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପାରି ନ ଥିଲା। ଗଛ କଟା ହୋଇ କ୍ରେନ ସାହାଯ୍ୟରେ ପିକଅପ୍ ବାହାର କରି ଅନାୟାସରେ ଦୁର୍ଘଟଣା ସ୍ଥଳରୁ ଚାଲିଗଲା, ଏନେଇ ଉଭୟ ପୁଲିସ ଥାନା ସହିତ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରି ନ ଥିବାରୁ ପୁଲିସ ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ। ଏଥିପ୍ରତି ଜିଲ୍ଲା ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନ ସାଧାରଣରେ ଦାବି ହେଉଛି।

## ଓଲଟିଲା ପିକ୍‌ଅପ୍, ଅଳ୍ପକେ ବର୍ତ୍ତିଲେ ଚାଳକ

**ଥୁଆମୂଳରାମପୁର, ୨୫ ।୧(ସମିସ):** ଶନିବାର ବିଳମ୍ବିତ ରାତିରେ କଲମପୁର ଥୁଆମୁଳ ରାମପୁର ମୁଖ୍ୟ ରାସ୍ତାର ସିଙ୍ଗାରୀ ଘାଟିର ଏକ ବୁଲାଣିରେ ଘଟିଛି ଏକ ଦୁର୍ଘଟଣା। ଓଡି ୦୮ଆର-୬୧୫୯ ନମ୍ବର ବିଶିଷ୍ଟ ପିକଅପ୍ ଘାଟିର ୬୦ ଫୁଟ ତଳକୁ ଖସି ପଡ଼ିଛି। କିନ୍ତୁ ଚାଳକ ଜଣକ ସୁରକ୍ଷିତ ଥିବା ସୂଚନା ମିଳିଛି ।ସୂଚନା ଅନୁସାରେ ଉକ୍ତ ପିକଅପ୍ ଗାଡିଟି ଥୁଆମୁଳରାମପୁର ଅଞ୍ଚଳରୁ କିଛି ମକାମଞ୍ଜି ବୋଝେଇ କରି କଲମପୁର ପଟକୁ ଯାଉଥିବା ବେଳେ ଘାଟି ରାସ୍ତା ଗଡ଼ାଣିରେ ବ୍ରେକ ଅଚଳ ହେବାରୁ ଚାଳକ ଗାଡିର ବେଗକୁ ନିୟନ୍ତ୍ରଣ କରିବାରେ ଅସମର୍ଥ ହେଇଥିଲେ। ଯେଉଁଥିପାଇଁ ପିକଅପ୍ ଗାଡି ରାସ୍ତାର ସୁରକ୍ଷାବାଡକୁ ଡେଇଁ ୬୦ ଫୁଟ ତଳକୁ ଓଲଟି ପଡ଼ିଛି। ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ରୀତିମତ ରାସ୍ତାରେ ଦୁର୍ଘଟଣା ଘଟୁଛି। ଅତୀତରେ ଏମିତି ଦୁର୍ଘଟଣାର ଶିକାର ହୋଇ ଅନେକଙ୍କ ଜୀବନ ହାନି ହୋଇଥିବା ନଜିର ରହିଛି। କିନ୍ତୁ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉନଥିବାରୁ ଆଗାମୀ ଦିନରେ ଦୁର୍ଘଟଣା ଦ୍ୱାରା ଅନେକ ଧନଜୀବନ ନଷ୍ଟ ହେବାର ଆଶଙ୍କାକୁ ଏଡାଇ ଦିଆଯାଇନପାରେ।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୧.୯୬ • ପାଉଣ୍ଡ ୧୨୩.୩୯
- ୟୁରୋ ୧୦୭.୪୬ • ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୬୦,୨୬୦ (ନୂଆଦିଲ୍ଲୀ)
- ରୁପା : ୩,୩୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୫୩୭.୦୦
- ନିଫ୍ଟି ୨୫,୦୪୮.୦୦


**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

## ବଜେଟ ପରେ କମିବ ସୁନା, ରୁପା ଦର

**ନୂଆଦିଲ୍ଲୀ,୨୫।୧(ଏଜେନ୍ସି):** ସମ୍ପ୍ରତି ସୁନା ଏବଂ ରୂପା ମୂଲ୍ୟ ସର୍ବକାଳୀନ ଉଚ୍ଚ ସ୍ତରରେ ରହିଛି। ଶୁକ୍ରବାର ସୁନାର ମୂଲ୍ୟ ୧୦ ଗ୍ରାମ ୧,୫୫,୯୬୩ ଟଙ୍କା ଏବଂ ରୁପା ମୂଲ୍ୟ କିଲୋ ପିଛା ୩,୩୪,୬୦୦ ଟଙ୍କା ରହିଥିଲା। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବୃଆରୀ ପହିଲାରେ କେନ୍ଦ୍ର ବଜେଟ୍ ୨୦୨୬-୨୭ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। କରଦାତା ଏବଂ ସାଧାରଣ ଜନତା ଉଭୟ ଏହି ବଜେଟ ଉପରେ ଉଚ୍ଚ ଆଶା ରଖିଛନ୍ତି। ଏହା ବିଶ୍ୱାସ କରାଯାଉଛି ଯେ ବଜେଟ୍ ପରେ ସୁନା ଏବଂ ରୂପା ମୂଲ୍ୟ ହ୍ରାସ ପାଇପାରେ। କମୋଡିଟି ବଜାର ଅଂଶଗ୍ରହଣକାରୀମାନେ ବଜେଟରେ ପରିବର୍ତ୍ତନ ପାଇଁ ଡାକୁଛନ୍ତି, ଯାହା ରପ୍ତାନି ବୃଦ୍ଧି କରି ସୁନା ଏବଂ ରୂପା ମୂଲ୍ୟ ହ୍ରାସ କରିବ। ଗ୍ରୀନଲ୍ୟାଣ୍ଡ ଉତ୍ତେଜନା, ଡଲାରର ଦୁର୍ବଳତା ଏବଂ ଆମେରିକା ଫେଡେରାଲ୍ ରିଜର୍ଭ ଉପରେ ବଢୁଥିବା ଚାପ ସମେତ ଅନେକ ବିଶ୍ୱସ୍ତରୀୟ ଉତ୍ତେଜନା ସୁନା ଏବଂ ରୂପା ମୂଲ୍ୟ ବୃଦ୍ଧି ପଛରେ ରହିଛି। ଏହି କାରଣଗୁଡ଼ିକ ବଜାରରେ ଅନିଶ୍ଚିତତା ବୃଦ୍ଧି କରୁଛନ୍ତି। ଏହା ବ୍ୟତୀତ, ସାଧାରଣ ଜନତାଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ସ୍ୱର୍ଣ୍ଣ ଅଳଙ୍କାର ଉପରେ ଜିଏସ୍‌ଟି ମଧ୍ୟ ହ୍ରାସ କରାଯିବା ଉଚିତ। ବର୍ତ୍ତମାନ, ଦେଶରେ ସ୍ୱର୍ଣ୍ଣ ଅଳଙ୍କାର ୩% ଜିଏସ୍‌ଟି ଲାଗୁଛି। ତଥାପି, ଏହି ଜଏସ୍‌ଟି ହାର ହ୍ରାସ କରିବାକୁ ଦାବି ହେଉଛି, ଯାହା ଦ୍ୱାରା ସାଧାରଣ ଜନତା ସୁନା ଏବଂ ରୂପା ମୂଲ୍ୟ ବୃଦ୍ଧିରେ ଆଶ୍ୱସ୍ତି ପାଇପାରିବେ। ଜିଏସ୍‌ଟି ହାର ହ୍ରାସ କରିବା ଦ୍ୱାରା ଅଳଙ୍କାର ମୂଲ୍ୟ ମଧ୍ୟ ହ୍ରାସ ପାଇବ।

**ସ୍ୱର୍ଣ୍ଣ ଅଳଙ୍କାର ଉପରୁ କମିପାରେ ଜିଏସ୍‌ଟି**




## ଜାତୀୟ ବିଦ୍ୟୁତ୍ ମାନ୍ୟତାରେ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍‌ର ସଫଳତା

**ଭୁବନେଶ୍ୱର, ୨୫।୧(ସମିସ):** ଶକ୍ତି କ୍ଷେତ୍ରରେ ଓଡ଼ିଶାର ସଫଳତା ପୁଣି ଥରେ ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି। କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ୨୦୨୫ ଆର୍ଥିକବର୍ଷର ୧୪ତମ ସମନ୍ୱିତ ରେଟିଂ ଏବଂ ର୍ୟାଙ୍କିଙ୍ଗ୍ ରିପୋର୍ଟ ରେ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ଗୁଡ଼ିକ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ସାରା ଦେଶର ୬୫ଟି ବିଦ୍ୟୁତ ବିତରଣ ସଂସ୍ଥାକୁ ନେଇ କରାଯାଇଥିବା ଏହି ସର୍ଭେରେ ଓଡ଼ିଶାର ଡିସକମ୍ ଗୁଡ଼ିକ ଉତ୍ତମ ପ୍ରଦର୍ଶନ କରି ନିଜର ସ୍ଥିତିକୁ ସୁଦୃଢ଼ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟର ବିଦ୍ୟୁତ ଭିତ୍ତିଭୂମିରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ଟାଟା ପାୱାର ପରିଚାଳିତ ଏହି ସଂସ୍ଥାଗୁଡ଼ିକ ଲଗାତାର ତୃତୀୟ ବର୍ଷ ପାଇଁ ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ଜାତୀୟ ସ୍ତରରେ ଓଡ଼ିଶାର ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନ୍‌ଓଡିଏଲ୍) ଚମତ୍କାର ପ୍ରଦର୍ଶନ କରି ଦେଶର ସମସ୍ତ ବିଦ୍ୟୁତ ବିତରଣ କମ୍ପାନୀ ମଧ୍ୟରେ ୯ମ ସ୍ଥାନ ହାସଲ କରିଛି। ଓଡ଼ିଶା ପାଇଁ ଏହା ଏକ ଗୌରବର ବିଷୟ ଯେ, ଟିପିଏନ୍‌ଓଡିଏଲ୍ ଏବଂ ଟିପିସିଓଡିଏଲ୍ ଉଭୟ ସେମାନଙ୍କର ସମ୍ମାନଜନକ 'ଏ+' ଗ୍ରେଡ୍ ବଜାୟ ରଖିବାରେ ସଫଳ ହୋଇଥିବା ବେଳେ ଟିପିଡବ୍ଲୁଓଡିଏଲ୍ ମଧ୍ୟ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଜରିଆରେ 'ଏ' ଗ୍ରେଡ୍ ହାସଲ କରିଛି।

### ଭାରତରେ ୟୁରୋପ କମିସନ ଅଧ୍ୟକ୍ଷ

## ମୁକ୍ତ ବାଣିଜ୍ୟ ଓ ପ୍ରତିରକ୍ଷା ଚୁକ୍ତିରେ ଲାଗିବ ମୋହର

**ନୂଆଦିଲ୍ଲୀ,୨୫।୧(ଏଜେନ୍ସି)**

ଭାରତ ଏବଂ ଆମେରିକା ମଧ୍ୟରେ ଏ ପର୍ଯ୍ୟନ୍ତ ଏକ ବାଣିଜ୍ୟ ଚୁକ୍ତି ଉପରେ ସହମତି ହୋଇପାରିଲାନାହିଁ। ଜାନୁଆରୀ ୨୭ ତଥା ସୋମବାର ସ୍ୱାକ୍ଷର ହେବ 'ମଦର ଅଫ୍ ଅଲ୍ ଡିଲ୍'। ଏହି ଚୁକ୍ତି ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ସ୍ୱାକ୍ଷର କରାଯିବ। ଆମେରିକାର ଉଚ୍ଚ ଶୁଳ୍କ ଯୋଗୁଁ ବିଶ୍ୱ ବାଣିଜ୍ୟରେ ଚାଲିଥିବା ବାଧା ମଧ୍ୟରେ ଏହି ଚୁକ୍ତିନାମା ଦୁଇ କ୍ଷେତ୍ର ମଧ୍ୟରେ ଆର୍ଥିକ ସମ୍ପର୍କକୁ ବୃଦ୍ଧି କରିବା ଲକ୍ଷ୍ୟ ରଖିଛି। ଦୀର୍ଘ ୧୮ ବର୍ଷର ଅପେକ୍ଷା ପରେ ଭାରତ-ଇୟୁ ଚୁକ୍ତିନାମା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୨୦୦୭ରେ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ଆରମ୍ଭ ହୋଇଥିଲା। ଏଠାରେ ଅନୁଷ୍ଠିତ ହେଉଥିବା ଭାରତ-ୟୁରୋପୀୟ ସଂଘ ଶିଖର ସମ୍ମିଳନୀ ସମୟରେ ଆଲୋଚନାର ସମାପ୍ତି ଘୋଷଣା କରାଯିବ।

**୧୮ ବର୍ଷ ପରେ ସ୍ୱାକ୍ଷର ହେବ 'ମଦର ଅଫ୍ ଅଲ୍ ଡିଲ୍'**



ୟୁରୋପୀୟ କମିଶନ୍ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେଏନ୍ ଜାନୁଆରୀ ୨୪ଠାରୁ ଚାରି ଦିନିଆ ଗସ୍ତରେ ଭାରତ ଆସିଛନ୍ତି। ସେ ଜାନୁଆରୀ ୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟାଙ୍କ ସହ ଶିଖର ଆଲୋଚନା କରିବେ। ଏହି ସପ୍ତାହରେ ଆଲୋଚନା ସମାପ୍ତ ହେବାର ଘୋଷଣା କରାଯିବାବେଳେ, ଆଇନଗତ ସମୀକ୍ଷା ପରେ ଚିଠା ଚୁକ୍ତିନାମା ପାରସ୍ପରିକ ସହମତିରେ ସ୍ୱାକ୍ଷରିତ ହେବ।

ଏହି ଚୁକ୍ତିନାମା ଅନୁଯାୟୀ, ଉଭୟ ପକ୍ଷ ସେମାନଙ୍କ ମଧ୍ୟରେ ବାଣିଜ୍ୟ ହେଉଥିବା ୯୦ ପ୍ରତିଶତରୁ ଅଧିକ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ହ୍ରାସ କିମ୍ବା ସମାପ୍ତ କରିବେ। କପଡ଼ା ଏବଂ ଫୁଟ୍‌ୱେର ଭଳି ଶ୍ରମ-ସଘନ କ୍ଷେତ୍ରର ଉତ୍ପାଦ ଉପରେ ଶୁଳ୍କ ପ୍ରଥମ ଦିନରୁ ଉଚ୍ଛେଦ କରାଯାଇପାରେ, ଯେତେବେଳେ କି ଅନ୍ୟ କିଛି ସାମଗ୍ରୀ ଉପରେ ଶୁଳ୍କ ୫ରୁ ୧୦ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ପ୍ରତ୍ୟାହାର କରାଯିବ। ଏହି ଚୁକ୍ତିନାମା ମଧ୍ୟ ଗୁରୁତ୍ୱପୂର୍ଣ୍ଣ କାରଣ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଉଚ୍ଚ ଶୁଳ୍କ ବିଶ୍ୱ ବାଣିଜ୍ୟ ପ୍ରବାହକୁ ପ୍ରଭାବିତ କରିଛି। ଭାରତ ବର୍ତ୍ତମାନ ସେଠାରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ଉଚ୍ଚ ଶୁଳ୍କ ସମ୍ମୁଖୀନ ହେଉଛି। ଏହି ଏଫ୍‌ଟିଏ ଭାରତୀୟ ରପ୍ତାନିକାରୀମାନଙ୍କୁ ସେମାନଙ୍କର ବଜାରକୁ ବିବିଧ କରିବା ଏବଂ ଚୀନ୍ ଉପରେ ନିର୍ଭରଶୀଳତା ହ୍ରାସ କରିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି।

ଏହି ଚୁକ୍ତିନାମା ମାଧ୍ୟମରେ ଭାରତ ବୟନଶିଳ୍ପ, ଚମଡା ଏବଂ ହସ୍ତତନ୍ତ ଭଳି କ୍ଷେତ୍ର ପାଇଁ ଶୂନ୍ୟ-ଶୁଳ୍କ ବଜାର ପ୍ରବେଶ ଚାହୁଁଛି। ଏହି ସମୟରେ, ଇୟୁ ଏହାର ଅଟୋମୋବାଇଲ୍ ରପ୍ତାନି, ମଦ ଏବଂ ଉଚ୍ଚ-ପ୍ରଯୁକ୍ତି ଉତ୍ପାଦନ କ୍ଷେତ୍ର ପାଇଁ ଭାରତୀୟ ବଜାରକୁ ଅଧିକ ପ୍ରବେଶ ଚାହୁଁଛି। କ୍ଷୁଦ୍ର ଏବଂ ଚାଷୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ସମ୍ବେଦନଶୀଳ କୃଷି ଏବଂ ଦୁଗ୍ଧ କ୍ଷେତ୍ରକୁ ବର୍ତ୍ତମାନ ଏହି ଚୁକ୍ତିନାମାରୁ ବାଦ୍ ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଇୟୁ ହେଉଛି ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର। ୨୦୨୪-୨୫ ଆର୍ଥିକବର୍ଷରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୧୩୬.୫୩ ବିଲିୟନ ଡଲାର ଆକଳନ କରାଯାଇଥିଲା, ଯେଉଁଥିରେ ଭାରତର ରପ୍ତାନି ୭୫.୮୫ ବିଲିୟନ ଡଲାର ଏବଂ ଆମଦାନୀ ୬୦.୬୮ ବିଲିୟନ ଡଲାର ରହିଛି। ଏହା ବ୍ୟତୀତ, ଇୟୁ ମଧ୍ୟ ଭାରତରେ ଏକ ପ୍ରମୁଖ ନିବେଶକ। ଏପ୍ରିଲ ୨୦୦୦ ରୁ ସେପ୍ଟେମ୍ବର ୨୦୨୪ ମଧ୍ୟରେ ଇୟୁରୁ ଭାରତକୁ ୧୧୭.୪ ବିଲିୟନ ଡଲାରର ବିଦେଶୀ ପ୍ରତ୍ୟକ୍ଷ ନିବେଶ (ଏଫ୍‌ଡିଆଇ) ଆସିଛି।

## ହ୍ୱାଟ୍ସଆପ୍‌ର ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପସନ୍ ଉପରେ ପ୍ରଶ୍ନ

**ନୂଆଦିଲ୍ଲୀ,୨୫।୧(ଏଜେନ୍ସି):** ବିଶ୍ୱର ସବୁଠାରୁ ଲୋକପ୍ରିୟ ମେସେଜିଂ ଆପ୍ ହ୍ୱାଟ୍ସଆପ୍‌ର ମୂଳ କମ୍ପାନୀ ମେଟା ପୁଣି ଥରେ ଗୋପନୀୟତା ସମ୍ବନ୍ଧୀୟ ଅଭିଯୋଗର ସମ୍ମୁଖୀନ ହେଉଛି। ସାନ ଫ୍ରାନ୍ସିସ୍କୋର ଏକ ଫେଡେରାଲ୍ କୋର୍ଟରେ ଦାୟର ଏକ ନୂତନ ମାମଲା ଦାବି କରିଛି ଯେ କମ୍ପାନୀ ବ୍ୟବହାରକାରୀଙ୍କ ଚାଟ୍ ମଧ୍ୟ ଆକ୍ସେସ୍ କରିପାରିବ, ଯାହାକୁ ସେ ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପ୍ଟେଡ୍ (ଇ୨ଇ) ବୋଲି କହି ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି ଦାବି କରୁଛି। ଅଷ୍ଟ୍ରେଲିଆ, ବ୍ରାଜିଲ୍, ଭାରତ, ମେକ୍ସିକୋ ଏବଂ ଦକ୍ଷିଣ ଆଫ୍ରିକାର ଏକ ଗୋଷ୍ଠୀ ଏହି କ୍ଲାସ୍-ଆକ୍ସନ୍ ମାମଲା ଦାୟର କରିଛନ୍ତି। ଆମେରିକାର ଏକ କୋର୍ଟରେ ଦାୟର ହୋଇଥିବା ମାମଲା ଅଭିଯୋଗ କରିଛି ଯେ ମେଟା ଏବଂ ହ୍ୱାଟ୍ସଆପ୍ ସୁରକ୍ଷା ନାମରେ ସେମାନଙ୍କର କୋଟି କୋଟି ବ୍ୟବହାରକାରୀଙ୍କୁ ଭ୍ରମିତ କରୁଛନ୍ତି। ଏହି ମାମଲାରେ ବାଦୀମାନେ ଦାବି କରିଛନ୍ତି ଯେ କମ୍ପାନୀ ପ୍ରାୟ ସମସ୍ତ ବ୍ୟକ୍ତିଗତ କଥାବାର୍ତ୍ତା ସଂରକ୍ଷଣ, ବିଶ୍ଳେଷଣ ଏବଂ ପ୍ରବେଶ କରିବାର କ୍ଷମତା ରଖିଛି।





## ଗଣତନ୍ତ୍ର ଦିବସ ଖର୍ଚ୍ଚ: ୧୯୫୦ରେ ୧୧ ହଜାର, ୨୦୧୫ରେ ୩୨୦ କୋଟି

**ନୂଆଦିଲ୍ଲୀ,୨୫।୧(ଏଜେନ୍ସି)**

ଭାରତ ଏହାର ୭୭ତମ ଗଣତନ୍ତ୍ର ଦିବସ ପାଳନ କରିବାକୁ ଯାଉଛି। ପ୍ରଥମ ଗଣତନ୍ତ୍ର ଦିବସରେ ରାଜଧାନୀ ନୂଆଦିଲ୍ଲୀରେ ଏକ ସାଧାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିଲାମାନଙ୍କୁ ପ୍ଲେଟ୍ ଏବଂ କଏଦୀମାନଙ୍କୁ ମିଠା ବଣ୍ଟନ କରାଯାଇଥିଲା। ସେତେବେଳେ ଖର୍ଚ୍ଚ ବହୁତ କମ୍ ଥିଲା। ଏହା ଆଜିର ଜାକଜମକ ଆୟୋଜନ ତୁଳନାରେ ବହୁତ କମ୍ ଖର୍ଚ୍ଚ।

ପ୍ରତିବର୍ଷ ପରି, ଚଳିତଥର ପରେଡ୍‌ରେ ଦେଶର ସାମରିକ ଶକ୍ତି, ସାଂସ୍କୃତିକ ବିବିଧତା ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଗତି ପ୍ରଦର୍ଶନ କରାଯିବ। ସ୍ୱାଧୀନତା ପରଠାରୁ ପ୍ରତିବର୍ଷ ଗଣତନ୍ତ୍ର ଦିବସ ପରେଡ୍ ଅନୁଷ୍ଠିତ ହୋଇଆସୁଛି। ଏଥିରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୁଏ। ୨୦୧୫ ମସିହାରେ ସରକାର ଏଥିପାଇଁ ୩୨୦ କୋଟି ଖର୍ଚ୍ଚ କରିଛନ୍ତି। ତଥାପି, ପ୍ରାରମ୍ଭିକ ଦିନଗୁଡିକରେ ଏହି ଖର୍ଚ୍ଚ ବହୁତ କମ୍ ଥିଲା। ଯେତେବେଳେ ଭାରତ ୧୯୫୦ ମସିହାରେ ପ୍ରଥମ ଗଣତନ୍ତ୍ର ଦିବସ ପାଳନ କରିଥିଲା ସେତେବେଳେ ଏହାର ଆୟୋଜନରେ ମୋଟ ଖର୍ଚ୍ଚ ପ୍ରାୟ ୧୧,୦୯୩ ଟଙ୍କା ଥିଲା। ଏହି ପରିମାଣ ଆଜିର ଏକ ଶସ୍ତା ସ୍ମାର୍ଟଫୋନର ମୂଲ୍ୟ ସହିତ ସମାନ। ତଥାପି,



ସମୟ ସହିତ ଏହି ଖର୍ଚ୍ଚ ବହୁ ଗୁଣ ବୃଦ୍ଧି ପାଇଛି। ୧୯୫୬ ରେ ଗଣତନ୍ତ୍ର ଦିବସ ଆୟୋଜନ ଖର୍ଚ୍ଚ ୫,୭୫,୦୦୦ ଟଙ୍କା, ୧୯୭୧ରେ ୧୭,୧୨,୦୦୦ ଟଙ୍କା, ୧୯୭୩ରେ ୨୩,୩୮,୦୦୦ ଏବଂ ୧୯୮୮ରେ ଏ ବାବଦ ଖର୍ଚ୍ଚ ୬୯,୬୯,୧୫୯ ଟଙ୍କା ରେ ପହଞ୍ଚିଥିଲା।




## ନବନିର୍ମିତ ରେଳ ଲାଇନ୍‌ର ଯାଞ୍ଚ କଲେ ରେଳ ସୁରକ୍ଷା କମିସନର



**ଭୁବନେଶ୍ୱର,୨୫।୧(ସମିସ):** ଦକ୍ଷିଣ ପୂର୍ବ ସର୍କଲର ରେଳ ସୁରକ୍ଷା କମିଶନର (ସିଆର୍‌ଏସ୍) ବ୍ରିଜେଶ କୁମାର ମିଶ୍ର ଲାଙ୍ଗା -ଜେମାଦେଇପେଣ୍ଟ ଷ୍ଟେସନ ମଧ୍ୟରେ ନବନିର୍ମିତ ତୃତୀୟ ଲାଇନର ଏକ ବିସ୍ତୃତ ବୈଧାନିକ ଯାଞ୍ଚ କରିଛନ୍ତି। ପୂର୍ବତଟ ରେଳପଥର ୱାଲଟେୟାର ମଣ୍ଡଳ ଅନ୍ତର୍ଗତ ୭ .୧୮୧ କିମିର ଦୈର୍ଘ୍ୟ ବିଶିଷ୍ଟ ଏହି ଲାଇନ୍ ଟିଟଲାଗଡ଼-ବିଜିଆନଗରମ୍ ତୃତୀୟ ଲାଇନ ପ୍ରକଳ୍ପର ଏକ ଅଂଶ। ଏହି ସେକ୍ସନଟି ୬୦ କିଲୋଗ୍ରାମ ରେଳରେ ନିର୍ମିତ ଏବଂ ଏହି ସେକ୍ସନରେ ୨୫ଟି ଆକ୍ସଲ୍ ଲୋଡ୍ ମାନଦଣ୍ଡ ଅନୁଯାୟୀ ନିର୍ମିତ ଏକ ପ୍ରମୁଖ ସେତୁ ରହିଛି। ବୈଧାନିକ ଯାଞ୍ଚ ସଫଳତାର ସହ ସମାପ୍ତ ହୋଇଛି, କୌଣସି ସମସ୍ୟା ବିନା ବେଗର ପରୀକ୍ଷଣ ସଫଳତାର ସହିତ ପାସ୍ କରିଛି , ଯାହା ଫଳରେ ଏହି ସେକ୍ସନଟି ପୂର୍ଣ୍ଣ କମିଶନିଂ ପାଇଁ ଅନୁମୋଦନ ମିଳିଛି।ଏହି ମାଇଲଖୁଣ୍ଟ ନିର୍ମାଣ ସଂଗଠନର ସିଭିଲ୍ ଇଞ୍ଜିନିୟରିଂ, ରେଳ ବିକାଶ ନିଗମ ଲିମିଟେଡ୍, ସଂକେତ ଏବଂ ଦୂରସଂଚାର ଏବଂ ବିଦ୍ୟୁତ ବିଭାଗ ୱାଲଟେୟାର ମଣ୍ଡଳର ପରିଚାଳନା ଏବଂ ଟ୍ରାଫିକ୍ ବିଭାଗ ସହିତ ଘନିଷ୍ଠ ସମନ୍ୱୟର ସମର୍ପିତ ପ୍ରୟାସକୁ ପ୍ରତିଫଳିତ କରୁଛି ,ଯାହା ଫଳରେ ଏହି ସଫଳତା ହାସଲ ହୋଇପାରିଛି । ୱାଲ୍ଟେୟାର ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଏବଂ ନିର୍ମାଣ ସଂଗଠନ, ରେଳ ବିକାଶ ନିଗମ ଲିମିଟେଡ୍, ଇଞ୍ଜିନିୟରିଂ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଏବଂ ୱାଲ୍ଟେୟାର ମଣ୍ଡଳର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଯାଞ୍ଚରେ ଅଂଶଗ୍ରହଣ କରିଥିଲେ।



## ବୁମ୍ରାଙ୍କ ଘାତକ ବୋଲିଂ ପରେ ଅଭିଷେକ, ସୂର୍ଯ୍ୟକୁମାରଙ୍କ ବିସ୍ଫୋରକ ବ୍ୟାଟିଂ

# ହ୍ୟାଟ୍ରିକ୍ ଜିତ୍ ସହ ଭାରତର ଟି-୨୦ ସିରିଜ୍ କବ୍ଜା

ବର୍ଷାପଡ଼ା, ଗୌହାଟୀ, ୨୫।୧(ଏଜେନ୍ସି): ଯଶପ୍ରୀତ୍ ବୁମ୍ରାଙ୍କ ଘାତକ ବୋଲିଂ ପରେ ଅଭିଷେକ ଶର୍ମା ଓ ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ତୃତୀୟ ଟି-୨୦ ମ୍ୟାଚ୍‌ରେ ଭାରତ ୮ ୱିକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହା ଫଳରେ ଏଠାରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୨ଟି ମ୍ୟାଚ୍ ବାକିଥାଇ ଭାରତ ଆଗୁଆ ସିରିଜ୍ ଜିତିନେଇଛି। ପୂର୍ବରୁ ଖେଳାଯାଇଥିବା ପ୍ରଥମ ଦୁଇଟି ଟି-୨୦ରେ ଭାରତ ଯଥାକ୍ରମେ ୪୮ ରନ୍‌ରେ ୭ ୱିକେଟରେ ଜିତିଥିଲା। ସିରିଜ୍‌ର ଚତୁର୍ଥ ମ୍ୟାଚ୍ ବିଶାଖାପାଟଣାରେ ଜାନୁଆରୀ ୨୮ ତାରିଖରେ ଖେଳାଯିବ। ଏଠାରେ ୧୪ଟି ବଲ୍‌ରୁ ୫୦ ରନ୍ ପୂରଣ କରି ଅଭିଷେକ ଦ୍ୱିତୀୟ ଦ୍ରୁତତମ ଭାରତୀୟ ଅର୍ଦ୍ଧଶତକ ହାସଲକାରୀ ବିବେଚିତ ହୋଇଛନ୍ତି। ପୂର୍ବରୁ ଇଂଲଣ୍ଡ ବିପକ୍ଷରେ ଯୁବରାଜ ସିଂହ ୧୨ଟି ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରି ଦ୍ରୁତତମ ସାବ୍ୟସ୍ତ ହୋଇଥିଲେ।

ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଭାରତୀୟ ବୋଲିଂର ଉଚିତ ମୁକାବିଲା କରି ନ ପାରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୫୩ ରନ୍ କରିଥିଲା। ଦଳ ପକ୍ଷରୁ ଗ୍ଲେନ୍ ଫିଲିପ୍ସ ସର୍ବାଧିକ ୪୮, ମାର୍କ ଚାପମ୍ୟାନ୍ ୩୨ ଓ ମିଚେଲ ସାଣ୍ଟନର ୨୭ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ଇନିଂସରେ ଚତୁର୍ଥ ବୋଲର ଭାବେ ବୋଲିଂ କରିବାକୁ ଆସିଥିବା ଯଶପ୍ରୀତ୍ ବୁମ୍ରା ଘାତକ ବୋଲିଂ କରି ୧୭ ରନ୍‌ରେ ୩ଟି, ହାର୍ଦ୍ଦିକ ପାଣ୍ଡ୍ୟା ଓ ରବି ବିଷ୍ଣୋଇ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଭାରତ ୧୦ ଓଭରରେ ମାତ୍ର ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଯୁବ ଓପନର ଅଭିଷେକ ଶର୍ମା ମାତ୍ର ୨୦ ବଲରେ ୭ ଚୌକା ଓ ୫ଛକା ସହ ୬୮ ଏବଂ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୨୬ ବଲ୍‌ରେ ୬ ଚୌକା ଓ ୩ଛକା ସହ ୫୭ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଏମାନେ ଅବିଭକ୍ତ ତୃତୀୟ ୱିକେଟ ଯୋଡିରେ ୪୦ ବଲ୍‌ରୁ ୧୦୨ ରନ୍ ଉଠାଇ ଭାରତର ବିଜୟ ସହଜ କରିଦେଇଥିଲେ।



ମାତ୍ର ୧୪ ବଲ୍‌ରେ ୫୦ ରନ୍ ପୂରଣ କରିଥିବା ଅଭିଷେକ ୯ମଥର ଲାଗି ୨୫ରୁ କମ୍ ବଲ୍‌ରେ ଅର୍ଦ୍ଧଶତକ ହାସଲ କରି ସୂର୍ଯ୍ୟକୁମାର ଯାଦବଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ସଞ୍ଜୁ ସାମସନ ଖାତା ଖୋଲି ପାରି ନ ଥିଲେ। ସେ କ୍ରମାଗତ ତୃତୀୟ ମ୍ୟାଚ୍‌ରେ ଫେଲ୍ ମାରିଛନ୍ତି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ସେ ୧୦ ଓ ୬ ରନ୍ କରିଥିଲେ। ଦ୍ୱିତୀୟ ଖେଳାଳି ଇଶାନ କିସାନ ୧୩ ବଲ୍‌ରେ ୩ ଚୌକା ଓ ୨ଛକା ସହ ୨୮ ରନ୍‌ରେ ଆଉଟ ହୋଇଥିଲେ। ସେ ଆଉଟ ହେବା ପୂର୍ବରୁ ଦ୍ୱିତୀୟ ୱିକେଟରେ ଅଭିଷେକଙ୍କ ସହ ୧୯ ବଲରୁ ୫୩ ରନ୍ ଉଠାଇଥିଲେ। ମ୍ୟାଟ ହେନରୀ ଓ ଇସ୍ ସୋଧି ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

### ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ: ୧୫୩/୯, ୨୦ ଓଭର (ଫିଲିପ୍ସ-୪୮, ଚାପମ୍ୟାନ୍-୩୨, ବୁମ୍ରା-୩/୧୭, ବିଷ୍ଣୋଇ-୨/୧୮, ପାଣ୍ଡ୍ୟା-୨/୨୩)।

ଭାରତ: ୧୫୫/୨, ୧୦ ଓଭର (ଅଭିଷେକ ଶର୍ମା-୬୮*, ସୂର୍ଯ୍ୟକୁମାର- ୫୭*, ଇଶାନ-୨୮, ସାମସନ-୦, ମ୍ୟାଟ୍ ହେନରୀ-୧/୨୮)।

## ୯ କ୍ରୀଡ଼ାବିତ୍‌ଙ୍କୁ ପଦ୍ମ ପୁରସ୍କାର

ନୂଆଦିଲ୍ଲୀ, ୨୫।୧ (ଏଜେନ୍ସି): ବର୍ଷ ୨୦୨୬ ଲାଗି ୧୩୧ଜଣଙ୍କୁ ସମ୍ମାନଜନକ 'ପଦ୍ମ' ପୁରସ୍କାର ପ୍ରଦାନ କରାଯିବ। ୭୭ତମ ସାଧାରଣତନ୍ତ୍ରର ପୂର୍ବ ସନ୍ଧ୍ୟାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୩୧ଜଣ ପୁରସ୍କାର ବିଜେତାଙ୍କ ତାଲିକା ପ୍ରକାଶ କରାଯାଇଥିଲା। ଯେଉଁଥିରେ ୯ଜଣ ବର୍ତ୍ତମାନ ଓ ପୂର୍ବତନ କ୍ରୀଡ଼ାବିତ୍ ରହିଛନ୍ତି।

**ଅମୃତରାଜଙ୍କୁ ପଦ୍ମବିଭୂଷଣ; ରୋହିତ, ହରମନପ୍ରୀତ୍‌ଙ୍କୁ ପଦ୍ମଶ୍ରୀ**


ଭାରତୀୟ ପୁରୁଷ ଓ ମହିଳା କ୍ରିକେଟ୍ ଦଳର ନେତୃତ୍ୱ ନେଉଥିବା ରୋହିତ ଶର୍ମା ଓ ହରମନପ୍ରୀତ୍ କୌରଙ୍କୁ 'ପଦ୍ମଶ୍ରୀ' ସମ୍ମାନ ଲାଗି ମନୋନୀତ କରାଯାଇଛି। ସେହିଭଳି 'ପଦ୍ମଶ୍ରୀ' ଲାଗି ମନୋନୀତ ହୋଇଥିବା ଅନ୍ୟ କ୍ରୀଡ଼ାବିତ୍ ହେଲେ ପାରାଅଲିମ୍ପିକ୍ ସ୍ୱର୍ଣ୍ଣ ବିଜେତା ପ୍ରବୀଣ କୁମାର, ଭାରତୀୟ ମହିଳା ହକି ଖେଳାଳି ସବିତା ପୁନିଆ, ଭେଟେରାନ ହକି କୋଚ୍ ବଳଦେବ ସିଂହ, କେ ପଜନିଭେଲ ଓ ମାର୍ଶାଲ ଆର୍ଟ୍ସରେ ଭଗବାନଦାସ ରାଇକୱର। ଗତବର୍ଷ ଇହଲୀଳା ସମ୍ବରଣ କରିଥିବା ଜର୍ଜିଆର ମହାନ ରେସଲିଂ କୋଚ୍ ଭ୍ଲାଦିମିର ମେଷ୍ଟଭିରିଶିଭିଲଙ୍କୁ ମରୋଣୋତ୍ତୋର ଭାବେ 'ପଦ୍ମଶ୍ରୀ' ପ୍ରଦାନ କରାଯିବ। ଦୁଇ ଦଶନ୍ଧି ଧରି ଭାରତୀୟ କୁସ୍ତି ଦଳର ପ୍ରଶିକ୍ଷକ ରହିଥିବା ଭ୍ଲାଦିମିରଙ୍କ ସମୟରେ ଯୋଗେଶ୍ୱର ଦତ୍ତ, ବଜରଙ୍ଗ ପୁନିଆ, ସୁଶୀଲ କୁମାର (୨ଟି) ଅଲିମ୍ପିକ୍ସ ପଦକ ବିଜୟୀ ହୋଇଥିଲେ। ଏକମାତ୍ର କ୍ରୀଡ଼ାବିତ୍‌ଭାବେ ଲିଜେଣ୍ଡ ଟେନିସ ଖେଳାଳି ବିଜୟ ଅମୃତରାଜ ଦେଶର ତୃତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ 'ପଦ୍ମଭୂଷଣ' ପାଇବାକୁ ମନୋନୀତ ହୋଇଛନ୍ତି।

## ପର୍ଥ ସ୍କଚର୍ସକୁ ରେକର୍ଡ ୬ଷ୍ଠ ବିବିଏଲ୍ ଟ୍ରଫି

ପର୍ଥ, ୨୫ ।୧ (ଏଜେନ୍ସି): ପର୍ଥ ସ୍କଚର୍ସ ରେକର୍ଡ ୬ଷ୍ଠଥର ଲାଗି ବିଗ୍ ବାସ୍ ଲିଗ୍ (ବିବିଏଲ୍) ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଛି। ୧୫ତମ ସଂସ୍କରଣର ଫାଇନାଲ୍‌ରେ ପର୍ଥ ୬ ୱିକେଟ୍‌ରେ ସିଡ୍‌ନୀ ସିକ୍ସର୍ସକୁ ହରାଇ ଚାମ୍ପିଅନ ହୋଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସିଡ୍‌ନୀ ୨୦ ଓଭରରେ ମାତ୍ର ୧୩୨ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ପର୍ଥ ସ୍କଚର୍ସ ୧୭.୩ ଓଭରରେ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ପର୍ଥ ଦଳ ଏଥିପୂର୍ବରୁ ୨୦୧୩, ୨୦୧୪, ୨୦୧୬, ୨୦୨୧ ଓ ୨୦୨୨ରେ ଟାଇଟଲ୍ ଜିତିଥିଲା।

## ଅଷ୍ଟ୍ରେଲିଆନ୍ ଓପନ ଟେନିସ: କ୍ୱାର୍ଟରରେ ସାବାଲେଙ୍କା, ଆଲ୍‌କାରାଜ

ମେଲବୋର୍ଣ୍ଣ, ୨୫।୧ (ଏଜେନ୍ସି): ଦୁଇ ଟପ୍ ସିଡ ଯଥା ମହିଳା ବିଭାଗର ଆରିନା ସାବାଲେଙ୍କା ଓ ପୁରୁଷ ବିଭାଗରେ କାର୍ଲୋସ ଆଲକାରାଜ ଏଠାରେ ରବିବାର ଖେଳାଯାଇଥିବା ଅଷ୍ଟ୍ରେଲିଆନ୍ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।






ମହିଳା ବିଭାଗରେ ଆଜି ଖେଳାଯାଇଥିବା ପ୍ରି-କ୍ୱାର୍ଟରଫାଇନାଲ ବା ଚତୁର୍ଥ ରାଉଣ୍ଡ ମୁକାବିଲାରେ ସାବାଲେଙ୍କା ୧୭ତମ ସିଡ୍ କନାଡାର ଭିକ୍ଟୋରିଆ ଏମ୍‌ବକୋଙ୍କୁ ୨-୦ରେ ହରାଇ କ୍ୱାର୍ଟରରେ ପ୍ରବେଶ କରିଥିଲେ। କ୍ୱାର୍ଟରରେ ତାଙ୍କର ଆମେରିକୀୟ ଖେଳାଳି ଇଭା ଜୋଭିଚ୍‌ଙ୍କ ସହ ମୁକାବିଲା ହେବ। ଜୋଭିଚ୍ ଅନ୍ୟ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ୬-୦, ୬-୧ ସିଧାସଳଖ ସେଟ୍‌ରେ କାଜାଖସ୍ଥାନର ୟୁଲିଆ ପୁଟିନ ସୋଭାଙ୍କୁ ପରାସ୍ତ କରିଥିଲେ। ମହିଳା ବିଭାଗର ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଆମେରିକାର କୋକୋ ଗଫ୍‌ଙ୍କ ସହ ୟୁକ୍ରେନର ଏଲିନା ଭିଟୋଲିନାଙ୍କ ସହ ହେବ। ଆଜି ଖେଳାଯାଇଥିବା ପ୍ରି-କ୍ୱାଟରରେ ଗଫ୍ ୨-୧ରେ ଚେକ୍ ଗଣରାଜ୍ୟର କାରୋଲିନା ମୁଚୋଭାଙ୍କୁ ହରାଇଥିଲେ। ସେହିପରି ପୁରୁଷ ବିଭାଗ କ୍ୱାର୍ଟରରେ ବିଶ୍ୱର ନଂ-୧ ଖେଳାଳି କାର୍ଲୋସ ଆଲକାରାଜଙ୍କ ସହ ୬ଷ୍ଠ ସିଡ୍ ଆଲେକ୍ସ ଡି ମିନାଉରଙ୍କର ମୁକାବିଲା ହେବ। ସେହିପରି ଗତବର୍ଷର ରନର୍ସ ଅପ୍ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ୍‌ଙ୍କ ସହ ନଂ-୨୫ ସିଡ୍ ଆମେରିକାର ଲର୍ନର ଟିଏନ୍‌ଙ୍କ ମଧ୍ୟରେ ମୁକାବିଲା ହେବ। ଜ୍ୱେରେଭ୍ ଗତବର୍ଷ ଏଠାରେ ପୁରୁଷ ଏକକରେ ରନର୍ସ ଅପ୍ ହୋଇଥିଲେ। ସେହିପରି ଚତୁର୍ଥ ସିଡ ନୋଭାକ ଜୋକୋଭିଚ୍ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

## ହକି ଇଣ୍ଡିଆ ଲିଗ୍ ଫାଇନାଲ ଆଜି

### ଟାଇଟଲ୍ ପାଇଁ କଳିଙ୍ଗ ଲାନ୍ସର୍ସ-ରାଞ୍ଚି ରୟାଲ୍ସ ଲଢ଼େଇ

ଭୁବନେଶ୍ୱର, ୨୫ ।୧ (ସମିସ): ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ୭ମ ସଂସ୍କରଣ ଫାଇନାଲ ମ୍ୟାଚ୍ ସୋମବାର ଖେଳାଯିବ। ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଘରୋଇ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଓ ରାଞ୍ଚି ରୟାଲ୍ସ ମଧ୍ୟରେ ଗ୍ରାଣ୍ଡଫାଇନାଲ ମ୍ୟାଚ୍ ରାତି ୭ଟା ୩୦ରେ ଆରମ୍ଭ ହେବ। ଭୁବନେଶ୍ୱରଭିତ୍ତିକ ଦଳ କଳିଙ୍ଗ ଲାନ୍ସର୍ସ ପ୍ରଥମ ଓ ଶେଷଥର ଲାଗି ୨୦୧୭ରେ ଏହି ସମ୍ମାନଜନକ ଟ୍ରଫି ଜିତିଥିଲା। ଫଳରେ କଳିଙ୍ଗ ନିକଟରେ ଦ୍ୱିତୀୟଥର ଲାଗି ଚାମ୍ପିଅନ ହେବାର ସୁଯୋଗ ରହିଛି। ନେଦରଲାଣ୍ଡସର ଆର୍ଥର ଭାନ ଡୋରେନଙ୍କ ନେତୃତ୍ୱରେ ଖେଳୁଥିବା କଳିଙ୍ଗ ଚଳିତ ଲିଗ୍‌ରେ ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଛି। ଲିଗ୍ ପର୍ଯ୍ୟାୟରେ ୭ଟି ମ୍ୟାଚରୁ କ୍ରମାଗତ ୬ ବିଜୟ ଓ ଗୋଟିଏ ପରାଜୟ ସହ ଲାନ୍ସର୍ସ ୧୬ ପଏଣ୍ଟ ପାଇ ଟେବଲ ଶୀର୍ଷରେ ରହିଥିଲା। ଏହାପରେ ପ୍ରଥମ କ୍ୱାଲିଫାୟରରେ କଳିଙ୍ଗ ଲାନ୍ସର୍ସ ୨-୧ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରି ସିଧାସଳଖ ଫାଇନାଲକୁ ପ୍ରବେଶ କରିଥିଲା। ସେହିଭଳି ସୋମବାର ସନ୍ଧ୍ୟା ୫ଟାରେ ଏଚ୍‌ଆଇଏଲ୍ ଜିସି ଓ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ କାଂସ୍ୟ ପଦକ ଲାଗି ଲଢ଼େଇ ହେବ।




## ପାମେଲା ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ କୋଚ୍

ନୂଆଦିଲ୍ଲୀ,୨୫।୧(ଏଜେନ୍ସି): ଇଟାଲୀର ସୁପରଷ୍ଟାର ପାମେଲା କୋଣ୍ଟି ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ ଦଳର ହେଡ୍ କୋଚ ନିଯୁକ୍ତ ହୋଇଛନ୍ତି। ଏହା ପରେ ସେ ଆନ୍ଧ୍ରପ୍ରଦେଶର ଅନନ୍ତପୁରଠାରେ ଚାଲିଥିବା କ୍ୟାମ୍ପରେ ଯୋଗ ଦେଇଛନ୍ତି। ତାଙ୍କ ଭାଇ ଭିନ୍‌ସେଞ୍ଜୋ କୋଣ୍ଟି ଆସିଷ୍ଟାଣ୍ଟ କୋଚ୍ ରହିଛନ୍ତି। ପୂର୍ବପରି ନିଭେଥା ରାମାଦୋସ୍ ଆସିଷ୍ଟାଣ୍ଟ କୋଚ୍ ଭାବେ ଦାୟିତ୍ୱ ତୁଲାଉଛନ୍ତି। ନେପାଳରେ ଜାନୁଆରୀ ୩୧ରୁ ଫେବୃଆରୀ ୭ ଯାଏ ଖେଳାଯିବାକୁ ଥିବା ସାଫ୍ ୧୯ ବର୍ଷରୁ କମ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଥର ଖେଳିବେ। ଏହା ପରେ ଚୀନ୍‌ରେ ହେବାକୁ ଥିବା ଏସିଆ କପ୍‌ରେ ସେମାନେ ଭାଗ ନେବେ।

## ସିକେ ନାଇଡୁ ଟ୍ରଫି: ଇନିଂସ ବିଜୟ ଦ୍ୱାରରେ ଓଡ଼ିଶା

ଭୁବନେଶ୍ୱର, ୨୫ ।୧ (ସମିସ): ବଲାଙ୍ଗିରର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ହରିୟାଣା ବିପକ୍ଷରେ ଚାଲିଥିବା ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ଓଡ଼ିଶା ଇନିଂସ ବିଜୟ ସମ୍ଭାବନା ସୃଷ୍ଟି କରିଛି।





୩୩୮ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭ୍ରମଣକାରୀ ହରିୟାଣା ରବିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୪ ୱିକେଟ୍‌ରେ ୧୨୬ ରନ ସଂଗ୍ରହ କରିଛି। ସୋମବାର ମ୍ୟାଚର ଅନ୍ତିମ ଦିବସ। ୬ ୱିକେଟ୍ ବଳକା ଥାଇ ହରିୟାଣା ପାଳି ପରାଜୟ ଏଡ଼ାଇବା ଲାଗି ଆହୁରି ୨୧୨ ରନ ଆବଶ୍ୟକ କରୁଛି। ଅପରପକ୍ଷରେ ହରିୟାଣାର ବଳକା ୬ଟି ୱିକେଟ୍ ଶୀଘ୍ର ନେଇ ଘରୋଇ ଓଡ଼ିଶା ଇନିଂସ ବିଜୟ ସହ ବୋନସ ପଏଣ୍ଟ ହାତେଇବା ଲକ୍ଷ୍ୟରେ ରହିଛି। ପୂର୍ବରୁ ହରିୟାଣାର ପ୍ରଥମ ପାଳି ସ୍କୋର ୨୭୬ ରନ ଜବାବରେ ଓଡ଼ିଶା ୯ ୱିକେଟ୍‌ରେ ୬୧୪ ରନର ବିଶାଳ ସ୍କୋର କରି ଘୋଷଣା କରିଥିଲା। ଓଡ଼ିଶା ପକ୍ଷରୁ ସୂଜଲ ସିଂ ୧୫୬, ଶ୍ରେୟାଂଶ ଭରଦ୍ୱାଜ ୧୨୧, ଆଶୀର୍ବାଦ ସ୍ୱାଇଁ ୮୨, ସାଇଦୀପ୍ ମହାପାତ୍ର ୬୫ ରନର ଉଲ୍ଲେଖନୀୟ ପାଳି ଖେଳିଥିଲେ।





## ରଣଜୀ ଟ୍ରଫି କ୍ରିକେଟ

# ତାମିଲନାଡୁଠାରୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୨୫।୧ (ସମିସ): ପ୍ରତ୍ୟାବର୍ତ୍ତନ ଖେଳାଳି ସୋନୁ ଯାଦବଙ୍କ ଅଲରାଉଣ୍ଡ ସଫଳତା ବଳରେ କିଟ୍ ଷ୍ଟାଡିୟମ୍‌ରେ ଆଜି ଶେଷ ହୋଇଥିବା ୬ଷ୍ଠ ରାଉଣ୍ଡ ଗ୍ରୁପ୍-ଏ' ଏଲିଟ ରଣଜୀ ମ୍ୟାଚ୍‌ରେ ଓଡ଼ିଶା ୨୦୭ ରନ୍‌ର ବଡ଼ ବ୍ୟବଧାନରେ ପରାଜିତ ହୋଇଛି। ଏହା ଫଳରେ ଚଳିତ ସିଜନରେ ଦଳ ୬ଷ୍ଠ ପରାଜୟ ସହ ୭ ପଏଣ୍ଟ ପାଇ ଟେବଲର ୭ମ ସ୍ଥାନରେ ରହିଛି। ଓଡ଼ିଶା ପଛକୁ କେବଳ ନାଗାଲାଣ୍ଡ ରହିଛି। ଓଡ଼ିଶା ତାହାର ଶେଷ ଲିଗ୍ ମ୍ୟାଚ୍ ଝାଡଖଣ୍ଡ ସହ କିନାନ ଷ୍ଟାଡିୟମ୍‌ରେ ଜାନୁଆରୀ ୨୯ରୁ ଖେଳିବ। ଏହି ମ୍ୟାଚ୍‌ରେ ପରାଜିତ ହେଲେ ଓଡ଼ିଶା ପ୍ଲେଟ୍ ଲିଗ୍‌କୁ ଖସିଯିବାର ଆଶଙ୍କା ରହିଛି। ଏହି ମ୍ୟାଚ୍‌ରେ ୭ଟି ୱିକେଟ ନେବା ସହ ୮୨ ରନ୍ କରିଥିବା ତାମିଲନାଡୁର ପେସ୍ ବୋଲିଂ ଅଲରାଉଣ୍ଡର ସୋନୁ ଯାଦବଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଛି।


ଅନିଲ ପରିଡ଼ା

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ତାମିଲନାଡୁ ୨୮୬ ରନ୍ କରିଥିଲା। ଜବାବରେ ଓଡ଼ିଶା ୧୪୮ ରନ୍‌ରେ ଆଉଟ ହୋଇଯାଇଥିଲା। ୧୩୮ ରନ୍‌ରେ ଆଗୁଆ ଥିବା ତାମିଲନାଡୁ ଦ୍ୱିତୀୟ ଇନିଂସରେ ୩୧୬ ରନ୍ କରିବା ପରେ ଓଡ଼ିଶା ଆଗରେ ୪୫୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ଓଡ଼ିଶା ଦଳ ଅନିଲ ପରିଡ଼ାଙ୍କ ୯୮ ଓ ଶଭ୍ରାଂଶୁ ସେନାପତିଙ୍କ ୫୫ ରନ୍ ସହାୟତାରେ ୨୪୭ ରନ୍‌ରେ ଅଲଆଉଟ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଫାଷ୍ଟ ବୋଲର ରାଜେଶ ମହାନ୍ତି ୩୦ ଗୋବିନ୍ଦ ପୋଦ୍ଦାର ୨୭ ରନ୍‌ର ଯୋଗଦାନ ଦେଇଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS